# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୫/୨୦୨୦ (୧୩ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 5/2020 | ★★★★★★

୪୭ଶ ଭାଗ ୨୨୦ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ବିଦେଶରେ ଶିକ୍ଷା ସ୍ୱପ୍ନ



**ଉଦ୍‌ବେଗ ବଢ଼ାଇଲା ସର୍ଭେ ରିପୋର୍ଟ**

- ଡାକ୍ତରଙ୍କ ଅଭାବ ବଢ଼ାଇବ ସ୍ୱାସ୍ଥ୍ୟ ସମସ୍ୟା
- ଅନ୍ୟ କ୍ଷେତ୍ରରେ ମଧ୍ୟ ମିଳିବେନି ଆବଶ୍ୟକ ପ୍ରଫେଶନାଲ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୪।୭**

ଡାକ୍ତରୀ ଶିକ୍ଷା ପାଇଁ ଓଡ଼ିଶାରେ ମାତ୍ର ୧୫୦୦ ସିଟ୍ ରହିଛି। ହେଲେ ଆଶାୟୀଙ୍କ ସଂଖ୍ୟା ଏହାଠାରୁ ୩୦ଗୁଣା ଅଧିକ ଅର୍ଥାତ୍ ୩୫ରୁ ୪୦ ହଜାର ରହୁଛି। ତେଣୁ ଛାତ୍ରୀଛାତ୍ର ଅନ୍ୟ ରାଜ୍ୟରେ ଥିବା ବିଭିନ୍ନ ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହ ଦେଖାଇ ଅଧିକାଂଶ ନିରାଶ ହୋଇଥାନ୍ତି। ଫଳରେ ପ୍ରତିବର୍ଷ ରାଜ୍ୟର ପ୍ରାୟ ୧୨୦୦ ଛାତ୍ରୀଛାତ୍ର ଡାକ୍ତରୀ ଶିକ୍ଷା ଗ୍ରହଣ ଲାଗି ୟୁକ୍ରେନ, ବ୍ରିଟେନ (ୟୁକେ) ଆଦି ଦେଶକୁ ଯାଇଥାନ୍ତି। ତେବେ ଏଥର କରୋନା ସଂକ୍ରମଣ ଛାତ୍ରୀଛାତ୍ରଙ୍କ ଡାକ୍ତର ହେବାର ସବୁ ସ୍ୱପ୍ନକୁ ବିଗାଡି ଦେଇଛି। ଏପର୍ଯ୍ୟନ୍ତ ମେଡିକାଲ ନାମଲେଖା ପାଇଁ ନିଟ୍ ବା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ହୋଇପାରୁନି। ସେପ୍ଟେମ୍ବରରେ ପରୀକ୍ଷା କରାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏବେ ଧାର୍ଯ୍ୟ ହୋଇଛି। ପରୀକ୍ଷା, ନାମଲେଖା ସରୁ ସରୁ ଅକ୍ଟୋବର ସରିଯିବ। ସେତେବେଳକୁ ବିଦେଶରେ ଥିବା ଶିକ୍ଷାନୁଷ୍ଠାନଗୁଡିକରେ ନାମଲେଖା ସରିଯାଇଥିବ। ତେଣୁ ଓଡ଼ିଶା ତଥା ଭାରତୀୟ ପିଲାମାନେ ବିଦେଶରେ ନାମ ଲେଖାଇବା ସମ୍ଭବପର ହେବ ନାହିଁ। ଫଳରେ ଆଗକୁ ଡାକ୍ତର ସଙ୍କଟ ଦେଖାଦେବ। ବର୍ତ୍ତମାନ କରୋନା ସ୍ଥିତି ଜଟିଳ ରୂପ ଧାରଣ କରିଥିବାବେଳେ ଡାକ୍ତର ଅଭାବ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭୟଙ୍କର ସ୍ଥିତି ସୃଷ୍ଟି କରିବ।


ଅନ୍ୟପକ୍ଷରେ କରୋନା ମହାମାରୀ ପାଇଁ ବିଦେଶୀ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉପରେ ଅଧିକାଂଶ ଦେଶ କଟକଣା ଲଗାଇଛନ୍ତି। ଯେଉଁ ପିଲାମାନେ ବାହାରକୁ ଯିବା ପାଇଁ ଇଚ୍ଛା କରିଥିଲେ ସେମାନେ ଆଉ ଯାଇପାରିବେ ନାହିଁ। ପ୍ରଥମତଃ କରୋନା ଭୟ। ଦ୍ୱିତୀୟତଃ ଭାରତର ଶିକ୍ଷାବର୍ଷ ସହ ଉକ୍ତ ଦେଶର ☞ପୃଷ୍ଠା-୪

# ଆଇପିଏସ୍ ଅଫିସରଙ୍କୁ ଠକିଦେଲେ ବିଲ୍ଡର

**ଭୁବନେଶ୍ୱର,୪।୭ (ବ୍ୟୁରୋ)**

- ଘର ଦେବାକୁ କହି ୩ଲକ୍ଷ ନେଇଗଲେ
- ଥାନାରେ ମାମଲା ପରେ ସମାଧାନ ଯୋଜନା

ରାଜଧାନୀ ଭୁବନେଶ୍ୱରରେ ଜମି ଓ ଘର କିଣାବିକାକୁ ନେଇ ବଡ଼ ବଡ଼ ଠକେଇ ହୋଇଛି। କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଅଭିଯୋଗର ଲମ୍ୱା ତାଲିକା ଗଢୁଛି। ଅଧିକାଂଶ ଥାନାର ପୋଲିସକୁ ହାତବାରିସ କରି ବିଲ୍ଡରମାନେ ସାଧାରଣ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିନେଉଛନ୍ତି। ଶହଶହ ଏକର ଜମି ଜବରଦଖଲ କରୁଛନ୍ତି। ଏବେ ଖୋଦ୍ ପୋଲିସ ଠକେଇର ଶିକାର ହୋଇଛି। ଜଣେ ଆଇପିଏସ୍ ଅଫିସର ଭୁବନେଶ୍ୱରରେ ଘରଟିଏ ପାଇବା ଆଶାରେ ୩ ଲକ୍ଷ ହରାଇଛନ୍ତି। ସାଧାରଣ ଅଭିଯୋଗକୁ ଗ୍ରହଣ କରିବାକୁ କୁଣ୍ଠକୁଣ୍ଠ ହେଉଥିବା ଚନ୍ଦ୍ରଶେଖରପୁର ଥାନା ପୋଲିସ ବଡ଼ବାବୁଙ୍କ ଅଭିଯୋଗ ପାଇବା ପରେ ତତ୍ପର ହୋଇପଡିଛି। ବିଲ୍ଡର ରାଜେଶ ଅମ୍ୱାନୀ ଓ ଅନ୍ୟ କେତେଜଣଙ୍କ ନାମରେ ଆଇପିସି ଦଫା ୪୧୯, ୪୨୦, ୫୦୬ ଓ ୩୪ରେ ମାମଲା (ନଂ.୨୨୮/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଠକେଇ ଫାଶରେ ଫସିଥିବା ଆଇପିଏସ୍ ଅଫିସର ହେଲେ ୧୯୮୮ ବ୍ୟାଚ୍‌ର ରବି କାନ୍ତ। ସେ ଏବେ ଓଡ଼ିଶା ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀରେ ସ୍ପେଶାଲ ରେସିଡେଣ୍ଟ କମିଶନର ଅଫିସ୍‌ରେ ରେସିଡେଣ୍ଟ କମିଶନର ଭାବେ ଅବସ୍ଥାପିତ ଅଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଦିଲ୍ଲୀରେ ବିଲ୍ଡର ରାଜେଶ ଅମ୍ୱାନୀଙ୍କ ସହ ଫୋନ୍‌ରେ ତାଙ୍କର ଯୋଗାଯୋଗ ହୋଇଥିଲା। ସାରା ଦେଶରେ ତାଙ୍କର ଗ୍ୟାସ୍ ଏଜେନ୍ସି ଥିବା ସହ ଅନେକ ବଡ଼ ବଡ଼ ଘର ଓ ଜମି ପ୍ରୋଜେକ୍ଟ କାମ ଚାଲିଥିବା କହି ରାଜେଶ ପ୍ରଥମେ ବିଶ୍ୱାସ ଜନ୍ମାଇଥିଲେ। ଭୁବନେଶ୍ୱରରେ ଏକାଧିକ ପ୍ରୋଜେକ୍ଟ କରି ଲୋକଙ୍କୁ ଯୋଗାଇଥିବା ଶୁଣି ନିଜ ପାଇଁ ଘରଟିଏ ☞ପୃଷ୍ଠା-୪




# ବର ଗିରଫ, ମେ'ଫେୟାର ସିଲ୍




**ବ୍ରହ୍ମପୁର ଅଫିସ/ଗୋପାଳପୁର,୪।୭**

**କୋଭିଡ୍ ନିୟମ ଉଲ୍ଲଂଘନ କରି ବାହାଘର**

ଗଞ୍ଜାମ ଜିଲାରେ ଭୟଙ୍କର ରୂପ ନେଉଛି କରୋନା। ଏହାର ମୁକାବିଲା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ମାତ୍ର ସବୁ ନିୟମକୁ ଫୁଁ' କରି ଗୋପାଳପୁର ଥାନା ଇଲାକାରେ ବ୍ରହ୍ମପୁର ସହରର ଜଣେ ପ୍ରତିଷ୍ଠିତ ହୋଟେଲ ମାଲିକଙ୍କ ପୁଅ ବାହାଘର ଗତ ୨ ତାରିଖରେ ହୋଇଥିଲା। ଶୋଭାଯାତ୍ରାରେ ବରଯାତ୍ରୀମାନେ ସାମାଜିକ ଦୂରତା ନମାନି ବିନା ମାସ୍କରେ ଯାଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଭିଡିଓଟି ଜିଲାପାଳଙ୍କ ଦୃଷ୍ଟିକୁ ଆସିବାପରେ ବର ଓ ବରପିତାଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯିବା ସହ ଗୋପାଳପୁରରେ ଥିବା ହୋଟେଲ ମେ' ଫେୟାରକୁ ୭ଦିନ ପାଇଁ ଜିଲାପାଳ ସିଲ୍ କରିଛନ୍ତି। ଏନେଇ ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ☞ପୃଷ୍ଠା-୪


ରତ୍ନବେଦିରେ ଚତୁର୍ଦ୍ଧାମୂର୍ତ୍ତି
........୩........
ଚଳିତବର୍ଷ ବୋଲ୍‌ବମ୍ ବନ୍ଦ
........୩........
ଆଇଟି ରିଟର୍ନ ଫାଇଲିଂ ସୀମା ନଭେମ୍ବର ୩୦ ଯାଏ ବୃଦ୍ଧି
........୩........
ବୁଧବାର ଯାଏ କଟକ ସହର ଶଟ୍‌ଡାଉନ୍
........୫........


**ଆଜିର ସମ୍ପାଦକୀୟ**
ଏକଜୁଟ ହେବାକୁ ପଡ଼ିବ

**ବଜ୍ରପାତରେ ୨୩ ମୃତ**

ବିହାରରେ ବଜ୍ରପାତ ଯୋଗୁ ଶନିବାର ୨୩ ଜଣଙ୍କ ମୃତ୍ୟୁ ଘଟିଛି। ଭୋଜପୁରରେ ସର୍ବାଧିକ ୯ ଜଣ ପ୍ରାଣ ହରାଇଥିବା ବେଳେ ସରନ, କୈମୁର, ପାଟନା ଓ ବକ୍ସର ଜିଲାରେ ଅନ୍ୟ ୧୪ ଜଣଙ୍କ ଜୀବନ ଯାଇଛି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମୃତକଙ୍କ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ଲାଗି ଘୋଷଣା କରିଛନ୍ତି।


ଜାପାନରେ ପ୍ରଳୟଙ୍କରୀ ବନ୍ୟା ତାଣ୍ଡବ ରଚିଛି। ହିରୋୟୋଶିରେ ଆକାଶମାର୍ଗରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

# 'କରୋନାର ସ୍ଥାୟୀ ପ୍ରତିକାର ଦେଇପାରିବ ବୁଦ୍ଧଙ୍କ ବାଣୀ'

**ନୂଆଦିଲ୍ଲୀ,୪।୭(ପି.ଟି.)**

ଭଗବାନ ବୁଦ୍ଧଙ୍କ ବାର୍ତ୍ତାର ଏବେ ମଧ୍ୟ ପ୍ରାସଙ୍ଗିକତା ରହିଛି ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ସାରା ବିଶ୍ୱ କରୋନା ମହାମାରୀ ବିରୋଧରେ ଲଢ଼େଇ କରୁଥିବାବେଳେ ବୁଦ୍ଧଙ୍କ ବାଣୀ ଆଲୋକବର୍ତ୍ତିକା ଭଳି କାର୍ଯ୍ୟ କରିଥିବା ସେମାନେ କହିଛନ୍ତି। ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘ ଏବଂ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ଆୟୋଜିତ ଧର୍ମଚକ୍ର ଦିବସ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଥିଲେ, ମାନବ ଯନ୍ତ୍ରଣାର ଉପଶମ ପାଇଁ ବୁଦ୍ଧଙ୍କ ୨୫୦୦ ବର୍ଷ ତଳେ ପ୍ରଚାର କରିଥିବା ବାର୍ତ୍ତାର ସେଦିନ ଭଳି


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି


ଆଜି ମଧ୍ୟ ପ୍ରାସଙ୍ଗିକ। ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ବୋଧନ ଦେଇ କହିଛନ୍ତି, ଭଗବାନ ବୁଦ୍ଧ ଆଶା ଓ ଉଦ୍ଦେଶ୍ୟର ପ୍ରତୀକ। ତାଙ୍କ ପାଇଁ ମାନବ ଯନ୍ତ୍ରଣା ଦୂର ହୋଇଥିଲା। ଏହି ଅବସରରେ ଆମକୁ ଜନସାଧାରଣଙ୍କ ମଧ୍ୟରେ ଥିବା ଆଶାକୁ ବଢ଼ାଇବାକୁ ହେବ।


କରୋନା ଭାଇରସ୍ ଯୋଗୁ ବ୍ରିଟେନର ଚର୍ଚ୍ଚଗୁଡ଼ିକରେ ବିବାହ ଉପରେ ଲଗାଯାଇଥିବା କଟକଣାକୁ ହଟାଇ ସସର୍ତ୍ତ ଅନୁମତି ଦିଆଯିବା ପରେ ଲିଡ୍ସସ୍ଥିତ ସେଣ୍ଟ ଜର୍ଜ ଚର୍ଚ୍ଚରେ ନବବିବାହିତ ଦମ୍ପତି ଟମ୍ ଓ ହଥର ପରସ୍ପରକୁ ଚୁମ୍ବନ ଦେଉଛନ୍ତି।

# ୨୪ ଘଣ୍ଟାରେ ୨୩ ହଜାର ସଂକ୍ରମିତ

**ନୂଆଦିଲ୍ଲୀ,୪।୭**

ଭାରତରେ ଗୋଟିଏ ଦିନରେ ସର୍ବାଧିକ ୨୨,୭୭୧ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ମିଶାଇ ଶନିବାର ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୬,୪୮,୩୧୫ରେ ପହଞ୍ଚିଛି। ୨୪ ଘଣ୍ଟା ମଧ୍ୟରେ ୪୪୨ ଜଣଙ୍କ ଜୀବନ ଯାଇଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୧୮,୬୫୫ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଶନିବାର ସୁଦ୍ଧା ୩,୯୪,୨୨୬ ଜଣ ସୁସ୍ଥ ହୋଇଥିବାବେଳେ ୨,୩୫,୪୩୩ ସକ୍ରିୟ ମାମଲା ରହିଛି। ଆରୋଗ୍ୟ ହାର ୬୦.୮୦ ପ୍ରତିଶତକୁ ବୃଦ୍ଧି ପାଇଛି। ୨୪ ଘଣ୍ଟାରେ ୪୪୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ



ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୧୯୮ ଜଣ ରହିଛନ୍ତି। ଅନ୍ୟ ରାଜ୍ୟ ମଧ୍ୟରେ ଦିଲ୍ଲୀରେ ଗୋଟିଏ ଦିନରେ ୫୯, ତାମିଲନାଡୁରେ ୬୪, କର୍ଣ୍ଣାଟକରେ ୨୧, ଗୁଜରାଟ ଓ ପଶ୍ଚିମବଙ୍ଗରେ ୧୮ଜଣ ଲେଖାଏ,

**ରେକର୍ଡ ଭାଙ୍ଗୁଛି କରୋନା**

**ଦେଶରେ ମୃତ୍ୟୁସଂଖ୍ୟା ୧୮,୬୫୫**

ଉତ୍ତରପ୍ରଦେଶରେ ୧୪, ରାଜସ୍ଥାନରେ ୧୦, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ୮ ଜଣ ଲେଖାଏ, ପଞ୍ଜାବରେ ୫, ହରିୟାଣା, ମଧ୍ୟପ୍ରଦେଶ ଓ ଜମ୍ମୁ-କଶ୍ମୀରରେ ୪ ଜଣ ଲେଖାଏ, ବିହାରରେ ୩ ଏବଂ ଆସାମ ଓ ଓଡ଼ିଶାରେ ୨ ଜଣ ଲେଖାଏ କରୋନାରେ ପ୍ରାଣ ହରାଇଛନ୍ତି।

# 'ଭୂତାଣୁ ସମ୍ପର୍କରେ ଚାଇନା ସତର୍କ କରି ନ ଥିଲା'

**ଜେନେଭା,୪।୭:** ଶେଷରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସତ ମାନିଛି। ଭୂତାଣୁ ନେଇ ଚାଇନା ଆମକୁ ସତର୍କ କରି ନ ଥିଲା ବରଂ ଉହାନ୍‌ରେ ଦେଖାଦେଇଥିବା ପ୍ରଥମ ନିମୋନିଆ ସମ୍ପର୍କରେ ଅବଗତ କରାଇଥିଲା ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତିସଂଘ ସ୍ୱାସ୍ଥ୍ୟ ବିଭାଗକୁ ଦାୟୀକରି କରୋନା ସମ୍ପର୍କରେ ଆଗୁଆ ସତର୍କ କରାଗଲା ନାହିଁ କାହିଁକି ବୋଲି ଅଭିଯୋଗ କରିଥିଲେ। ଆଗରୁ ଅବଗତ କରାଇଥିଲେ ମହାମାରୀ ରୋକିବା ସହଜ ହୋଇଥାନ୍ତା ବୋଲି ସେ ପ୍ରକାଶ

**ସତ ଓକାଳିଲା ଡବ୍ଲ୍ୟୁଏଚ୍‌ଓ**


ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସେସ୍

କରିଥିଲେ। ପ୍ରଥମେ ଉହାନ୍ ମ୍ୟୁନିସିପାଲ କମିଶନ ଡିସେମ୍ବର ୩୧ରେ ନିମୋନିଆ ବୋଲି ରିପୋର୍ଟ ଦେଇଥିଲେ। ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସେସ୍ ଏପ୍ରିଲ ୨୦ରେ ଚାଇନାରୁ ପ୍ରଥମେ ଏନେଇ ରିପୋର୍ଟ ଆସିଥିବା କହିଥିଲେ। ଚଳିତ ସପ୍ତାହରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ବିସ୍ତୃତ ବିବରଣୀ ଦିଆଯାଇଛି। ଏଥିରେ ସଙ୍ଗଠନ ପକ୍ଷରୁ ଚାଇନା ନୁହେଁ ବରଂ ସେଠାରେ ଥିବା ଡବ୍ଲ୍ୟୁଏଚ୍‌ଓ ଅଫିସ ଡିସେମ୍ବର ୩୧ରେ ପ୍ରଥମେ ଭୂତାଣୁ ସମ୍ପର୍କରେ ସତର୍କ କରାଇଥିଲା ବୋଲି ଦର୍ଶାଯାଇଛି। ଏହା ପରେ ଜାନୁୟାରୀ ୧ ଓ ୨ରେ ଚାଇନା ଅଧିକାରୀଙ୍କୁ ପଚରାଯିବାରୁ ଜାନୁୟାରୀ ୩ରେ ତଥ୍ୟ ଦିଆଯାଇଥିଲା।

# 'ବୈଜ୍ଞାନିକ ଗବେଷଣା ନିର୍ଦ୍ଦେଶ ଅନୁସାରେ କରାଯିବା ଅନୁଚିତ'

**ନୂଆଦିଲ୍ଲୀ,୪।୭:** ମହାମାରୀ କରୋନା ଭୂତାଣୁକୁ ରୋକିବା ଲାଗି ପ୍ରସ୍ତୁତ କରାଯାଉଥିବା ଟିକାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ସିପିଏମ୍ ମହାସଚିବ ସୀତାରାମ ୟେଚୁରୀ କହିଛନ୍ତି, ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍‌ଆର୍) କରୋନା ଭାଇରସ୍ ଟିକା ପ୍ରସ୍ତୁତ କରିବା ଅଭିଯାନକୁ ଜୋର୍‌ଦାର କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଏନେଇ ଯେମିତି ଘୋଷଣା କରିପାରିବେ, ସେଥିଲାଗି ଯୁଦ୍ଧକାଳୀନ ଭିତ୍ତିରେ କୋଭିଡ୍ ଟିକା ପ୍ରସ୍ତୁତ କରାଯାଉଛି। କୋଭିଡ୍-୧୯ର ସ୍ୱଦେଶୀ ଟିକା ଲାଗି ଆଇସିଏମ୍‌ଆର ଅଗଷ୍ଟ ୧୫ ତାରିଖ ଧାର୍ଯ୍ୟ କରିଛି। ଏଥିଲାଗି ବିଭିନ୍ନ ହସ୍ପିଟାଲ ଓ ଚିକିତ୍ସକଙ୍କୁ ଭାରତ ବାୟୋଟେକ୍‌କୁ ସହଯୋଗ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଟିକାର ପରୀକ୍ଷା କରିବା ଲାଗି ମଧ୍ୟ କୁହାଯାଇଛି। ହେଲେ ଏଭଳି ତରବରିଆ ଭାବେ ବୈଜ୍ଞାନିକ ବିଶ୍ଳେଷଣ କରାଯିବା ଅନୁଚିତ। ସବୁ ସ୍ୱାସ୍ଥ୍ୟଗତ ମାନଦଣ୍ଡ ଓ ସୁରକ୍ଷାକୁ ଜଳାଞ୍ଜଳି ଦିଆଯାଇ ଜୋର୍ ଜବରଦସ୍ତ ଟିକା ବାହାର କରାଯିବା ଠିକ୍ ନୁହେଁ



> ଆଇସିଏମ୍‌ଆର୍ କୋଭିଡ୍-୧୯ର ସ୍ୱଦେଶୀ ଟିକା ଅଗଷ୍ଟ ୧୫ ସୁଦ୍ଧା ଉପଲବ୍ଧ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। କାରଣ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଏନେଇ ଘୋଷଣା କରିପାରିବେ।
>
> - ସୀତାରାମ ୟେଚୁରୀ


ବୋଲି ୟେଚୁରୀ କହିଛନ୍ତି। ବିଶ୍ୱ ମହାମାରୀକୁ ହଟାଇବା ଲାଗି ପ୍ରସ୍ତୁତ ଟିକା ଉନ୍ନତ ମାନର ହେବା ଉଚିତ। ଏହି ଟିକା ପରୀକ୍ଷା ଓ ବିକଶିତ କରିବା ଲାଗି ସମୟ ଲାଗିଥାଏ। ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟକରି ବିଶେଷଜ୍ଞ ଡାକ୍ତରଙ୍କ ଉପରେ ଚାପ ପକାଇ ଟିକା ପ୍ରସ୍ତୁତ କରାଯିବା ଠିକ୍ ନୁହେଁ ବୋଲି ସେ ଅଭିଯୋଗ କରିଛନ୍ତି। ଆଇସିଏମ୍‌ଆର କୌଣସି ସଂସ୍ଥାକୁ ଧମକାଇ କାର୍ଯ୍ୟ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# 'ମୋଦି ରାଜଧର୍ମ ପାଳନ କରନ୍ତୁ'

**ନୂଆଦିଲ୍ଲୀ,୪।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେହରେ ଯବାନମାନଙ୍କୁ ସମ୍ବୋଧିତ କରିବାର ଦିନକ ପରେ କଂଗ୍ରେସ ତାଙ୍କୁ ରାଜଧର୍ମ ପାଳନ କରିବାକୁ ପରାମର୍ଶ ଦେଇଛି। ଚାଇନାର ଅତିକ୍ରମଣ ସମ୍ପର୍କରେ ଦେଶବାସୀ ବାସ୍ତବ କଥା ଜାଣିବାକୁ ଚାହୁଁଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ ଶନିବାର ଏକ ଭର୍ଚୁଆଲ ପ୍ରେସ୍ ମିଟ୍‌ରେ ମେ'ରୁ ଜୁନ ମାସ ପର୍ଯ୍ୟନ୍ତ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦର ସାଟେଲାଇଟ୍ ଚିତ୍ର ଦେଖାଇଛନ୍ତି। ଉକ୍ତ ଅଞ୍ଚଳରେ ଚାଇନା ପକ୍ଷରୁ ନିର୍ମାଣ କରାଯାଇଥିବା ଢାଞ୍ଚାକୁ ଦେଖାଇ ପ୍ରଧାନମନ୍ତ୍ରୀ ଏହା ଉପରେ ସତ କୁହନ୍ତୁ ବୋଲି ସେ ଦାବି କରିଛନ୍ତି। ମୋଦି 'ଭ୍ରମ ଓ ଭ୍ରାନ୍ତି'ର ରାଜନୀତି ବନ୍ଦ କରି ଚାଇନାକୁ ନାଲିଆଖି ଦେଖାଇବା ସହ ଭାରତୀୟ ଭୂଖଣ୍ଡକୁ ସୁରକ୍ଷା ଦିଅନ୍ତୁ।


କଂଗ୍ରେସ ନେତା କପିଳ ସିବଲ


ଏହା ହେଉଛି ଏକମାତ୍ର ରାଜଧର୍ମ, ଯାହାକୁ ପ୍ରଧାନମନ୍ତ୍ରୀ ପାଳନ କରିବା ଉଚିତ ବୋଲି ସିବଲ କହିଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଦେଶଭକ୍ତ ଲଦାଖବାସୀ ଚାଇନାର ଅନୁପ୍ରବେଶ ବିରୋଧରେ ସ୍ୱର ଉତ୍ତୋଳନ କରି ଭାରତକୁ ସତର୍କ କରାଉଛନ୍ତି। ସେମାନଙ୍କ ସତର୍କବାଣୀକୁ ଅଣଦେଖା କଲେ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ରାହୁଲ ଟୁଇଟ୍ କରିଛନ୍ତି।

# ୨୦୩୬ ଯାଏ ରାଷ୍ଟ୍ରପତି ରହିବେ ପୁଟିନ୍

**ମସ୍କୋ,୪।୭**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ୨୦୩୬ ପର୍ଯ୍ୟନ୍ତ କ୍ଷମତାରେ ରହିବେ। ଏଥିପାଇଁ ଅଣାଯାଇଥିବା ସମ୍ବିଧାନ ସଂଶୋଧନ ପ୍ରସ୍ତାବ ସପକ୍ଷରେ ରୁଷିଆ ସୋସାଇଟି ଭୋଟ ଦେଇ ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଇଛି। ରାଷ୍ଟ୍ରପତି ପୁଟିନ୍‌ଙ୍କ ଅନୁମୋଦନକ୍ରମେ ଶନିବାରଠାରୁ ଏହି ସମ୍ବିଧାନ ସଂଶୋଧନ କାର୍ଯ୍ୟକାରୀ ହୋଇଛି। ବୁଧବାର ଶେଷ ହୋଇଥିବା ଭୋଟରେ ୭୮% ଦେଶବାସୀ ସଂସ୍କାର ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ପୁଟିନ୍‌ଙ୍କର ଏହି ଐତିହାସିକ ବିଜୟକୁ କ୍ରେମ୍‌ଲିନ୍ ପକ୍ଷରୁ ପ୍ରଶଂସା କରାଯାଇଛି।

**ନିର୍ଦ୍ଦେଶନାମା ଜାରି**



ତେବେ ଏହି ଭୋଟ ବେଆଇନ ଓ ଅବୈଧ ବୋଲି ସମାଲୋଚକମାନେ କହିଛନ୍ତି।

# ନ୍ୟୁୟର୍କରେ 'ବଏକଟ୍ ଚାଇନା' ରାଲି




**ନ୍ୟୁୟର୍କ,୪।୭(ପି.ଟି.)**

ଆମେରିକାର ନ୍ୟୁୟର୍କ ସହରରେ ଥିବା ଟାଇମ୍ସ ସ୍କୋୟାରରେ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟ ଏକାଠି ହୋଇ ଚାଇନାକୁ ବିରୋଧ କରିବା ସହ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେଇଥିଲେ। ଏହି 'ବଏକଟ୍ ଚାଇନା' ରାଲିରେ ସେମାନେ ବେଜିଂ ଅର୍ଥନୀତିକୁ ବର୍ଜନ କରିବା ସହ ଏହି ଦେଶକୁ କୂଟନୈତିକ ଏକଘରିଆ କରିବା ଲାଗି ଦାବି କରିଥିଲେ। ଲଦାଖ ସୀମାରେ କେତେକ ଅଞ୍ଚଳକୁ ଅକ୍ତିଆର କରିବା ପାଇଁ ଚାଇନା ଚଳାଇଥିବା ଉଦ୍ୟମକୁ ବିକ୍ଷୋଭକାରୀମାନେ ନିନ୍ଦା କରିଥିଲେ। ନ୍ୟୁୟର୍କ ଓ ନ୍ୟୁଜର୍ସିରେ ରହୁଥିବା ଭାରତୀୟଙ୍କ ସମେତ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଆସୋସିଏଶନ୍‌ର କାର୍ଯ୍ୟକର୍ତ୍ତାମାନେ 'ଚାଇନା ଦ୍ରବ୍ୟ ବର୍ଜନ କର', 'ଭାରତ ମାତା କୀ ଜୟ' ଏବଂ ଚାଇନା ଆକ୍ରମଣ ବନ୍ଦ କରୁ ଆଦି ସ୍ଲୋଗାନ ଦେଇଥିଲେ। କରୋନା ମହାମାରୀ ଯୋଗୁ ବିକ୍ଷୋଭକାରୀମାନେ ମାସ୍କ ପିନ୍ଧିଥିଲେ। ବିକ୍ଷୋଭରେ ତିବ୍ବତୀୟ ଏବଂ ତାଇୱାନ ସମ୍ପ୍ରଦାୟର ଲୋକେ ମଧ୍ୟ ସାମିଲ ହୋଇ ଚାଇନାକୁ ବିରୋଧ କରିଥିଲେ।

# କୋଲକାତାକୁ ୬ ସହରରୁ ବିମାନ ଉଡ଼ାଣ ବନ୍ଦ

**ନୂଆଦିଲ୍ଲୀ,୪।୭(ପି.ଟି.)**

ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ପୁଣେ, ନାଗପୁର ଓ ଅହମଦାବାଦରୁ କୋଲକାତାକୁ କୌଣସି ଯାତ୍ରାବାହୀ ବିମାନ ଉଡ଼ାଣ କରିବ ନାହିଁ। ଦେଶରେ କରୋନା ସଂକ୍ରମଣ ବଢ଼ୁଥିବାରୁ ଜୁଲାଇ ୬ରୁ ୧୯ ପର୍ଯ୍ୟନ୍ତ ଏହି କଟକଣା ଜାରି କରାଯାଇଥିବା କୋଲକାତା ବିମାନବନ୍ଦର ପକ୍ଷରୁ କୁହାଯାଇଛି। ଲକ୍‌ଡାଉନ ଯୋଗୁ ଦୁଇମାସ ବିମାନ ସେବା ବନ୍ଦ ରହିବା ପରେ ମେ' ୨୫ରୁ ଦେଶ ଭିତରେ ବିମାନ ଉଡ଼ାଣ ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ବିମାନ ସେବା ଏବେ ମଧ୍ୟ ବନ୍ଦ ରହିଛି।

# ଓଲିଙ୍କ ଭାଗ୍ୟ ନିର୍ଦ୍ଧାରଣ ସୋମବାର

**କାଠମାଣ୍ଡୁ,୪।୭(ପି.ଟି.)**

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ରାଜନୈତିକ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଶାସକ ଦଳ ଏନ୍‌ସିପିର ଗୁରୁତ୍ୱପୂର୍ଣ୍ଣ ଷ୍ଟାଣ୍ଡିଂ କମିଟି ବୈଠକ ଶନିବାର ବସିବାର ଥିଲା। ତେବେ ମତଭେଦ ଦୂର କରିବା ନିମନ୍ତେ ନେତାମାନଙ୍କୁ ଅଧିକ ସମୟ ଦେବା ପାଇଁ ଉକ୍ତ ବୈଠକକୁ ସୋମବାର ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଓଲିଙ୍କ କାର୍ଯ୍ୟଶୈଳୀ ଓ ଭାରତ ବିରୋଧୀ ମନ୍ତବ୍ୟକୁ ଦଳ ଭିତରେ ଜୋର୍‌ଦାର ବିରୋଧ କରାଯିବା ସହ ତାଙ୍କର ଇସ୍ତଫା ଦାବି କରାଯାଇଛି। ଦଳକୁ ବିଭାଜନରୁ ରୋକିବା ପାଇଁ ଶୁକ୍ରବାର ଏନ୍‌ସିପି କାର୍ଯ୍ୟକାରୀ ସଭାପତି ପ୍ରଚଣ୍ଡଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ୩ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଦୁଇନେତା ଦଳର ଏକତା ଓ ବର୍ତ୍ତମାନର ସଙ୍କଟରୁ ଦଳକୁ ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ସ୍ଥିତିର ସମୀକ୍ଷା କରିଥିଲେ। ତେବେ ବୈଠକରେ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା।

# ମାଟିରେ ମିଶିଲା ଗ୍ୟାଙ୍ଗ୍‌ଷ୍ଟରଙ୍କ ବିକାଶଙ୍କ ଘର

**କାନପୁର ଏନ୍‌କାଉଣ୍ଟର**

- ଷ୍ଟେଶନ ଅଫିସର ବିନୟ ତିୱାରୀ ନିଲମ୍ବିତ
- ବିକାଶ ଦୁବେଙ୍କ ପଛରେ ୨୫ ପୋଲିସ ଟିମ୍
- ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ

**ଲକ୍ଷ୍ନୌ,୪।୭(ପି.ଟି./ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର କୁଖ୍ୟାତ୍ ଗ୍ୟାଙ୍ଗ୍‌ଷ୍ଟର ବିକାଶ ଦୁବେଙ୍କୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି। ଜେସିବି ଲଗାଇ ତାଙ୍କ ଘରକୁ ମାଟିରେ ମିଶାଇ ଦିଆଯାଇଛି। ଏହି ମାମଲାରେ ଚୌବେପୁର ଥାନାର ଷ୍ଟେଶନ ଅଫିସର ଏସ୍‌ଓ ବିନୟ ତିୱାରୀଙ୍କୁ ନିଲମ୍ବନ କରାଯାଇଛି। ବିନୟଙ୍କ ସମେତ କେତେଜଣ କର୍ମଚାରୀ ପୋଲିସର ଚଢ଼ାଉ ସମ୍ପର୍କରେ ବିକାଶଙ୍କୁ ଆଗୁଆ ସୂଚନା ଦେଇଥିବାରୁ ଅପରାଧୀମାନେ ଏତେବଡ଼ କାଣ୍ଡ ଭିଆଇବାରେ ସକ୍ଷମ ହେଲେ ବୋଲି କଲ୍ ଡିଟେଲ୍ସରୁ ଜଣାପଡ଼ିଛି ।

କାନପୁର ସ୍ଥିତ ବିକ୍‌ରୁ ଗ୍ରାମରେ ଶୁକ୍ରବାର ଭୋର ସମୟରେ ଘଟିଥିବା କାଣ୍ଡ ସାରା ଦେଶକୁ ଚକିତ କରିଦେଇଛି। ବିକାଶଙ୍କୁ ଧରିବାକୁ ଯାଇଥିବା ଡିଏସ୍‌ପି ଦେବେନ୍ଦ୍ର ମିଶ୍ରଙ୍କ ସମେତ ୮ ପୋଲିସ କର୍ମଚାରୀଙ୍କ ଜୀବନ ଅପରାଧୀଙ୍କ ଅତର୍କିତ ଆକ୍ରମଣରେ ଚାଲିଯିବା ପରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିକାଶଙ୍କୁ ଧରିବା ପାଇଁ ୨୫ଟି ପୋଲିସ ଟିମ୍ ଗଠନ କରାଯାଇଛି। ତାଙ୍କୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି।

ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ଘରେ ଅପରାଧୀମାନେ ଆଶ୍ରୟ ନେଉଥିଲେ। ସେଠାରେ ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବା ସନ୍ଦେହରେ ପୋଲିସ ପକ୍ଷରୁ ଜେସିବି ମେଶିନ ଜରିଆରେ ଘରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ପୋଲିସର ରାସ୍ତା ଅବରୋଧ ପାଇଁ ଉକ୍ତ ଜେସିବି ବ୍ୟବହାର କରାଯାଇଥିଲା। ଗାଁ ଲୋକଙ୍କ ମତରେ ଏହି ନୂଆଘରକୁ ବିକାଶ ୭ ବର୍ଷ ତଳେ ନିର୍ମାଣ କରିଥିଲେ। ଉକ୍ତ ଘରର ମୁଖ୍ୟ ପ୍ରବେଶପଥ ବ୍ୟତୀତ ଅନ୍ୟ ୪ଟି ଏଣ୍ଟ୍ରି ଗେଟ୍ ଥିଲା। ମୁଖ୍ୟ ପ୍ରବେଶପଥରୁ ୮୦ ମିଟର ଦୂରରେ ୪ଟି ବିଳାସପୂର୍ଣ୍ଣ ରୁମ୍ ଥିଲା, ଯେଉଁଠି ବିକାଶ ରହୁଥିଲେ।

ଅନ୍ୟପକ୍ଷରେ ପୋଲିସ ଉପରେ ହୋଇଥିବା ଆକ୍ରମଣରେ ଚୌବେପୁର ଷ୍ଟେଶନ ଅଫିସର ବିନୟ ତିୱାରୀଙ୍କ ଭୂମିକା ସ୍କାନରକୁ ଆସିଥିବାରୁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏହାସହ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ବିନୟଙ୍କ ଦୋଷ ପ୍ରମାଣିତ ହେଲେ ତାଙ୍କୁ ବହିଷ୍କାର କରାଯିବ ବୋଲି ଆଇଜି ମୋହିତ ଅଗ୍ରୱାଲ କହିଛନ୍ତି।


ଗ୍ୟାଙ୍ଗ୍‌ଷ୍ଟର ବିକାଶ ଦୁବେଙ୍କ ଘର ଭଙ୍ଗାଯାଉଛି। (ଇନ୍‌ସେଟ୍‌ରେ ବିକାଶ ଦୁବେ)

## 'ପୁଅକୁ ଗୁଳିକରି ମାରିଦିଅ'

ମୋ ପୁଅ ଅପରାଧ କରିଛି। ତାକୁ ଯେଉଁଠି ଦେଖୁଛ ଏନ୍‌କାଉଣ୍ଟର କରି ମାରିଦିଅ। ଶନିବାର ପୋଲିସକୁ ଏପରି କହିଛନ୍ତି କାନ୍‌ପୁରର ହିଷ୍ଟ୍ରି-ଶିଟର ବିକାଶ ଦୁବେଙ୍କ କ୍ଷୁବ୍ଧ ମା' ଶାରଳା ଦୁବେ।

୮ ପୋଲିସ ଅଧିକାରୀଙ୍କୁ ହତ୍ୟା କରିବା ପରେ ବିକାଶ ନେପାଳକୁ ଫେରାର ହୋଇଯାଇଥିବା କିମ୍ବା ଉତ୍ତରପ୍ରଦେଶର ଏକ ପଡ଼ୋଶୀ ରାଜ୍ୟରେ ଆଶ୍ରୟ ନେଇଥିବା ସନ୍ଦେହ କରାଯାଉଛି। ଏନେଇ ତାଙ୍କ ମା' ଶାରଳା କ୍ରୋଧିତ ହୋଇ କହିଛନ୍ତି, ଘଟଣା ସମ୍ପର୍କରେ ଲୋକଙ୍କଠାରୁ ସେ ଜାଣିବାକୁ ପାଇଲେ। ଟିଭିରେ ମଧ୍ୟ ଦେଖିଲେ। ଅନ୍ୟମାନଙ୍କୁ ଏତେ କଷ୍ଟ ଦେଇଥିବା ବିକାଶଙ୍କୁ ପାପର ଫଳ



ଭୋଗିବାକୁ ପଡ଼ିବ। ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ଉଚିତ। ନ ହେଲେ ତାଙ୍କୁ ଯେଉଁଠି ପାଉଛ ଗୁଳି କରି ମାରିଦିଅ ବୋଲି ସେ କହିଛନ୍ତି। ବିକାଶଙ୍କ ବାପା ରାମ କୁମାର ଦୁବେ ମଧ୍ୟ ଅସହାୟତା ପ୍ରକାଶ କରିବା ସହ ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ପ୍ରକାଶ କରିଛନ୍ତି।

**ହୀରାକୁଦ ଡ୍ୟାମ୍ ଜଳସ୍ତର ୬୦୧.୯୭ ଫୁଟ: ୭ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ**

ସମ୍ବଲପୁର,୪।୭ (ବ୍ୟୁରୋ)– ସମ୍ବଲପୁରସ୍ଥିତ ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶନିବାର ରାତି ୯ଟାସୁଦ୍ଧା ୬୦୧. ୯୭ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ଭିତରକୁ ୩୭ହଜାର ୭୭୧ କ୍ୟୁସେକ ଜଳ ପ୍ରବେଶ କରୁଛି। ବାମ ପାର୍ଶ୍ୱର ୩ ଓ ଡାହାଣ ପାର୍ଶ୍ୱରେ ୪ ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୧,୧୭,୩୯୧ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୧୨ହଜାର, ପଥର୍ଲାରେ ୨୪ ହଜାର ୨୬୬, ଖଇରମାଳରେ ୭୬ ହଜାର, ବରମୁଲରେ ୭୧ ହଜାର, ମୁଣ୍ଡଲୀରେ ୧ ଲକ୍ଷ ୪୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

## ସଂକ୍ଷେପରେ

### ଜାତିସଂଘର ନୀତି ଅଧିକାରୀ ହେଲେ ଓଡ଼ିଆ ଝିଅ



**ଭୁବନେଶ୍ୱର,୪।୭(ବ୍ୟୁରୋ):** ଜାତିସଂଘର ନୀତି ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି ଓଡ଼ିଆ ଝିଅ ବୈଶାଳୀ ମହାନ୍ତି। ପୁରୀ ଜନ୍ମିତ ବୈଶାଳୀ ଜୁଲାଇ ୧ରେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇ ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ୨୦୧୬ରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ରେ ସେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏହାପରେ ୟୁନାଇଟେଡ୍ ନେଶନ୍ସର ଇଣ୍ଟରନାଶନାଲ ସିଭିଲ୍ ସର୍ଭିସରେ ଯୋଗ ଦେବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୧୮ରେ ସେ ୟୁଏନ୍ ମିଶନ୍‌ରେ ଓଆଇଏମ୍ ଅଧିକାରୀ ଭାବେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ପାଇଁ କାର୍ଯ୍ୟ କରିଥିଲେ। ବୈଶାଳୀ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ରାଧାବିନୋଦ ମହାନ୍ତି ଓ ଲେଖିକା ମାନସୀ ପ୍ରଧାନଙ୍କ ଝିଅ। ପୁରୀର ବ୍ଲେସ୍‌ଡ ସେକ୍ରାମେଣ୍ଟ ହାଇସ୍କୁଲ୍ ଓ ଭୁବନେଶ୍ୱରର କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରୁ ଶିକ୍ଷାଗ୍ରହଣ କରିବା ପରେ ସେ ଦିଲ୍ଲୀର ଲେଡି ଶ୍ରୀରାମ କଲେଜରେ ସ୍ନାତକ କରିଥିଲେ। 'ନ୍ୟୁକ୍ଲିୟର ଡିପ୍ଲୋମାସି' ଉପରେ ନିବନ୍ଧ ପ୍ରସ୍ତୁତ କରି ଉଚ୍ଚ ପ୍ରଶଂସିତ ମଧ ହୋଇଥିଲେ। କେବଳ ପାଠପଢ଼ାରେ ନୁହେଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ମଧ ତାଙ୍କର ଖ୍ୟାତି ରହିଛି। ଅକ୍ସଫୋର୍ଡ ଓଡ଼ିଶୀ କେନ୍ଦ୍ର ପ୍ରତିଷ୍ଠା କରି ସେ ବିଦେଶରେ ଓଡ଼ିଶୀର ପ୍ରଚାର ପ୍ରସାରରେ ମଧ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ରତ୍ନବେଦିରେ ଚତୁର୍ଦ୍ଧାମୂର୍ତ୍ତି









ଶ୍ରୀସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ଶ୍ରୀମନ୍ଦିର ରତ୍ନ ସିଂହାସନକୁ ବିଜେ କରାଯାଉଛି।

**ପୁରୀ ଅଫିସ, ୪।୭**

- ଆଜିଠୁ ମିଳିବ ନୀଳାଚଳ ଅବଢ଼ା
- ଶ୍ରୀମନ୍ଦିରରେ ଦର୍ଶନ ସୁଯୋଗ ନାହିଁ

ଶ୍ରୀମନ୍ଦିର ଇତିହାସରେ ନୂଆଫର୍ଦ୍ଦ ଯୋଡ଼ିଥିବା ୨୦୨୦ ରଥଯାତ୍ରା ଶନିବାର ନୀଳାଦ୍ରିବିଜେରେ ପରିସମାପ୍ତି ଘଟିଛି। ବଡ଼ଦାଣ୍ଡ ଓ ଜନ୍ମବେଦିରେ ଲୀଳାଖେଳା ସାରି ରତ୍ନସିଂହାସନକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଦେବସ୍ନାନ ପୂର୍ଣ୍ଣିମାଠାରୁ ଶୂନ୍ୟ ପଡ଼ିଥିବା ରତ୍ନବେଦି କୋଳ ପୂର୍ଣ୍ଣ ହୋଇଛି। ରବିବାରଠାରୁ ବାହାରିବ ନୀଳାଚଳ ଅବଢ଼ା। ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ, କିନ୍ତୁ ଦାରୁଦିଅଁଙ୍କ ଦର୍ଶନ ମିଳିବ ନାହିଁ। ମହାମାରୀ କରୋନା ଯୋଗୁ ଜୁଲାଇ ୩୧ ପର୍ଯ୍ୟନ୍ତ ଧର୍ମପୀଠକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି।

ଏଥର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରଥଯାତ୍ରା, ବାହୁଡ଼ାରେ ଭକ୍ତ ବିନା ବଡ଼ଦାଣ୍ଡରେ ଗଡ଼ିଥିଲା ରଥ। ସୁନାବେଶ, ଅଧରପଣା, ନୀଳାଦ୍ରିବିଜେରେ ବି ସିଂହଦ୍ୱାର ଭକ୍ତଶୂନ୍ୟ ଥିଲା। ଶନିବାର ଚତୁର୍ଦ୍ଦଶୀ ତିଥିରେ ରତ୍ନସିଂହାସନକୁ ବିଜେ କରିଛନ୍ତି ଦାରୁବିଗ୍ରହ। ପ୍ରାତଃରେ ତିନିରଥରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ମଇଲମ ଓ ବେଶ ହୋଇ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢିଥିଲା। କୋଠ ସୁଆଁସିଆମାନେ ପ୍ରଥମେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନ ଓ ତିନିରଥରେ ଚାରମାଳ ବାନ୍ଧିଥିଲେ। ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ରତ୍ନସିଂହାସନ ମାର୍ଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯାଇଥିଲା। ମଠ ପ୍ରଦତ୍ତ ପତିତପାବନ ବାନା ନୀଳଚକ୍ରରେ ଚୁନରାସେବକମାନେ ବାନ୍ଧିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ମୁଦିରସ୍ତ ସେବକ ଅପରାହ୍ନ ୪ଟା ୨୫ରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ପରେ ବାଜିଥିଲା ବିଜେ କାହାଳୀ। ଏହାପରେ ଡୋର ଲାଗିହୋଇ ୪ଟା ୩୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ନନ୍ଦିଘୋଷ ରଥରୁ ମଦନମୋହନ ଏବଂ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀଘରକୁ ବିଜେ କରାଇଥିଲେ। ଏହାପରେ ଗୋଟି ପହଣ୍ଡିରେ ରଥରୁ ନୀଳକନ୍ଦର ଅଭିମୁଖେ ବାହାରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପହଣ୍ଡି ୫ଟା ୫ରେ ହୋଇଥିଲା। ସେବକମାନେ ସୁଦର୍ଶନଙ୍କୁ ରତ୍ନସିଂହାସନରେ ବିଜେ କରାଇଥିଲେ। ଅପରାହ୍ନ ସାଢେ ୫ଟାରେ ବଡ଼ଠାକୁର ବଳଭଦ୍ରଙ୍କ ପହଣ୍ଡି ହୋଇଥିଲା। ରଥବେଦିରୁ ଓହ୍ଲାଇବା ପରେ ଚାରମାଳ ଆରମ୍ଭରେ ଠାକୁରଙ୍କ ଶ୍ରୀମସ୍ତକରେ ଟାହିଆ ଲାଗି କରାଯାଇଥିଲା। ପତିମହାପାତ୍ର ସେଠାରେ ବନ୍ଦାପନା କାର୍ଯ୍ୟ ବଢାଇବା ପରେ ପଣା ଭୋଗ ହୋଇ ସୁସଜ୍ଜିତ ଟାହିଆ ହଲାଇ ବଡ଼ଠାକୁର ରତ୍ନବେଦି ଅଭିମୁଖେ ଯାଇଥିଲେ। ଏହାପରେ ସନ୍ଧ୍ୟା ୬ଟା ୪୫ରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇଥିଲା। ଶେଷରେ ସନ୍ଧ୍ୟା ୭ଟା ୪୫ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୋଇଥିଲା। ଟାହିଆ ଲଗାଇ ଝୁଲି ଝୁଲି କାଳିଆ ଠାକୁର ରଥରୁ ଓହ୍ଲାଇଥିଲେ। ମହାପ୍ରଭୁ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ଠାକୁରାଣୀ ଚାହାଣି ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ।

### ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କଲେ ମହାପ୍ରଭୁ

ବିବାହ ପରେ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭଉଣୀଭାଇଙ୍କୁ ସାଥିରେ ଧରି ଗୁଣ୍ଡିଚା ମନ୍ଦିରକୁ ଚାଲିଯାଇଥିଲେ। ତେଣୁ ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ସିଂହଦ୍ୱାର ବନ୍ଦ କରିଦେଇଥିଲେ। ନୀଳାଦ୍ରିବିଜେ ଅବସରରେ ସିଂହଦ୍ୱାର ଖୋଲି ଶ୍ରୀମନ୍ଦିରକୁ ମହାଲକ୍ଷ୍ମୀ ଯିବା ପରେ ମହାପ୍ରଭୁ ବିଜେ କରିଥିଲେ। କିନ୍ତୁ ସେତେବେଳେ ଜୟ ବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ସରିବା ପରେ ଶ୍ରୀଜଗନ୍ନାଥଙ୍କର ଭଣ୍ଡାର ଘର ନିକଟରେ ଲକ୍ଷ୍ମୀଙ୍କ ସହ ଭେଟ ହୋଇଥିଲା। ଠାକୁରଙ୍କ ବିବାହର ଗଇଁଠାଳ ଫିଟାଯାଇଥିଲା। ଏହି ନୀତିକୁ ଭିତରଚ୍ଛ ମହାପାତ୍ର ସମ୍ପାଦନ କରିଥିଲେ। ପରେ ବନ୍ଦାପନା ଏବଂ ରସଗୋଲା ଭୋଗ ହୋଇଥିଲା। ଠାକୁର ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ। ଘଷା ବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

# ଚଳିତବର୍ଷ ବୋଲ୍‌ବମ୍ ବନ୍ଦ

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

ଚଳିତ ବର୍ଷ ବୋଲ୍‌ବମ୍ ଭକ୍ତଙ୍କୁ ଶ୍ରାବଣ ମାସରେ ଜଳ ଧରି ଶିବମନ୍ଦିରକୁ ଯିବା ପାଇଁ ବାରଣ କରାଯାଇଛି। ପ୍ରତ୍ୟେକ ବର୍ଷ କାଉଡିଆମାନେ ଶ୍ରାବଣ ମାସରେ ଜଳଭାର ଧରି ଶିବମନ୍ଦିରକୁ ଯାଇଥାଆନ୍ତି। କୋଭିଡ୍–୧୯କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଧାର୍ମିକ କାର୍ଯ୍ୟ ଉପରେ ରୋକ ଲଗାଇଛନ୍ତି। ଏ ନେଇ ଶନିବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଜୁଲାଇ ୩୧ ପର୍ଯ୍ୟନ୍ତ କୌଣସି ପ୍ରକାର ଧାର୍ମିକ କାର୍ଯ୍ୟକଳାପକୁ ନିଷେଧ କରିଛନ୍ତି। ରାଜ୍ୟ ସରକାର ମଧ ଚଳିତ ମାସ ୩୧ ତାରିଖ ଯାଏ ସାଂସ୍କୃତିକ, ରାଜନୈତିକ, ଧାର୍ମିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରିଛନ୍ତି।ସେମାନଙ୍କୁ ସାଧାରଣତଃ ବୋଲ୍‌ବମ୍ ଭକ୍ତ ବା କାଉଡ଼ିଆ କୁହାଯାଇଥାଏ। ତେବେ ବର୍ତ୍ତମାନର କରୋନା ମହାମାରୀ ପରିସ୍ଥିତିକୁ ସମୀକ୍ଷା କରିବା ପରେ ରାଜ୍ୟ ସରକାର ବୋଲ୍‌ବମ୍ ଭକ୍ତଙ୍କୁ ପାଣିଧରି ଯିବା ପାଇଁ ଅନୁମତି ଦେଇନାହାନ୍ତି। ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଇଟି ରିଟର୍ନ ଫାଇଲିଂ ସୀମା ନଭେମ୍ବର ୩୦ ଯାଏ ବୃଦ୍ଧି

**ନୂଆଦିଲ୍ଲୀ,୪।୭:** ୨୦୧୯–୨୦ ଲାଗି ଆୟକର ରିଟର୍ନ (ଆଇଟିଆର୍) ଫାଇଲିଂ କରିବାର ଶେଷ ତାରିଖ ଚଳିତ ବର୍ଷ ନଭେମ୍ବର ୩୦ ଯାଏ ବୃଦ୍ଧି କରାଯାଇଛି। ବର୍ତ୍ତମାନ ବଜାରର ସ୍ଥିତି ଠିକ୍ ନ ଥିବାରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଟିକସଦାତା ଠିକ୍ ଭାବେ ଯୋଜନା କରିବାକୁ ସକ୍ଷମ ହେବେ ବୋଲି ଆୟକର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ମାସରେ ସରକାର ଆଧାରକୁ ପାନ୍ ସହ ସଂଯୋଗ କରାଇବାର ଅବଧିକୁ ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ଯାଏ ବଢ଼ାଇଛନ୍ତି। କ୍ଷୁଦ୍ର ଟିକସଦାତାଙ୍କୁ ଆଶ୍ୱସ୍ତି ଦେବା ଲାଗି ସରକାର ପଦକ୍ଷେପ ମଧ ଗ୍ରହଣ କରିଛନ୍ତି। ସେଲ୍ଫ ଆସେସ୍‌ମେଣ୍ଟ ଟାକ୍ସ ସହ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଦେୟର ପେମେଣ୍ଟକୁ ମଧ ନଭେମ୍ବର ଶେଷ ଯାଏ ବଢ଼ାଯାଇଛି।

School That Imparts Value-Based Education

Sivananda School, a purely residential English Medium Boys' institution in a Gurukul Environment with CBSE affiliation. State-of-the Art infrastructure, Smart Class-rooms, Modern Library, Science & Computer Labs, Music & Art Gallery, well-furnished Hostel Facilities with vegetarian food & milk from own Goshala. A secured campus under 24 hour CCTV surveillance.

- An experienced team of qualified & dedicated Faculties & Staff.
- Regular Prayer, Yoga, Meditation & Spiritual sessions through learned Sannyasins for moral & ethical upliftment as well as strong character building.
- A Plethora of indoor & outdoor games, sports & co-curicular activities for all round physical and intellectual development.
- Excellent track record of 100% pass-out result since inception.
- Special coaching for IIT JEE & Medical Entrance Examinations.



ADMISSIONS OPEN
FOR SESSION 2020-21
For Standard XI
(COMMERCE & SCIENCE)
and Std. VI, VII, VIII & IX
Call : 9124493507/8895555843
Sivananda Centenary Boys' School
Chidananda Vihar, Khandagiri, Bhubaneswar
Email: sivanandaboysschool@gmail.com

THANKS TO ALL HAVING TRUST US FROM LAST 10 YEARS
ORIGINAL NAVRATNA BHAVISHYA
NAVRATNA YANTRA
Live NEPAL 1 TV
Lucky Yantra In Every 15 Minutes
Check Your Lucky Yantra on NEPAL 1 TV
DTH Platform Channel No.
TATA SKY - 1956
DISH TV - 1537
VIDEOCONE - 848
AIRTEL - 672
BIG TV - 783
SUN - 693
also available on Jain HITS - 949 & AO TV (Mobile Arlin ) A

| 04.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 69 | 81 | 57 | 68 |
| 09.00 | 60 | 01 | 60 | 03 |
| 09.30 | 28 | 09 | 34 | 69 |
| 10.00 | 26 | 46 | 16 | 91 |
| 10.30 | 95 | 89 | 48 | 77 |
| 11.00 | 38 | 84 | 83 | 02 |
| 11.30 | 69 | 94 | 44 | 24 |
| 12.00 | 44 | 16 | 25 | 38 |
| 12.30 | 07 | 10 | 21 | 45 |
| 01.00 | 40 | 58 | 16 | 23 |
| 01.30 | 72 | 42 | 76 | 90 |
| 02.00 | 37 | 59 | 50 | 88 |
| 02.30 | 45 | 50 | 18 | 54 |
| 03.00 | 91 | 95 | 76 | 56 |
| 03.30 | 67 | 65 | 03 | 35 |
| 04.00 | 21 | 78 | 84 | 82 |
| 04.30 | 63 | 87 | 92 | 09 |
| 05.00 | 17 | 40 | 35 | 86 |
| 05.30 | 30 | 93 | 70 | 05 |
| 06.00 | 91 | 60 | 23 | 11 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website :
navratnayantracoupon.com
goldennavratnacoupon.com







**ଆଜିର ମନ୍ତବ୍ୟ**

ସମ୍ପ୍ରତି ବିଶ୍ୱ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକର ସମାଧାନ ଦିଗରେ ଭଗବାନ ବୁଦ୍ଧଙ୍କ ଆଦର୍ଶ ସହାୟକ ହୋଇପାରିବ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଆର୍‌ସିତ୍ ପରିବାରବର୍ଗ


ଦେବାଶିଷ୍ ପରିବାରବର୍ଗ


ଗୁନୁ ପରିବାରବର୍ଗ


ନାରାୟଣ ପରିବାରବର୍ଗ


ପ୍ରମିଳା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ବର ଗିରଫ, ମେ'ଫେୟାର...

ଗିରଫମାନେ ହେଲେ ବର ଦୀପକ କୁମାର ସାହୁ, ବାପା ହୋଟେଲ ନନ୍ଦନ ଇଣ୍ଟରନ୍ୟାଶନାଲ ମାଲିକ କୃଷ୍ଣ ସାହୁ, ବଡବାପା ଶିବ ସାହୁ, ବିନୋଦ ସାହୁ ଓ ସନ୍ତୋଷ ସାହୁ। ଶୋଭାଯାତ୍ରାରେ ବ୍ୟବହାର ହୋଇଥିବା ୨ଟି କାର୍ ମଧ୍ୟ ଜବତ ହୋଇଥିବା ବ୍ରହ୍ମପୁର ସଦର ଏସ୍‌ଡିପି ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଗତ ୨ ତାରିଖରେ ହୋଟେଲ ନନ୍ଦନ ଇଣ୍ଟରନ୍ୟାଶନାଲ ମାଲିକଙ୍କ ପୁଅ ବାହାଘର ଗୋପାଳପୁର ମେ' ଫେୟାର ହୋଟେଲରେ ହୋଇଥିଲା। ବାହାଘରରେ ବରଯାତ୍ରୀ କୋଭିଡ୍ ନିୟମ ଉଲ୍ଲଂଘନ କରି ଯାଉଥିବା ଭିଡିଓ ଶନିବାର ଭାଇରାଲ ହୋଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିକଟରେ ଏହି ଭିଡିଓଟି ପହଞ୍ଚିଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠ ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ସାହୁ ଶନିବାର ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ନଂ.୯୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ବାହାଘର ଆୟୋଜନ ହୋଇଥିବା ହୋଟେଲ ମେ' ଫେୟାର ମାଲିକଙ୍କ ଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ସୂଚନା ଦେଇଛନ୍ତି।


Collector & District Magistrate, Gan...
@Ganjam_Admin
Hotel Mayfair Gopalpur sealed for 7 days for violation of social distancing for arrangement of marriage. We won't tolerate these type of violations. We again request all to follow social distancing norms & don't put your life in risk in corona scenario @CMO_Odisha @SRC_Odisha

ଜିଲାପାଳଙ୍କ ଟୁଇଟ୍।

## ନିୟମ ମାନିବା ଜରୁରୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ବ୍ୟୁରୋ): କୋଭିଡ୍-୧୯ ବିରୋଧୀ ଲଢେଇରେ ଓଡ଼ିଶା ଏକ ଉତ୍କଟ ସମୟ ମଧ୍ୟଦେଇ ଗତିକରୁଛି। ଏଭଳି ସମୟରେ ସଂକ୍ରମଣକୁ ରୋକିବାକୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଗାଇଡ୍‌ଲାଇନ ଓ ନିୟମକୁ ମାନିବା ଆମପାଇଁ ଜରୁରୀ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଟୁଇଟ୍ କରି ସୂଚନା ଦିଆଯାଇଛି।

## ଆଇପିଏସ୍ ଅଫିସରଙ୍କୁ ...

ପାଇବାକୁ ରାଜେଶଙ୍କୁ କହିଥିଲେ ରବି କାନ୍ତ। ଏଥିପାଇଁ ସେ ୨୦୧୭ ଅକ୍ଟୋବର ୨୫ରେ ବିଲ୍ଡର ରାଜେଶଙ୍କୁ ୩ଲକ୍ଷ ଟଙ୍କାର ଦୁଇଟି ଚେକ୍ ଦେଇଥିଲେ। ୨୦୧୮ ଫେବୃୟାରୀ ଓ ମାର୍ଚ୍ଚରେ ଉକ୍ତ ଦୁଇ ଚେକ୍‌କୁ ଜମା କରି ବିଲ୍ଡର ଜଣକ ଟଙ୍କା ଉଠାଇନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଘର ଦେଇ ନ ଥିଲେ। ତାଙ୍କୁ ରବିକାନ୍ତ ଫୋନ୍ କରି ଟଙ୍କା ଫେରାଇବାକୁ କହିଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଆଇପିଏସ୍ ଅଫିସର ରବି କାନ୍ତ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ହେଲେ ଉଭୟଙ୍କ ମଧ୍ୟରେ ମାମଲାର ଆପୋସ ସମାଧାନ ହୋଇଗଲାଣି କହି କଥାକୁ ଏଡାଇ ଯାଇଥିଲେ।

## ବିଦେଶରେ ଶିକ୍ଷା ...

ଶିକ୍ଷାବର୍ଷ ମେଳ ଖାଇବ ନାହିଁ। କେବଳ ଡାକ୍ତରୀ ପାଠ୍ୟକ୍ରମ ନୁହେଁ; ଏମ୍‌ବିଏ, ଏମ୍‌ସିଏ, ଇଞ୍ଜିନିୟରିଂ ଭଳି ପାଠ୍ୟକ୍ରମରେ ଶିକ୍ଷାଲାଭ କରିବା ପାଇଁ ଓଡ଼ିଶାର ହଜାର ହଜାର ଛାତ୍ରୀଛାତ୍ର ବିଦେଶ ଯାଇଥାନ୍ତି। ୟୁନେସ୍କୋ ତଥ୍ୟ ଅନୁଯାୟୀ, ୩ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ପ୍ରତିବର୍ଷ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇଥାନ୍ତି। ଏହାର ୨% ଅର୍ଥାତ୍ ୬ ହଜାରରୁ ଅଧିକ ଓଡ଼ିଆ ଛାତ୍ରୀଛାତ୍ର ମେଡିକାଲ, ଆଇଟି, ଏମ୍‌ବିଏ ଇତ୍ୟାଦି ପଢ଼ିବାକୁ ଦେଶ ବାହାରକୁ ଯାଇଥାନ୍ତି। ଆଗରୁ ଓଡ଼ିଶାର ଅଧିକାଂଶ ଛାତ୍ରୀଛାତ୍ର ଆମେରିକା, ବ୍ରିଟେନ୍, ଜର୍ମାନୀ, ଫ୍ରାନ୍ସ ଓ ଅଷ୍ଟ୍ରେଲିଆ ଭଳି ରାଷ୍ଟ୍ରକୁ ଯାଉଥିବାବେଳେ ଏବେ କିନ୍ତୁ କାନାଡ଼ା, ନିଉଜିଲାଣ୍ଡ, ୟୁକ୍ରେନ୍ ଭଳି ରାଷ୍ଟ୍ରକୁ ଯାଉଛନ୍ତି। ଛାତ୍ରୀଙ୍କ ତୁଳନାରେ ଓଡ଼ିଶାରୁ ଅଧିକ ଛାତ୍ର ବିଦେଶରେ ପଢୁଥିବା ତଥ୍ୟରୁ ଜଣାପଡ଼ିଛି। ୟୁଜି ବା ସ୍ନାତକ କୋର୍ସ ପାଇଁ ସବୁଠାରୁ ଅଧିକ ୫୦% ପିଲା ବାହାରକୁ ଯାଉଥିବାବେଳେ ପିଜି ବା ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୪୨%, ଡକ୍ଟରେଟ୍ ଡିଗ୍ରୀ ପାଇଁ ୭% ଛାତ୍ରୀଛାତ୍ର ଏବଂ ଭାଷାଭିତ୍ତିକ ଶିକ୍ଷାଲାଗି ୧% ବିଦେଶ ଯାଇଥାନ୍ତି।

'ଡ୍ରିମ୍ ଆପ୍ଲାଏ'ର ଏକ ସର୍ଭେରୁ ଜଣାପଡ଼ିଛି ଯେ, ଓଡ଼ିଶାରୁ ୨୧ରୁ ୨୫ବର୍ଷ ମଧ୍ୟରେ ସର୍ବାଧିକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇଥାନ୍ତି। ଏହାତଳକୁ ୧୭ରୁ ୨୦ବର୍ଷ ବୟସ୍କ ଏବଂ ୨୬ରୁ ୩୦ବର୍ଷ ବୟସ୍କ ଛାତ୍ରୀଛାତ୍ର ରହିଛନ୍ତି। ଏଜେଣ୍ଟଙ୍କ ଦ୍ୱାରା ୪୦%ରୁ ଅଧିକ ପିଲା ବାହାରକୁ ଯାଉଥିବାବେଳେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ସାହାଯ୍ୟରେ ପ୍ରାୟ ୧୫%, ଶିକ୍ଷାନୁଷ୍ଠାନର ୱେବ୍‌ସାଇଟ୍ ମାଧ୍ୟମରେ ଅବଗତ ହୋଇ ୧୦%ରୁ ଅଧିକ ଛାତ୍ରୀଛାତ୍ର ବିଦେଶରେ ପଢିବାକୁ ଯାଇଥାନ୍ତି। 'ଲେଭେରେଜ୍ ଏଜୁ'ର ଏକ ସର୍ଭେ ଅନୁସାରେ, କୋଭିଡ୍-୧୯ ମହାମାରୀ ପରେ ମଧ୍ୟ ୭୬% ଛାତ୍ରୀଛାତ୍ର ବିଦେଶରେ ପଢିବାକୁ ଆଗ୍ରହ ଦେଖାଉଛନ୍ତି। ୧୬% ପିଲା ଆସନ୍ତା ଶିକ୍ଷାବର୍ଷକୁ ବିଦେଶ ଯିବା କଥା ଚିନ୍ତା କରୁଥିବାବେଳେ ୮% ଛାତ୍ରୀଛାତ୍ର କୋଭିଡ୍ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ହେଲେ ଶିକ୍ଷାବର୍ଷ ମେଳ ନ ଖାଇବା ଏବଂ କୋଭିଡ୍ କେବେ ଠିକ୍ ହେବ ତାହାର ଉତ୍ତର କାହାପାଖରେ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଏବେ ବି ଆଶଙ୍କାରେ ରହିଛି।

ସୂଚନା ମୁତାବକ, ପ୍ରତିବର୍ଷ ଗୁଜରାଟରୁ ସର୍ବାଧିକ ୩୫.୪% ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଉଥିବାବେଳେ ଏହାତଳକୁ କେରଳରୁ ୧୩.୫% ଓ ପଞ୍ଜାବରୁ ୧୨.୪% ଛାତ୍ରୀଛାତ୍ର ରହିଛନ୍ତି। ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨% ରହିଥିବାବେଳେ ଅଧିକାଂଶ ବ୍ରିଟେନ୍ ବା ୟୁକେକୁ ପସନ୍ଦ କରନ୍ତି। ଏହାତଳକୁ ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ ଏବଂ ମେଡିକାଲ ଶିକ୍ଷା ପାଇଁ ୟୁକ୍ରେନ୍ ପ୍ରଥମ ପସନ୍ଦ ପାଲଟିଛି। ଅଧିକାଂଶ ଓଡ଼ିଆ ଆଇଏଏସ୍, ଆଇପିଏସ୍ ଅଫିସର, ମନ୍ତ୍ରୀ, ନେତା ଓ ଡାକ୍ତରଙ୍କ ପିଲାମାନେ ୟୁକେକୁ ଉଚ୍ଚଶିକ୍ଷା ପାଇଁ ଯାଉଥିବାବେଳେ ମଧ୍ୟବିତ୍ତ ଶ୍ରେଣୀର ଛାତ୍ରୀଛାତ୍ର ୟୁକ୍ରେନ୍ ଏବଂ ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ରକୁ ଯାଉଥିବା ଜଣାପଡ଼ିଛି। ତେବେ ଏମ୍‌ବିଏ କରିବାକୁ ଅଧିକାଂଶ ଓଡ଼ିଆ ଛାତ୍ରୀଛାତ୍ର କାନାଡ଼ାକୁ ପସନ୍ଦ କରୁଥିବା ଜଣାପଡ଼ିଛି।

## ଗଞ୍ଜାମରେ ୨ ଆଇଏଏସ୍, ୬ ଓଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ନିଯୁକ୍ତି

**କୋଭିଡ୍-୧୯ ନିୟନ୍ତ୍ରଣ**

ଭୁବନେଶ୍ୱର,୪।୭(ବ୍ୟୁରୋ)-ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ଜିଲା ରାଜ୍ୟର ହଟ୍‌ସ୍ପଟ୍ ପାଲଟିଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ଟପିଲାଣି। ରୋଗ ନିୟନ୍ତ୍ରଣ ହେବା ବଦଳରେ ବଢ଼ିଚାଲିଛି। ମହାମାରୀକୁ ରୋକିବା ପାଇଁ ରାଜ୍ୟ ସରକାର ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ଏହି ଜିଲାରେ କୋଭିଡ୍-୧୯ ମୁକାବିଲା କରିବା ଲାଗି ରାଜ୍ୟ ସରକାର ୨ ଜଣ ଆଇଏଏସ୍ ଏବଂ ୬ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ଦେଇଛନ୍ତି । ଏ ନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ତ୍ତବିଭାଗ ଡେପୁଟି ସେକ୍ରେଟାରି ଥିବା ୨୦୧୫ ବ୍ୟାଚର ଆଇଏଏସ୍ ଅଫିସର ପାରୁଲ ପଟୱାରୀଙ୍କୁ ଗଞ୍ଜାମ ସ୍ପେଶାଲ ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଛତ୍ରପୁରର କୋଭିଡ୍-୧୯ ପରିଚାଳନାର ଇନଚାର୍ଜ ଦାୟିତ୍ୱରେ ରହିବେ। ସେହିପରି ପୁରୀ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ବିଶାଲ ସିଂଙ୍କୁ ଗଞ୍ଜାମ ସ୍ପେଶାଲ ଏଡିଏମ୍ ଭାବେ ନିଯୁକ୍ତି କରାଯାଇଛି। ସେ ଭଞ୍ଜନଗର ସବ୍‌ଡିଭିଜନର କୋଭିଡ୍ ପରିଚାଳନା ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ। ଏଥିସହିତ ୬ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଧ୍ୟ ଗଞ୍ଜାମ ଜିଲାରେ କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଦିଗରେ ଜିଲ ପ୍ରଶାସନକୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଡେପୁଟି ସେକ୍ରେଟାରି ସୁଧାକର ନାୟକ, ଡେପୁଟି ସେକ୍ରେଟାରି ପଦ୍ମନାଭ ବେହେରା, ଡେପୁଟି ସେକ୍ରେଟାରି ଲୋକନାଥ ଦଳବେହେରା, ଡେପୁଟି ସେକ୍ରେଟାରି ଶକ୍ତିକାନ୍ତ ରାୟ, ଡେପୁଟି ସେକ୍ରେଟାରି ଚିତ୍ତରଞ୍ଜନ ମହାନ୍ତ ଏବଂ ଯୋଜନା ଓ ସଂଯୋଜନା ବିଭାଗ ଡେପୁଟି ସେକ୍ରେଟାରି ଶୁଭେନ୍ଦ୍ର କୁମାର ସାମଲଙ୍କୁ ଗଞ୍ଜାମ ଜିଲାର କୋଭିଡ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଦିଆଯାଇଛି। ଉକ୍ତ ଅଧିକାରୀମାନେ ତୁରନ୍ତ ଗଞ୍ଜାମ ଜିଲାପାଳଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଅଧିକାରୀମାନେ ଗଞ୍ଜାମ ଜିଲା ପ୍ରଶାସନ ଅଧୀନରେ ରହି କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।

## ଆଜି ଚନ୍ଦ୍ରଗ୍ରହଣ: ଭାରତକୁ ଦୃଶ୍ୟ ହେବନାହିଁ

ନୂଆଦିଲ୍ଲୀ,୪।୭: ରବିବାର ଚନ୍ଦ୍ରଗ୍ରହଣ ହେବାକୁ ଯାଉଛି। ତେବେ ଏହା ଉପଛାୟା (ପେନୁମ୍ବ୍ରାଲ୍) ଗ୍ରହଣ ହୋଇଥିବାରୁ ଚନ୍ଦ୍ର ସାମାନ୍ୟ ଝାପ୍‌ସା ଦେଖାଯିବ। ଏହି ଚନ୍ଦ୍ରଗ୍ରହଣ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ଆଫ୍ରିକାରେ ଦୃଶ୍ୟ ହେବ। ଦିନବେଳା ଗ୍ରହଣ ଲାଗୁଥିବାରୁ ଏହା ଭାରତରେ ଦୃଶ୍ୟ ହେବନାହିଁ। ଭାରତୀୟ ସମୟ ଅନୁଯାୟୀ ଏହା ସକାଳ ୮ଟା ୩୭ରୁ ଆରମ୍ଭ ହୋଇ ୧୧ଟା ୨୨ରେ ମୋକ୍ଷ ହେବ। ପୂର୍ଣ୍ଣ ଗ୍ରାସ ସମୟ ୯ଟା ୫୯ ମିନିଟ ଥିବାବେଳେ ମୋକ୍ଷ ହେବାକୁ ପାଖାପାଖି ୨ ଘଣ୍ଟା ୪୫ ମିନିଟ ସମୟ ଲାଗିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ ମାନ କରି ଖପରାରେ ଖାଇବା।**

ଚୋର ଚୋରି କରିନେଲା ବୋଲି ମନ ଊଣା କରି ଖପରାରେ ଖାଇବାରେ ମାନେ କିଛି ରହି ନ ଥାଏ। ଅନ୍ୟକୁ ମାନ କରି ନିଜେ ହଇରାଣ ହେବା ତଥା ଦୁଃଖ କଷ୍ଟ ଭୋଗ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।
ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଭାଗ୍ୟସ୍ଥାନରେ ଗୁରୁଚାନ୍ଦ୍ରୀ ଯୋଗ ସୃଷ୍ଟି ହୋଇଥିବାରୁ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଶାରୀରିକ ସୁସ୍ଥତା ସଙ୍ଗକୁ ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁଁ ମନ ଖୁସି ରହିବ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ**

ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ ଓ କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ। ନୂତନ କର୍ମାରମ୍ଭରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି । ପ୍ରଶାସନିକ ସ୍ତରରେ, ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ**

ପ୍ରତ୍ୟେକ କ୍ଷେତ୍ରରେ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ । ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବାରେ ଅସୁବିଧା ହେବନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି ।

**କର୍କଟ**

କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ,ଏଣୁ ସାବଧାନତା ଆବଶ୍ୟକ । ଲେଖାପଢାରେ, ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସି ରହିପାରନ୍ତି।

**ସିଂହ**

କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତି ବିଶେଷ ମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା**

ଆର୍ଥିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମରେ ଉତ୍ସାହିତ ହୋଇପାରିବେ ନାହିଁ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଯୋଗୁଁ ମାନସିକ ସନ୍ତୁଳନ ହରାଇପାରନ୍ତି। ଅନୁଭବ କରିବେ। ପରକଥାରେ ପଡି ଭୁଲ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ ।

**ତୁଳା**

ଆଜି ଯାହା କରିବା କଥା ବାରମ୍ବାର ଚିନ୍ତା କରିବା ପରେ ପଦକ୍ଷେପ ନେବା ଭଲ ହେବ । କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି । ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅସୁବିଧାରେ ପଡିପାରନ୍ତି। ଶିଳ୍ପ,ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା**

ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ, କିନ୍ତୁ କୌଣସି ଅସୁବିଧା ହେବ ନାହିଁ । ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରିପାରନ୍ତି। କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**

କଠୋର ବାକ୍ୟାଳାପ କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ରାଜନୀତିରେ, ରଚନାତ୍ମକ କାମରେ, କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋଷ ସମାଧାନ ଘଟିବ। ମନ ଖୁସୀ ହୋଇଯିବ ।

**ମକର**

ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନ ଜନିତ ସାମୟିକ ଆନନ୍ଦ ଅନୁଭବ କରିବେ। କିନ୍ତୁ ଶ୍ରବଣା ନକ୍ଷତ୍ରର ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସରକାରୀ ସ୍ତରରୁ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ।

**କୁମ୍ଭ**


ଆଜିର କାମଗୁଡିକ ସମ୍ପନ୍ନ ହେବାରେ ବହୁତ ବାଧା,ବିଘ୍ନର ସମ୍ମୁଖୀନ ହେବାକୁ ପଡିବ । ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ପଡି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ ।

**ମୀନ**

ଆଜି ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ଭାବରେ ସଫଳତା ପାଇ ପାରିବେ। ଅର୍ଥ ସମ୍ପର୍କକୁ ନେଇ କୌଣସି ବନ୍ଧୁଙ୍କ ସହ ବିବାଦଗ୍ରସ୍ତ ହେବେ ଓ ତିକ୍ତତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି। ଯାତ୍ରା,ବାଣିଜ୍ୟ, ନୂତନ ବନ୍ଧୁତା କ୍ଷେତ୍ରରେ ସଫଳତାର ସମ୍ଭାବନା ରହିଛି।

ଆଜି ଦିବା ଘ.୧୦.୧୪ମି.ପର୍ଯ୍ୟନ୍ତ ଆଷାଢ ମାସର ବ୍ୟାସ ଓ ଗୁରୁ ପୂର୍ଣ୍ଣିମା, ଶ୍ରୀକ୍ଷେତ୍ର, ଗୁରୁପୂର୍ଣ୍ଣିମା ପାଳନ ଓ ଗୁରୁପୂଜା, ଜୁଲାଇ ୫ ତାରିଖ ରବିବାର, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ମେଷରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୦୧ମି. ଗତେ ଘ.୦୯.୩୯ମି.ମଧ୍ୟେ, ଦିବା ଘ.୧୨.୧୭ମି. ଗତେ ଘ.୦୨.୫୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୬ମି. ଗତେ ଘ.୦୭.୫୨ମି. ମଧ୍ୟେ, ରାତ୍ରି ଘ.୧୦.୪୬ମି. ଗତେ ଘ.୧୨.୫୬ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୪.୪୧ମି. ଗତେ ଘ.୦୫.୩୩ମି.ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୪୭ମି. ଗତେ ଘ.୦୬.୨୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

ସାକ୍ଷୀଗୋପାଳରେ ବ୍ୟବସାୟ କରୁଥିବା ୩୬ବର୍ଷୀୟ ବ୍ରାହ୍ମଣ ପାତ୍ରପାଇଁ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 7978566155. D-69418

ବୟସ 41 ଏବଂ 37 ଓବିସି ପାଇଁ ପାତ୍ରୀ ଆବଶ୍ୟକ। 8144732934. D-17631

ବ୍ରାହ୍ମଣ, ଖଣ୍ଡାୟତ, ଗୁଡ଼ିଆ, ଭଣ୍ଡାରୀ, ତେଲି, ବେଙ୍ଗଲି ଜାତିର କନ୍ୟାପାତ୍ରୀ ପାଇଁ। 7978736177. D-68252

**GROOM WANTED**

Beautiful Brahmin girl 1989, 5'7", B.Tech (IT) serving senior analyst TCS "SUNASANSAR". 9937512659, 8249969649. D-17660


Unmarried 49 ବୟସ୍କା +2 qualified Govt. Job ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 9668488654. D-67943

ବ୍ରାହ୍ମଣ, ଖଣ୍ଡାୟତ, ଗୁଡ଼ିଆ, ଭଣ୍ଡାରୀ, ବେଙ୍ଗଲି, ତେଲି ଜାତିର ବରପାତ୍ର ପାଇ। 7978736177. D-68251




**SALE**

Tata Indigo ECS,TDI private regd. No with new battery and tyres. 9439778849. D-67755




**SALE**

Commercial Gharabari 14000sft. Corner plot just 4Km from Phulnakhara-Niali near Indian Oil. 8658182243. D-68093

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633.** D-69126

Readymade 2BHK flat at Utkal Vatika, Jharapada canal road, Bhubaneswar with all amenities 80lakh. 9437018423. D-69519

**2Bedrooms and 2Bathrooms with Drawing cum Dining, Kitchen, Pujaroom with individual parking for sale at Tankapaniroad, Bhubaneswar. Plz call for details: 9438109040, 8144658008.** D-17651

**Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932.** D-69320

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner-9090963952.** D-69112

ଭୁବନେଶ୍ୱର ପିତାପଲ୍ଲୀ ଛକ **NH side**ରେ **boundary wall, 30ft.** ରାସ୍ତା ସହିତ **plot** ମିଳୁଛି ଏବଂ ଜଟଣୀଗେଟ୍‌ରୁ **500,** ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। **6370292040.** D-69127

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128

**Flat for sale 3BHK flat No-4D at Geetanjali Palace, Bomikhal, Cuttack road, Bhubaneswar for sale. Contact: 9971616974, 9938127129.** D-68094

Plot for sale at Infront of KIIS, near KIIT College, Bhubaneswar. (1600 sqft). 9861999238, 9337661515. D-69701





300sq. feet at 3rd Floor for Office use only at Plot No. 23 (E) Ashok Nagar, Janpath, Bhubaneswar. Contact: 9439471328. D-68354

140sqft. to 1500sqft. well designed Grovis Food Village is opening soon at Infocity Square Patia. Food, Cafe, Games, Beautyparlour, Yogacenter, open theatre. Book your stall today, 9853724437, 9853805227. D-69321

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ । ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Two rooms with garage, bath, kitchen at GGP Colony BBSR. Contact: 8336937795. D-38570

2/3 BR with 2 Toilets, Drawing, Dining, Kitchen at Chandra sekharpur near Telephone Exchange, BBSR. Contact: 8336937795. D-38571




Monalisa massage club : All types body massage with hiprofile smart lady rooms service available 9708545108. D-17661

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**NIT Rourkelaରୁ Ph.D ଲାଭ**


ଶ୍ରୀ ଶମ୍ଭୁଦତ୍ତ ନନ୍ଦ (ଜ୍ୟୋତି) ଚଳିତ ବର୍ଷ ଜୁନ୍ ୨ତାରିଖରେ NIT ରାଉରକେଲାରୁ ପିଏଚ୍.ଡ଼ି ଲାଭ କରିଛନ୍ତି। ସେ ଗ୍ରାମ: କଳସପୁର, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା ନିବାସୀ ଗୟାଧର ନନ୍ଦ ଓ ଦେବକୀ ନନ୍ଦଙ୍କ ନାତି ଏବଂ ପ୍ରମୋଦ କୁମାର ନନ୍ଦ ଓ ମୀନନୟନା ନନ୍ଦଙ୍କ କନିଷ୍ଠ ପୁତ୍ର ଅଟନ୍ତି। ଶ୍ରୀ ନନ୍ଦ Analysis & Synthesis of Magnetically Negative (MNG) Materials using soft computing techniques ବିଷୟରେ Ph.D ଲାଭ କରିଛନ୍ତି। ସେ NIT ରାଉରକେଲା ପ୍ରଫେସର ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗବେଷଣାରତ ଥିଲେ। ଶ୍ରୀ ନନ୍ଦ ଏହି ଗବେଷଣା ପାଇଁ ବ୍ରହ୍ମପୁର Universityର ପ୍ରଫେସର ରବୀନ୍ଦ୍ର କିଶୋର ମିଶ୍ରଙ୍କଠାରୁ ଯଥେଷ୍ଟ ପ୍ରେରଣା ପାଇଥିଲେ। ପ୍ରୋକ୍ତ ସନ୍ଦର୍ଭ Professor Mojgan Daneshmand, University of Alberta, Canada ଏବଂ Professor Akhilesh Mohan of IIT, Kharagpurଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ସେ ପ୍ରାରମ୍ଭରୁ ତାଙ୍କ ପାଠପଢା ଏବଂ ଡକ୍ଟରେଟ୍ ଉପାଧିର ସମସ୍ତ ଶ୍ରେୟ ବୋଉଙ୍କୁ ଅର୍ପଣ କରିଛନ୍ତି।
ଧ-୧୭୭୬୯

**ଜନ୍ମଦିନ ଶୁଭେଚ୍ଛା**


**Arshit (Gunu)**
IRC Village, Bhubaneswar
ଆଜି ଶୁଭ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁ।
-:ଶୁଭେଚ୍ଛା ସହ:-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୭୭୭୫

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ସଂକ୍ଷେପରେ

### କୋଭିଡ୍ ହସ୍ପିଟାଲର ୨ ନର୍ସଙ୍କୁ କରୋନା

**କଟକ ଅଫିସ,୪।୭:** ଦୁଇ ମାସରୁ ଅଧିକ ସମୟ ହେବ କଟକର ଏକ କୋଭିଡ୍ ହସ୍ପିଟାଲରେ କାମ କରୁଥିବା ୨ଜଣ ନର୍ସ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ସେମାନେ ପୂର୍ବରୁ କଟକ ସିଡିଏସ୍ଥିତ ଏକ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରୁଥିଲେ। ପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲରେ ନିଯୁକ୍ତ କରାଯାଇଥିଲା। ଚଳିତ ମାସ ପହିଲାରେ କରୋନା ଟେଷ୍ଟ ନ କରାଇ ସେମାନଙ୍କୁ ପୁଣି ରୋଟେସନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ଉକ୍ତ ନର୍ସ ଦୁଇଜଣ ବୋଷ୍ କଲୋନୀରେ ରହି ସିଡିଏକୁ ଡ୍ୟୁଟିରେ ଯାଉଥିଲେ। କିନ୍ତୁ ହଠାତ୍ ସେମାନେ ସ୍ୱେଚ୍ଛାକୃତ ଭାବେ କରୋନା ପରୀକ୍ଷା କରାଇବାରୁ ଲକ୍ଷଣ ନ ଥାଇ ମଧ ରିପୋର୍ଟ ପଜିଟିଭ ଆସିଛି। ଶନିବାର ସକାଳେ ଚିକିତ୍ସା ପାଇଁ ସେମାନଙ୍କୁ କୋଭିଡ୍ ହସ୍ପିଟାଲ ପଠାଯାଇଛି।

### ଖୋର୍ଦ୍ଧାରେ ୪ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୪।୭:** ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ଶନିବାର ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଟାଙ୍ଗୀ, ବାଣପୁର, ବାଲିପାଟଣା ଏବଂ ଖୋର୍ଦ୍ଧା ବ୍ଲକର ଜଣେ ଲେଖାଏ ରହିଛନ୍ତି। ଟାଙ୍ଗୀ ବ୍ଲକରୁ ୪୦ବର୍ଷ ପୁରୁଷ ଚିହ୍ନଟ ହୋଇଥିବା ବେଳେ ସେ ଉତ୍ତରପ୍ରଦେଶରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ରେ ରହିଥିଲେ। ସେହିପରି ବାଣପୁର ବ୍ଲକର ୩୯ବର୍ଷ ପୁରୁଷ, ସେ କୁଏତ୍, ବାଲିପାଟଣା ବ୍ଲକର ୩୦ବର୍ଷ ମହିଳା ଏବଂ ଖୋର୍ଦ୍ଧା ବ୍ଲକର ଜଣେ ୫୦ବର୍ଷ ପୁରୁଷ ଭୁବନେଶ୍ୱରସ୍ଥ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ଏମାନଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ସମସ୍ତଙ୍କୁ ଚିକିତ୍ସା ଲାଗି କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଜିଲାର ୩୦୩ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି।


### ଘରୋଇ ବିଦ୍ୟାଳୟରେ ଲାଗୁ ହୋଇପାରେ ୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା

**ଭୁବନେଶ୍ୱର, ୪।୭(ବ୍ୟୁରୋ):** ଓଡ଼ିଶାରେ ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅନୁଯାୟୀ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ବାଧ୍ୟତାମୂଳକ କରାଯିବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସନ୍ତା ୬ ତାରିଖରେ ଏକ ବୈଠକ ବସିବ ଏବଂ ଓଡ଼ିଶାରେ ଖୁବ୍‌ଶୀଘ୍ର ଏହା ଲାଗୁ କରାଯିବ ବୋଲି ଜଣାପଡ଼ିଛି। ବିଦ୍ୟାଳୟରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ ନେଇ ରାଜ୍ୟ ସରକାର ଗତବର୍ଷ ସ୍ପଷ୍ଟ କରିଥିଲେ। ୨୦୨୦-୨୧ରେ ଏହା ନିଶ୍ଚିତ ଲାଗୁ ହେବ ବୋଲି କହିଥିଲେ। ତେଣୁ ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘ ଗତ ୨୪ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସ୍ମାରକପତ୍ର ଦେଇ ମନେ ପକାଇଥିଲା। ଏହାସହ ୬ ତାରିଖରେ ଆମରଣ ଅନଶନରେ ବସିବାକୁ ମହାସଂଘ ନିଷ୍ପତ୍ତି ନେଇଥିଲା। ବିଭାଗ ପକ୍ଷରୁ ହେବାକୁ ଥିବା ଆଗାମୀ ବୈଠକରେ ମହାସଂଘକୁ ଡକାଯାଇଛି। ତେଣୁ ମହାସଂଘ ଆମରଣ ଅନଶନକୁ ସ୍ଥଗିତ ରଖିଥିବା ସୂଚନା ମିଳିଛି।

# ଆଉ ୬ ମୃତ, ଗଞ୍ଜାମ ସ୍ଥିତି ଉତ୍କଟ

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

## କରାଳ ରୂପ ନେଲା କରୋନା



- ମୃତ୍ୟୁ ସଂଖ୍ୟା ୩୫ରେ ପହଞ୍ଚିଲା, ୪ ଦିନରେ ମଲେଣି ୧୦
- ୨୪ ଜିଲାରୁ ୪୯୫ ନୂଆ ପଜିଟିଭ୍ ଚିହ୍ନଟ
- ମାସକରେ ବଢ଼ିଗଲେ ପାଖାପାଖି ୬ ହଜାର ଆକ୍ରାନ୍ତ
- ଗଞ୍ଜାମରେ ମୃତ୍ୟୁ ୨୦, ଆକ୍ରାନ୍ତ ୨୦୬୬

ରାଜ୍ୟରେ କରାଳ ରୂପ ନେଲାଣି ମହାମାରୀ କରୋନା। ଜୁଲାଇ ଆରମ୍ଭରୁ ସଂକ୍ରମଣ ସହ ମୃତ୍ୟୁ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଶୁକ୍ରବାର ୫୬୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ହେଲେ ଶନିବାରର ସରକାରୀ ତଥ୍ୟ ରାଜ୍ୟରେ କରୋନାର ଭୟଙ୍କର ସ୍ଥିତିକୁ ସାମ୍ନାକୁ ଆଣିଛି। ପ୍ରଥମଥର ପାଇଁ ଗୋଟିଏ ଦିନରେ ଏହି ମହାମାରୀ ୬ଜଣଙ୍କ ଜୀବନ ନେଇଥିବାବେଳେ ୪୯୫ଜଣ ସଂକ୍ରମିତ ହୋଇଛନ୍ତି। ତେବେ ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ୩ଜଣ ଥିବାବେଳେ ଖୋର୍ଦ୍ଧାରୁ ୨ଜଣ ଓ ଯାଜପୁରରୁ ଜଣେ ରହିଛନ୍ତି। ଗଞ୍ଜାମର ସମସ୍ତ ମୃତକ ପୁରୁଷ। ଦୁଇଜଣ ୩୫ ଓ ୨୭ ବର୍ଷୀୟ ଯୁବକ ହୋଇଥିବାବେଳେ ଏମାନଙ୍କର କୌଣସି ଅନ୍ୟ ରୋଗ ନ ଥିଲା। ତୃତୀୟ ମୃତକଙ୍କ ବୟସ ୫୦ବର୍ଷ ହୋଇଥିବାବେଳେ ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ସେହିଭଳି ଖୋର୍ଦ୍ଧାର ମୃତ ଦୁଇଜଣଙ୍କ ମଧ୍ୟରୁ ଜଣେ ୬୪ ବର୍ଷୀୟ ବ୍ୟକ୍ତି ମଧୁମେହ ରୋଗରେ ଓ ଅନ୍ୟଜଣେ ୫୧ବର୍ଷୀୟ ପୁରୁଷ ଯକ୍ଷ୍ମା ରୋଗରେ ପୀଡ଼ିତ ଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଯାଜପୁର ଜିଲାରେ ପ୍ରଥମ କରୋନାଜନିତ ମୃତ୍ୟୁ ହୋଇଛି। ମୃତକ ହେଲେ ବରୀ ବ୍ଲକ୍ ଅଙ୍ଗାଲୋ ପଞ୍ଚାୟତର ୬୪ବର୍ଷୀୟ ବ୍ୟକ୍ତି। ଏ ସମ୍ପର୍କରେ ଶନିବାର ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନା ଦେଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୫ରେ ପହଞ୍ଚିଥିବାବେଳେ ଗଞ୍ଜାମ ଜିଲାର ସ୍ଥିତି ଉତ୍କଟ ହେବାରେ ଲାଗିଛି। ଏଠାରେ ମୃତ୍ୟୁ ସଂଖ୍ୟା ୨୦ରେ ପହଞ୍ଚିଛି। ଏହା ତଳକୁ ଥିବା ଖୋର୍ଦ୍ଧା ଜିଲାରେ ୭ଜଣଙ୍କ ଜୀବନ ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି। ସେପଟେ ଶନିବାର ଆଉଜଣେ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ଫଳରେ ଅନ୍ୟ ରୋଗରେ ମରିଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଛୁଇଁଛି।

ଲକ୍‌ଡାଉନ୍ ହଟିବା ପରଠାରୁ ଅର୍ଥାତ୍ ଜୁନ୍‌ରୁ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବା ଆରମ୍ଭ କରିଛି। ମାସକ ମଧ୍ୟରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଜୁନ୍ ୪ରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬୦୮ ଥିବାବେଳେ ଜୁଲାଇ ୪ରେ ୮୬୦୧ରେ ପହଞ୍ଚିଛି, ଅର୍ଥାତ୍ ମାସକରେ ୫ହଜାର ୯୯୩ ସଂକ୍ରମିତ ହୋଇଛନ୍ତି। ତେବେ ଜୁଲାଇ ଆରମ୍ଭରୁ କରୋନା ସବୁଠୁ ଅଧିକ ଉଗ୍ର ହେବାରେ ଲାଗିଛି। ୪ଦିନରେ କରୋନାରେ ୯ଜଣଙ୍କ ଜୀବନ ଯାଇଥିବାବେଳେ ୧,୫୩୬ଜଣ ଆକ୍ରାନ୍ତ ହୋଇଛନ୍ତି। ଶେଷ ୨୪ ଘଣ୍ଟାରେ ଚିହ୍ନଟ ୪୯୫ ଆକ୍ରାନ୍ତଙ୍କ ମଧ୍ୟରୁ ୩୫୫ଜଣ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୧୪୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସର୍ବାଧିକ ୨୧୬ଜଣ କେବଳ ଗଞ୍ଜାମରୁ ଚିହ୍ନଟ ହୋଇଛନ୍ତି। ଫଳରେ ଗଞ୍ଜାମ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨,୦୬୬କୁ ବୃଦ୍ଧି ପାଇଛି। ସେହିପରି ଖୋର୍ଦ୍ଧାରୁ ୫୦, ସୁନ୍ଦରଗଡ଼ରୁ ୩୬, ମୟୂରଭଞ୍ଜରୁ ୨୮, ଅନୁଗୋଳରୁ ୨୪, ପୁରୀରୁ ୧୮, ବାଲେଶ୍ୱର ଓ କଟକରୁ ୧୩, ଭଦ୍ରକରୁ ୧୨, କେନ୍ଦ୍ରାପଡ଼ା ଓ ନବରଙ୍ଗପୁରରୁ ୧୧ଜଣ ଲେଖାଏ, ଝାରସୁଗୁଡ଼ା ଓ କନ୍ଧମାଳରୁ ୮ଜଣ ଲେଖାଏ, ଗଜପତିରୁ ୭, ସମ୍ବଲପୁରରୁ ୬, କେନ୍ଦୁଝର, କୋରାପୁଟ ଓ ମାଲକାନଗିରିରୁ ୫ଜଣ ଲେଖାଏ, ସୋନପୁର ଓ ବରଗଡ଼ରୁ ୨ଜଣ ଲେଖାଏ ଏବଂ ଢେଙ୍କାନାଳ, ଯାଜପୁର ଓ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ୨୨୯ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ସୁସ୍ଥଙ୍କ ସଂଖ୍ୟା ୫୯୩୪ରେ ପହଞ୍ଚିଛି।

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

**ଭୁବନେଶ୍ୱର,୪।୭ (ବ୍ୟୁରୋ)**

## ରାଜଧାନୀରେ ଚାଞ୍ଚଲ୍ୟ

- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ଗଛ ଉପରେ ଲୁଚିଥିବା ଅଭିଯୁକ୍ତ ଗିରଫ

ରାଜଧାନୀରେ ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ହୋଇଛି। ନୟାପଲ୍ଲୀ ଥାନାଞ୍ଚଳରେ ଶୁକ୍ରବାର ରାତିରେ ଘଟିଛି ଏହି ସ୍ପର୍ଶକାତର ଘଟଣା। ଶିଶୁଟି ଗୁରୁତର ଅବସ୍ଥାରେ ଏକ ବସ୍ତି ଅଞ୍ଚଳରେ ପଡିଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବଳାତ୍କାର ମାମଲା ରୁଜୁ କରି ତଦନ୍ତ କରିଛି। ଏଭଳି ନୃଶଂସ କାଣ୍ଡ ଘଟାଇଥିବା ଅଭିଯୁକ୍ତ ଜଣକ ଏକ ଗଛରେ ଲୁଚିଥିବାବେଳେ ପୋଲିସ ତାଙ୍କୁ ଧରିଥିବା ଜଣାପଡିଛି। ଅଭିଯୁକ୍ତ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା ଚାଲିଛି। ପୀଡିତା ଶିଶୁ ସୁସ୍ଥ ହେବା ପରେ ବୟାନ ନିଆଯିବ ବୋଲି ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଶିଶୁଟି ଘର ପାଖରେ ଖେଳୁ ଖେଳୁ ରାତି ସାଢେ ୮ଟା ହୋଇଯାଇଥିଲା। ଉକ୍ତ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିବା ଅଭିଯୁକ୍ତ ଜଣକ ଶିଶୁଟିକୁ ଏକାକୀ ଥିବା ଦେଖି ଚକୋଲେଟ ଦେବା ବାହାନାରେ ପାଖକୁ ଡାକିଥିଲେ। ଶିଶୁଟି ପହଞ୍ଚିବାକ୍ଷଣି ତାଙ୍କ ପାଟି ବନ୍ଦ କରି ଘର ଭିତରକୁ ଟେକି ନେଇଯାଇ ବଳାତ୍କାର କରିଥିଲେ। ଏହାପରେ ଶିଶୁଟିକୁ ଅଚେତ ଅବସ୍ଥାରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ସେହି ବାଟରେ ଯାଉଥିବା ଜଣେ ବ୍ୟକ୍ତି ଶିଶୁଟିକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ପରିବାର ଲୋକଙ୍କୁ ଡାକିବା ସହ ହସ୍ପିଟାଲ ନେଇଥିଲେ।

# ଶୋଭାଯାତ୍ରା, ଧାରଣା ବନ୍ଦ କଲା ବିଏମ୍‌ସି

**ଭୁବନେଶ୍ୱର,୪।୭(ବ୍ୟୁରୋ)**

ଏଣିକି ରାଜଧାନୀରେ ଶୋଭାଯାତ୍ରା, ଧାରଣା ଆଦି ଆନ୍ଦୋଳନ ବନ୍ଦ। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏନେଇ କଟକଣା ଲାଗୁ କରାଯାଇଛି। କୌଣସି ସଙ୍ଗଠନ, ରାଜନୈତିକ ଦଳ କିମ୍ବା ଗୋଷ୍ଠୀ ୭ରୁ ଅଧିକ ଲୋକଙ୍କୁ ଏକାଠି କରି ସମାବେଶ, ଶୋଭାଯାତ୍ରା ଓ ଧାରଣା ଦେଲେ ସେମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯିବ। ଏହାସତ୍ତ୍ୱେ ଏପରି ଘଟଣା ନଜରକୁ ଆସିଲେ ସ୍ଥାନୀୟ ଥାନାର ଆଇଆଇସି ତତ୍କାଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଏମ୍‌ସିର ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।



କଟକ ରାଣୀହାଟ ସ୍ଥିତ ମାଳିସାହି ଅଞ୍ଚଳକୁ ଶନିବାର କଣ୍ଟେନ୍‌ମେଣ୍ଟ୍ ଜୋନ୍ ଘୋଷଣା ପରେ ସେଠାକାର ରାସ୍ତାକୁ ବନ୍ଦ କରାଯାଇଛି।

# ୮ ଯାଏ କଟକ ସହର ଶଟ୍‌ଡାଉନ

## ବୁଧବାର ପର୍ଯ୍ୟନ୍ତ ହାଇକୋର୍ଟ ବନ୍ଦ

**କଟକ ଅଫିସ,୪।୭**

କଟକରେ କରୋନା ସ୍ଥିତି ଅଣାୟତ୍ତ ହେବା ପରେ ଆସନ୍ତା ବୁଧବାର ମଧ୍ୟରାତ୍ରି ପର୍ଯ୍ୟନ୍ତ କଟକ ସହରକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ସପ୍ତାହାନ୍ତ ଦୁଇ ଦିନିଆ ଶଟ୍‌ଡାଉନ ପରେ ଆଉ ତିନି ଦିନ ଶଟ୍‌ଡାଉନ ରହିବ କଟକ। ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ କହିଛନ୍ତି। ଶଟ୍‌ଡାଉନ୍ ପାଇଁ ବୁଧବାର ପର୍ଯ୍ୟନ୍ତ ହାଇକୋର୍ଟ ମଧ୍ୟ ବନ୍ଦ ରହିବ। ଅନ୍ୟପକ୍ଷରେ ମେଡିକାଲ ପରେ ଏବେ ବସ୍ତି ଉପରେ ବିପଦ ବଢ଼ିଛି। ଶୁକ୍ରବାର ରାଣୀହାଟସ୍ଥିତ ମାଳିସାହି ବସ୍ତିରୁ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଶନିବାର ସିଏମ୍‌ସି ଏହି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି। ଶଟ୍‌ଡାଉନ ବେଳେ ସମସ୍ତ ପ୍ରକାର ଅଣ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବନ୍ଦ ରହିବ। ସାଧାରଣ ଯାନବାହାନ ଚଳାଚଳ ଉପରେ ମଧ କଟକଣା ଜାରି କରାଯାଇଛି। କେବଳ ଜରୁରିକାଳୀନ କାର୍ଯ୍ୟ ପାଇଁ ଯାନବାହାନ ବ୍ୟବହାର କରାଯାଇପାରିବ। ରାଶନ, ପନିପରିବା, କ୍ଷୀର ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ ସକାଳ ୫ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। କିନ୍ତୁ ଦୋକାନରେ ବ୍ୟବସାୟ ସମୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବା ସହ ଗ୍ରାହକମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ଔଷଧ ଦୋକାନକୁ ସମସ୍ତ ପ୍ରକାର କଟକଣାରୁ ମୁକ୍ତ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀର ହୋମ୍ ଡେଲିଭରି ଓ ଏହି କାର୍ଯ୍ୟରେ ନିୟୋଜିତ ସଂସ୍ଥାଗୁଡ଼ିକ ଉପରେ କଟକଣା ଜାରି କରାଯାଇ ନାହିଁ।

### ହାଇକୋର୍ଟ କର୍ମଚାରୀଙ୍କୁ କରୋନା

ଓଡ଼ିଶା ହାଇକୋର୍ଟର ସିଭିଲ୍ ରେକର୍ଡ଼ ରୁମ୍ ବିଭାଗର ଜଣେ ଟାଇପିଷ୍ଟ କରୋନା ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। କେବଳ ସେ ଏକା ନୁହନ୍ତି, ତାଙ୍କ ଅଭିଭାବକମାନେ ମଧ ସଂକ୍ରମିତ ଥିବା ଜଣାପଡ଼ିଛି। ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏହାପରେ ହାଇକୋର୍ଟ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ହାଇକୋର୍ଟ କାର୍ଯ୍ୟାଳୟକୁ ଅନ୍ତତଃ ଦୁଇ ସପ୍ତାହ ପାଇଁ ବନ୍ଦ ରଖିବାକୁ ଓଡ଼ିଶା ହାଇକୋର୍ଟ କର୍ମଚାରୀ ସଂଘ ଦାବି କରିଛି। ଏନେଇ ସଂଘ ମୁଖ୍ୟ ବିଚାରପତିଙ୍କୁ ଦାବିପତ୍ର ଦେଇଛି।

# ଏସ୍‌ସିବିରେ ଖୋଲିବ ଫୁସ୍‌ଫୁସ୍ ରୋଗ ଔଷଧୀୟ ପାଠ୍ୟକ୍ରମ

- ଏମ୍‌ସିଆଇ ଦେଲା ଅନୁମତି, ପୂର୍ବ ଭାରତରେ ପ୍ରଥମ
- ୨୦୨୦-୨୧ ଶିକ୍ଷାବର୍ଷରୁ ଆରମ୍ଭ ହେବ

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ସିବି)ରେ ଫୁସ୍‌ଫୁସ୍ ରୋଗ ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ପାଠ୍ୟକ୍ରମ ଖୋଲିବ। ଏଥିପାଇଁ ଭାରତୀୟ ମେଡିକାଲ କାଉନ୍‌ସିଲ୍ (ଏମ୍‌ସିଆଇ) ଅନୁମତି ପ୍ରଦାନ କରିଛନ୍ତି। ଚଳିତ ୨୦୨୦-୨୧ ଶିକ୍ଷାବର୍ଷରୁ ସୁପର ସ୍ପେଶିଆଲିଟି ବିଭାଗରେ ଏହି ପାଠ୍ୟକ୍ରମ ଖୋଲାଯିବ। ରାଜ୍ୟରେ ଶ୍ୱାସକ୍ରିୟାଜନିତ ରୋଗର ଚିକିତ୍ସା କ୍ଷେତ୍ରରେ ଏହି ପାଠ୍ୟକ୍ରମ ମାଇଲ୍‌ଖୁଣ୍ଟ ହେବ। ଦେଶରେ ଫୁସ୍‌ଫୁସ୍ ରୋଗ ଚିକିତ୍ସା ପାଇଁ ଔଷଧୀୟ ପାଠ୍ୟକ୍ରମ ପ୍ରଚଳନରେ ଏସ୍‌ସିବି ୧୦ମ ଅନୁଷ୍ଠାନ ହୋଇଥିବାବେଳେ ପୂର୍ବ ଭାରତରେ ଏପରି ଅନୁମତି ପାଇବାରେ ପ୍ରଥମ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ପାଠ୍ୟକ୍ରମ ଖୋଲିବା ଫଳରେ ସମସ୍ତ ପ୍ରକାର ଫୁସ୍‌ଫୁସ୍‌ଜନିତ ରୋଗର ଚିକିତ୍ସା ନିମନ୍ତେ ମାର୍ଗ ପ୍ରଶସ୍ତ ହେବ। ଏଥିସହ ଏହି ରୋଗର ନିଦାନ ଓ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ଉପକରଣ ତଥା ଯନ୍ତ୍ରପାତି ମଧ ଉପଲବ୍ଧ ହେବ। ଏସ୍‌ସିବି ମେଡିକାଲ କଲେଜର ଉତ୍କର୍ଷ କେନ୍ଦ୍ର ଅଧୀନରେ ଏହି ପାଠ୍ୟକ୍ରମ ପରିଚାଳିତ ହେବ ଏବଂ ଆଗକୁ ପାରାମେଡିକାଲ କୋର୍ସ ମଧ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।


**CAUTION NOTICE**

CARLTRON

Notice is hereby given to all concerned that our client **M/s. Carlton Enterprise** of 2/1, S. L. Chatterjee Street, Kolkata-700049 is engaged in the business of manufacturing and marketing of "Track Suit and other sports wears" since 1993 under the Trade Mark "**CARLTRON**" in a specific artistic get up as depicted hereinabove.

By virtue of maintaining the quality of the said products coupled with such extensive use the said trade mark particularly the said device has acquired so much distinctiveness in the course of trade that the customers can identify the said products to have been originated from the business of our client and none else.

The stylish representation of the said device comprising the Trade Mark "**CARLTRON**" is an original artistic work within the meaning of The Copyright Act, 1957. In order to claim exclusive ownership to the use of the said artistic get up our client has already registered the Copyright of the same under the said Act.

Take note that in recent past our client has already taken civil and criminal action against the infringers for using the said artistic device on the same products and it has also come to the notice of our client that some unscrupulous manufacturer/trader is selling the same products duplicating the same artistic device in some districts in Odisha.

All concerned including manufacturers, dealers and/or distributors of the aforesaid products are hereby strictly cautioned that the similar action including civil and/or criminal will be taken against those who are found to using the said trade mark in the said device in any manner whatsoever in respect of the said products in the course of trade without any valid authorization and/or approval of our client.

**M/S. C. J. ASSOCIATES**
Patent, Trade Mark, Copyright & Design Attorneys,
6A, Kiran Shankar Roy Road, 2nd Floor, Kolkata-700001.
Phone : 2262-5243/44, Fax : 2262-5247


# ସଂକ୍ରମଣ ବଳୟରେ ହସ୍ପିଟାଲ, ବସ୍ତି

**କଟକ ଅଫିସ୍,୪।୭**

- କ୍ୟାନ୍‌ସର ହସ୍ପିଟାଲରେ ୩୮ ଆକ୍ରାନ୍ତ ଚିହ୍ନଟ
- କଣ୍ଟେନମେଣ୍ଟ ଜୋନ୍ ହେଲା ମାଳିସାହି ବସ୍ତି
- ବସ୍ତିର ସମସ୍ତ ଆକ୍ରାନ୍ତ ସ୍ଥାନୀୟ ଲୋକ

କଟକ ଜିଲାରେ ପ୍ରଥମେ ବିଭିନ୍ନ ହସ୍ପିଟାଲ ଓ ଏବେ ବସ୍ତିରେ କରୋନା ଭୂତାଣୁର ସଂକ୍ରମଣ ଅଣାୟତ୍ତ ସ୍ଥିତି ସୃଷ୍ଟି କରିଛି। ଏସ୍‌ସିବି ଆଇସୋଲେଶନ ଓ ଅନ୍ୟ ବିଭାଗ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ଓ ଚାଉଳିଆଗଞ୍ଜସ୍ଥିତ ଏକ ଘରୋଇ ହସ୍ପିଟାଲରୁ ସଂଖ୍ୟାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ପୂର୍ବରୁ ସିଟି ହସ୍ପିଟାଲରେ ମଧ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଗତ ଗୁରୁବାର ଗୋଟିଏ ଦିନରେ ଆଚାର୍ଯ୍ୟ ହରିହର ପ୍ରତିଷ୍ଠାନରୁ ୫୫ ଜଣ ପଜିଟିଭ ବାହାରିବା ପରେ ଏହାର ସ୍ଥିତି ସଙ୍ଗୀନ ରହିଛି। ଶନିବାର ପୁଣି ଏଠାରୁ ୩୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୬ ଓ ନ୍ୟୁରୋସର୍ଜରି ୱାର୍ଡରୁ ଜଣେ କର୍ମଚାରୀ ପଜିଟିଭ୍ ବାହାରିଛନ୍ତି। ସ୍ଥିତି ଏପରି ହୋଇଛି ଯେ ବାଧ୍ୟହୋଇ ସିଏମ୍‌ସି ସହରକୁ ୮ ତାରିଖ ଯାଏ ଶଟ୍‌ଡାଉନ କରିଛି।

ଅନ୍ୟପକ୍ଷରେ କଟକ ମାଳିସାହି ବସ୍ତି ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବାହାର ଅଞ୍ଚଳରୁ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଏଠାରୁ କେହି ବାହାରକୁ ମଧ ଯାଇପାରିବେ ନାହିଁ। ଦକ୍ଷିଣରେ ହେମନ୍ତ ରାଉତଙ୍କ ଘରଠାରୁ ଉତ୍ତରରେ ତୁଳା ମିଶ୍ରଙ୍କ ଘର, ପଶ୍ଚିମରେ ଚମ୍ପାଦେଇ ମନ୍ଦିର ଓ ପୂର୍ବରେ ହନୁ ପାଲ୍‌ଙ୍କ ଘର ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ସାଧାରଣ ଲୋକଙ୍କ ଚଳପ୍ରଚଳ, ଗାଡ଼ିମୋଟର ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିବ। ଶଟ୍‌ଡାଉନ ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ସହ ଔଷଧ ଓ ମେଡିକାଲ୍ ସହାୟତା ଯୋଗାଇଦେବା ପାଇଁ ସିଏମ୍‌ସି ଟିମ୍ ଗଠନ କରିଛି। ସିଏମ୍‌ସିର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ପରିମଳ ନିରୀକ୍ଷକ ବିଜୟ ପାତ୍ରଙ୍କୁ ପରିମଳ, ଏନ୍‌ଫୋର୍ସମେଣ୍ଟ ଅଫିସର୍ ପ୍ରଦୀପ ସାହା, ୱାର୍ଡ ଅଫିସର୍ ଚିତ୍ତରଞ୍ଜନ ପରିଡ଼ାଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଲଳିତ ଦ୍ୱିବେଦୀଙ୍କୁ ଦାୟିତ୍ୱ ଦିଆଯାଇଛି।

### ଆଚାର୍ଯ୍ୟ ହରିହରରୁ ମାଳିସାହିକୁ ଡେଇଁଲା ସଂକ୍ରମଣ

ମାଳିସାହି ବସ୍ତିରୁ ଚିହ୍ନଟ ହୋଇଥିବା ୧୩ ଜଣଙ୍କ ମଧ୍ୟରୁ କାହାରି ହେଲେ ଗସ୍ତ ସୂଚୀ ନାହିଁ। ସମସ୍ତେ ସ୍ଥାନୀୟ ଆକ୍ରାନ୍ତ। ଏହି ବସ୍ତିର ଜଣେ ବ୍ୟକ୍ତି ଆଚାର୍ଯ୍ୟ ହରିହର ପ୍ରତିଷ୍ଠାନରେ କାର୍ଯ୍ୟ କରୁଛନ୍ତି। ସେ ସେଠାରେ ଆକ୍ରାନ୍ତ ହୋଇଥିଲେ। ଏଣୁ ସେ ରହୁଥିବା ମାଳିସାହିରେ କଣ୍ଟାକ୍ଟ ଟ୍ରେସିଂ ସହ ଅଞ୍ଚଳବାସୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ ୧୩ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏମାନଙ୍କ ମଧ୍ୟରୁ ୪ ଜଣ ସମ୍ପୃକ୍ତ ଆକ୍ରାନ୍ତଙ୍କ ସହ ସିଧାସଳଖ ସମ୍ପର୍କରେ ଆସିଥିଲେ। କିନ୍ତୁ ଅନ୍ୟ ୯ ଜଣ କିପରି ଆକ୍ରାନ୍ତ ହେଲେ, ତାହାର କାରଣ ଖୋଜି ପାଉନି ପ୍ରଶାସନ।

### ନର୍ସିଂହୋମ୍ ସିଲ୍ କଲା ସିଏମ୍‌ସି

କଟକ ସହର ଚାଉଳିଆଗଞ୍ଜସ୍ଥିତ ଏକ ନର୍ସିଂହୋମ୍‌ରୁ ଶୁକ୍ରବାର ୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଶନିବାର ସିଏମ୍‌ସି ସେହି ନର୍ସିଂହୋମ୍‌କୁ ସିଲ୍ କରିଛି। ସରକାରଙ୍କ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଏହି ସିଲ୍ ହୋଇଛି। ସମସ୍ତ ଆକ୍ରାନ୍ତ ସେଠାରେ କାର୍ଯ୍ୟ କରୁଥିଲେ। ସେଥିରୁ ଜଣେ ମହିଳା ନର୍ସ, ସଫେଇ କର୍ମଚାରୀ ଓ ଅନ୍ୟ ୪ ଜଣ ପୁରୁଷ। କିଛି ଦିନ ତଳେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ଜଣେ ମହିଳା ଚିକିତ୍ସା ପାଇଁ ଏଠାରେ ଭର୍ତ୍ତି ହୋଇଥିଲେ। ପରେ ସେ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ନର୍ସିଂହୋମ୍‌ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ଡାକ୍ତରଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା।

# ରାଜଭବନରେ ଅନଲାଇନରେ ହେବ ଅଭିଯୋଗ

**ଭୁବନେଶ୍ୱର,୪।୭(ବ୍ୟୁରୋ):** ସାଧାରଣ ଅଭିଯୋଗଗୁଡ଼ିକର ସମାଧାନ ଓ ଶୀଘ୍ର ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ୬ ତାରିଖରୁ ଓଡ଼ିଶା ରାଜଭବନରେ ଅନ୍‌ଲାଇନ ସାଧାରଣ ଅଭିଯୋଗ ପ୍ରତିକାର ପ୍ରକ୍ରିୟା ପ୍ରଚଳିତ ହେବ। ଏଥିଲାଗି ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏକ ୱେବ୍‌ପୋର୍ଟାଲ https://cmgcodisha.gov.in ପ୍ରସ୍ତୁତ ହୋଇଛି। ଏହା ମାଧ୍ୟମରେ ଅଭିଯୋଗକାରୀ ଯେକୌଣସି ସ୍ଥାନରୁ ସବୁ ସମୟରେ ଅଭିଯୋଗ ଅପ୍‌ଲୋଡ୍ କରିପାରିବେ। ତୁରନ୍ତ ଫଇସଲା ନିମନ୍ତେ ଅଭିଯୋଗକୁ ସଂପୃକ୍ତ ବିଭାଗକୁ ପଠାଯିବ। ୱେବ୍ ପୋର୍ଟାଲରେ ଅଭିଯୋଗ ଅପ୍‌ଲୋଡ୍ ହେବାମାତ୍ରେ ଅଭିଯୋଗକାରୀଙ୍କ ଫୋନ୍ ନମ୍ବରରେ ପଞ୍ଜୀକରଣ ସଂଖ୍ୟା ସହ ମେସେଜ୍ ଯିବ। ଏହି ସଂଖ୍ୟାକୁ ବ୍ୟବହାର କରି ଅଭିଯୋଗର ସ୍ଥିତି ସମ୍ପର୍କରେ ଜାଣିହେବ।


DIRECTORATE OF AGRO BASED FOOD PROCESSING INDUSTRY
KHADI AND VILLAGE INDUSTRIES COMMISSION
Ministry of Micro, Small and Medium Enterprises Govt of India
Gramodaya, 3, Irla Road, Vile Parle (West), Mumbai-400056.
Tel: 022-26710854.

Ministry of Micro, Small & Medium Enterprises Government of India

**INVITING PROPOSALS FOR SETTING UP OF PALM GUR,NEERA AND ALLIED PRODUCT CLUSTERS UNDER THE SFURTI SCHEME**

Directorate of Agro Based Food Processing Industry, Khadi and Village Industries Commission, Ministry of Micro, Small and Medium Enterprises, Govt of India, Gramodaya, 3, Irla Road, Vile Parle (West), Mumbai-400056 invites proposals for setting up of **Palm Gur, Neera and Allied Product Clusters** to generate sustainable employment opportunities for the overall development of this industry by strengthening the entrepreneurship and adopting the best scientific and innovative technological interventions, from NGOs, Institutions of the Central and State Government and Semi Government institutions, Field Functionaries of State and Central Government, Panchayat Raj Institutions etc, with suitable expertise under this industry or allied activities to undertake the cluster development programme.

The Palm Gur cluster will be taken up as per the existing guidelines of the SFURTI Scheme. The details of the guidelines and application may be downloaded from the link https://kviconline.gov.in/sfurti Duly filled in proposals complete in all respects along with supporting documents should reach the office of the respective State / Divisional Directors of KVIC in the concerned States as per the detailed address available in the KVIC website on or before 05-08-2020.

Dy.Director I/c
(Agro Based Food Processing Industry)

> ଭାରତର ପ୍ରକୃତ ନିୟତି ହେଉଛି – ସେ ଦିନେ ବିଶ୍ୱର ଗୁରୁ ହେବ।.. ସେଥିପାଇଁ ଭାରତକୁ ତା'ର ଆଦର୍ଶର ଉଚ୍ଚତମ ଶିଖରକୁ ଉଠିବାକୁ ହେବ ଏବଂ ବିଶ୍ୱକାନରେ ପରମ ସତ୍ୟକୁ ଘୋଷଣା କରିବାକୁ ହେବ। –ଶ୍ରୀମା

# ଏକଜୁଟ ହେବାକୁ ପଡ଼ିବ

**ଆକାର ପଟେଲ**

ଦେଶକୁ ବର୍ତ୍ତମାନ ଅନେକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡୁଛି। ପ୍ରଥମେ ସ୍ୱାସ୍ଥ୍ୟରୁ ଆରମ୍ଭ କରିବା। ଶୁକ୍ରବାର (୪ ଜୁଲାଇ) ୨୨,୦୦୦ ଭାରତୀୟ କୋଭିଡ୍ ପଜିଟିଭ ଥିବା ଜଣାପଡ଼ିବା ସହ ୪୪୦ରୁ ଅଧିକ ଲୋକ ଏହି ମହାମାରୀରେ ମୃତ୍ୟୁବରଣ କରିଛନ୍ତି। ଆମେ ବର୍ତ୍ତମାନ ବିଶ୍ୱର ୧୦% ମାମଲା ପଞ୍ଜୀକରଣ କରୁଛୁ ଏବଂ ସୋମବାର ସୁଦ୍ଧା ସଂକ୍ରମଣ ସଂଖ୍ୟା ଦୃଷ୍ଟିରୁ ଆମେ ତୃତୀୟ ସ୍ଥାନରେ ରହିବୁ। ଜୁଲାଇ ଶେଷ ସୁଦ୍ଧା ଆମର ଦୈନିକ ୫୦,୦୦୦ ସଂକ୍ରମଣ ହେବ, ଯେତିକି ଆମେରିକାରେ ବର୍ତ୍ତମାନ ଘଟୁଛି ଏବଂ ଦୈନିକ ୧୦୦୦ ମୃତ୍ୟୁ ଘଟିବ। ଅଗଷ୍ଟ ଶେଷ ସୁଦ୍ଧା ଏହା ଦିନକୁ ଏକ ଲକ୍ଷ ହେବ। ସେହି ସମୟରେ କେତେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ସେବା ପାଇଁ ଉପଲବ୍ଧ ହେବେ ଏବଂ କେତେ ସକ୍ଷମ ହେବେ ତାହା ବିଚାର କରିବାକୁ ହେବ। ସେପ୍ଟେମ୍ବର ଓ ଅକ୍ଟୋବରରେ ସଂକ୍ରମଣ ସ୍ଥିତି କ'ଣ ହୋଇଥିବ କଳ୍ପନୀୟ। କିନ୍ତୁ ବିଚାର କରନ୍ତୁ ଯେ ବର୍ତ୍ତମାନ ସଂକ୍ରମଣରେ ଶୀର୍ଷରେ ଥିବା ସ୍ଥାନଗୁଡ଼ିକ ହେଉଛି ଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇ ଯେଉଁଠି ଭାରତର ସର୍ବୋତ୍ତମ ସ୍ୱାସ୍ଥ୍ୟ ସୁବିଧା ଅଛି। ଯେତେବେଳେ ସହର ପରି ସ୍ୱାସ୍ଥ୍ୟସେବା ସୁବିଧା ନ ଥିବା ଜାଗାରେ ଏହି ରୋଗ ବ୍ୟାପିବ, ସେତେବେଳେ କ'ଣ ହେବ କଳ୍ପନା କରିବା କଷ୍ଟକର ନୁହେଁ।

ଏବେ ଅର୍ଥନୀତି ବିଷୟରେ ଆଲୋଚନା କରିବା। ଭାରତରେ କିଛି ଉଚ୍ଚ ଫ୍ରିକ୍ୱେନ୍ସିର ସୂଚକ ଅଛି ଯାହା ଆମକୁ ଅର୍ଥନୀତିର ସାମ୍ପ୍ରତିକ ସ୍ଥିତି ଏବଂ ପରିବର୍ତ୍ତନ ବିଷୟରେ କହିପାରେ। ଆମ ପାଖରେ ସର୍ବୋତ୍ତମ ସୂଚକ ହେଉଛି ଅଟୋମୋବାଇଲ୍ ବିକ୍ରୟ। କାରଣ ପ୍ରତ୍ୟେକ ମାସ ଆରମ୍ଭରେ ନିର୍ମାତାମାନେ ଡିଲରମାନଙ୍କୁ ବିକ୍ରୟ କରିଥିବା ଗାଡ଼ି ସଂଖ୍ୟା ପ୍ରକାଶ କରନ୍ତି। ସେମାନଙ୍କ କାରବାର କିପରି ଚାଲିଛି ଦେଖିବା ପାଇଁ ଆମେ ଗତବର୍ଷ ସହିତ ତୁଳନା କରିପାରିବା। ଯାତ୍ରୀବାହୀ ଯାନ ବିକ୍ରି ସଂଖ୍ୟା ଜାନୁୟାରୀ ୨୦୧୯ରେ ୨.୮ ଲକ୍ଷ ଥିବାବେଳେ ତାହା ଜାନୁୟାରୀ ୨୦୨୦ରେ ୨.୬ ଲକ୍ଷକୁ ହ୍ରାସ ପାଇଛି। ଏହା କୋଭିଡ୍ ପୂର୍ବରୁ ଏବଂ ଲକ୍‌ଡାଉନର ଦୁଇମାସ ପୂର୍ବରୁ ଘଟିଛି। ବାଣିଜ୍ୟିକ ଯାନ ଅର୍ଥାତ୍ ଶିଳ୍ପସଂସ୍ଥାଗୁଡ଼ିକ ଆବଶ୍ୟକ କରୁଥିବା ଟ୍ରକ୍ ଓ ଅନ୍ୟାନ୍ୟ ପରିବହନ ଯାନ ବିକ୍ରି ଜାନୁୟାରୀ ୨୦୧୯ରେ ୮୭,୦୦୦ ଥିବାବେଳେ ଚଳିତ ବର୍ଷ ଜାନୁୟାରୀରେ ତାହା ୭୫,୦୦୦କୁ ଖସିଯାଇଛି। ସେହିପରି ଦୁଇଚକିଆ ଗାଡ଼ି ବିକ୍ରି ୧୫ ଲକ୍ଷରୁ ୧୩ ଲକ୍ଷକୁ ଖସି ଆସିଛି। ଫେବୃୟାରୀରେ ବାଣିଜ୍ୟିକ ଯାନ ବିକ୍ରି ୩୨% ଓ ଯାତ୍ରୀବାହୀ ଯାନ ବିକ୍ରି ୭% ହ୍ରାସ ପାଇଛି।

ଏପ୍ରିଲରେ ଶୂନ୍ୟ ବିକ୍ରୟ ପରେ ମେ ଓ ଜୁନ୍ ମାସରେ ଅଧିକ ବିକ୍ରି ହେବା କଥା କିନ୍ତୁ ଉଭୟ ମାସର ବିକ୍ରିହାର ଉଲ୍ଲେଖନୀୟ ଭାବେ ନକାରାତ୍ମକ। ଏପରି କିଛି ଅଛି ଯାହା ଭାରତୀୟ ଅର୍ଥନୀତିକୁ କ୍ଷତି ପହଞ୍ଚାଉଛି ଏବଂ ଏହି ଯନ୍ତ୍ରଣା ତାଲାବନ୍ଦ ପୂର୍ବରୁ ଆରମ୍ଭ ହୋଇଥିଲା। ତଥ୍ୟ ସ୍ପଷ୍ଟ ହୋଇଥିଲେ ମଧ୍ୟ ସରକାର ଏହାକୁ ସ୍ୱୀକାର କରିନାହାନ୍ତି, ତେଣୁ ଏହାକୁ ସୁଧାରିବା ପାଇଁ କିଛି କରୁନାହାନ୍ତି। ଏ ଆର୍ଥିକ ଯନ୍ତ୍ରଣା ଜାରି ରହିବ ଏବଂ ଆମର ଅର୍ଥନୀତି କ୍ଷତି ସହିଚାଲିବ।

ଏହି ସମସ୍ୟାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଆମେ ଗତ ଦୁଇଦଶନ୍ଧିର ସବୁଠାରୁ ବଡ ରଣନୀତିକ ବିପଦର ସମ୍ମୁଖୀନ ହେଉଛୁ। ଚାଇନା ଲଦାଖର କିଛି ଅଂଶ ଦଖଲ କରିଛି ଯେଉଁଠି ଆମେ ମାର୍ଚ୍ଚ ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲୁ। ଚାଇନା କାହିଁକି ଏପରି କରୁଛି ଆମେ ଜାଣିନାହୁଁ ଏବଂ ଏହା କ'ଣ ଚାହୁଁଛି ତାହା ବି ଜାଣିନାହୁଁ। ସରକାରଙ୍କର ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବରେ ଜଣେ ପୂର୍ବତନ ଗୁପ୍ତଚର ଅଛନ୍ତି, ଯେଉଁ ପଦରେ ସାଧାରଣତଃ ବିଦ୍ୱାନ୍‌ମାନେ ରହନ୍ତି। ଆମର ଜଣେ ପ୍ରତିରକ୍ଷା କର୍ମଚାରୀଙ୍କ ମୁଖ୍ୟ ଅଛନ୍ତି, ଯାହାଙ୍କର ଧ୍ୟାନ କେବଳ କଶ୍ମୀରରେ ଉଗ୍ରବାଦର ଦମନ ଉପରେ ରହିଥିଲା ଏବଂ ଚାଇନା ପକ୍ଷରୁ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ କୌଣସି ସମସ୍ୟା ନାହିଁ ବୋଲି ସେ ନିଶ୍ଚିତ ଥିଲେ। କିନ୍ତୁ ସେ ଭୁଲ୍ ଥିଲେ। ବର୍ତ୍ତମାନ ଆମେ ପାକିସ୍ତାନ ପଟୁ ଏହି ଅଞ୍ଚଳକୁ ସୈନ୍ୟ ପଠାଉଛୁ ଏବଂ ନୂତନ ଯୁଦ୍ଧ ବିମାନ କିଣିବାକୁ ସଜବାଜ ହେଉଛୁ।

ରଣନୀତିକ ବ୍ୟାପାର ବିଶ୍ଳେଷକ ପ୍ରବୀଣ ସାହାଣୀ ଚାଇନା ସହ କଥାବାର୍ତ୍ତା କାହିଁକି ଏତେ ସମୟ ନେଉଛି ଏବଂ କୌଣସି ଅଗ୍ରଗତି ହେଉନାହିଁ ତା' ଉପରେ ରିପୋର୍ଟ ଦେଇଛନ୍ତି। ଚାଇନା ଚାହୁଁଛି ଯେ ସେମାନଙ୍କ ସେନା ଦଖଲ କରିଥିବା ବର୍ତ୍ତମାନର ସ୍ଥିତିକୁ ଭାରତ ସ୍ୱୀକାର କରିନେଉ। ଅର୍ଥାତ୍ ଏଲ୍ଏସିରେ ପରିବର୍ତ୍ତନ। ଅବଶ୍ୟ ଏହା ଆମ ଦ୍ୱାରା ଗ୍ରହଣ କରାଯାଇପାରିବ ନାହିଁ। କିନ୍ତୁ ଏହା ଉପରେ ଠିକ୍ ଭାବରେ ଆଲୋଚନା ବି କରାଯାଇପାରିବ ନାହିଁ। କାରଣ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କୌଣସି ଅନୁପ୍ରବେଶ ହୋଇନାହିଁ, ଯେତେବେଳେ କି ପ୍ରତିରକ୍ଷା ମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ ଚାଇନା ଏଲ୍ଏସିକୁ ଉଲ୍ଲଂଘନ କରିଛି ଏବଂ ଆମ ପଟକୁ ମାଡ଼ିଆସିଛି। ଶୁକ୍ରବାର ମୋଦିଙ୍କ ଲଦାଖ ଗସ୍ତ ଏହି ଦ୍ୱନ୍ଦ୍ୱକୁ ସୁଧାରିବା ପାଇଁ ଉଦ୍ଦିଷ୍ଟ ଥିଲା। ତାଙ୍କର ଯୁଦ୍ଧ ଭଳି ଭାଷଣର ଅର୍ଥ ହେଉଛି ଯେ ଅନୁପ୍ରବେଶ କଥା ସତ ଏବଂ ଚାଇନା ସୈନ୍ୟ ପଛକୁ ହଟିବା ଆବଶ୍ୟକ। ସେ ତଥାପି ଚାଇନାର ନାମ ନେଇନାହାନ୍ତି। କିନ୍ତୁ ବୋଧହୁଏ ଏହା ଶୀଘ୍ର ନେବାକୁ ପଡ଼ିବ କାରଣ ଚାଇନା ସୈନ୍ୟଙ୍କୁ ହଟେଇବାକୁ ଆମକୁ ଏକ ଦୀର୍ଘ ଓ କଷ୍ଟକର ରାସ୍ତା ଅତିକ୍ରମ କରିବାକୁ ପଡ଼ିବ।

କୌଣସି କାରଣରୁ ବାସ୍ତବତାକୁ ଗ୍ରହଣ ନ କରି ଆମେ ମୂଲ୍ୟବାନ ସମୟ ନଷ୍ଟ କରିଛୁ, ଏହା ଲଜ୍ଜା ଲୁଚାଇବାକୁ ହେଉ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଭାବମୂର୍ତ୍ତି ନ ହରାଇବାକୁ। ଯଦି ଆମେ ଖୋଲାଖୋଲି ଓ ସ୍ପଷ୍ଟ ଭାବରେ କହିଥାନ୍ତେ ଯେ ଚାଇନା ଏଲ୍ଏସିକୁ ଉଲ୍ଲଂଘନ କରୁଛି, ତା'ହେଲେ ଆମେ ବିଶ୍ୱ ସମୁଦାୟର ସମର୍ଥନ ଆମ ପକ୍ଷକୁ ଆଣିପାରିଥାନ୍ତେ। କିନ୍ତୁ ଏବେ ପାଣି ବୋହିଗଲା ପରେ ବନ୍ଧବାନ୍ଧି କି ଲାଭ? ଆମ ପାଖରେ ତଥାପି ସୁଯୋଗ ଅଛି, ଯେତେବେଳେ ମୋଦି କିଛି ମାସ ମଧ୍ୟରେ ଜି୭ ସମ୍ମିଳନୀରେ ଯୋଗ ଦେବାକୁ ଯିବେ। କିନ୍ତୁ ସେତେବେଳକୁ ଚାଇନା ତାହାର ଅନୁପ୍ରବେଶ ପର ସ୍ଥିତିକୁ ସୁଦୃଢ଼ କରିସାରିଥିବ କି ନା କିଏ କହିବ?

ତେଣୁ ଆମେ ସବୁଆଡୁ ଅସୁବିଧାରେ ଅଛୁ। ମହାମାରୀ ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ଭାରତୀୟ ଇତିହାସରେ ସର୍ବାଧିକ ବେକାରି ସହିତ ଆର୍ଥିକ ମାନ୍ଦାବସ୍ଥା ଚରମ ସୀମାରେ ପହଞ୍ଚିଛି। ସେପଟେ ଏକ ଶକ୍ତିଶାଳୀ ଶତ୍ରୁ ଏଭଳି ଆକ୍ରମଣାତ୍ମକ କାର୍ଯ୍ୟ କରିବ ବୋଲି ଆମେ ଆଶା କରି ନ ଥିଲୁ। ଏଭଳି ସମୟରେ ଦଳ, ମତ ଓ ସମ୍ପ୍ରଦାୟ ନିର୍ବିଶେଷରେ ବିପଦର ମୁକାବିଲା କରିବା ପାଇଁ ଆମକୁ ଏକଜୁଟ ହେବାକୁ ପଡିବ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | C | | | | 2 | | | | | A | 5 | | |
| | | 3 | | 1 | | | | | | | | B | | |
| A | 1 | 8 | | | E | | | 7 | 3 | 5 | 6 | | | |
| D | 6 | 0 | 7 | B | 4 | | | | | 8 | | | | |
| | | | | 8 | | | | | E | 1 | 2 | | | |
| | 3 | | | | | | C | B | 7 | | 4 | | 0 | 2 |
| | 5 | | 8 | 0 | A | | | 3 | 9 | 2 | | | | 1 |
| | | | | | | | 1 | 6 | | | | 4 | | |
| | | | 5 | 2 | 3 | | D | 9 | 0 | | | | | |
| 0 | | D | B | | | | | | | E | | | C | |
| C | | | | 7 | | E | | A | | | D | | | |
| | | | | | | | | 8 | 5 | | E | | | |
| | 8 | | | E | | 9 | 6 | | A | | | | | 5 |
| 9 | | | D | 3 | 8 | 7 | | | 1 | 6 | | | | |
| | | | 9 | | | D | | 4 | | | | E | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 3 | 5 | 9 | 1 | C | D | B | 4 | E | 7 | 0 | 2 | A |
| D | 1 | B | 8 | 7 | 4 | E | A | 0 | 3 | C | 2 | 5 | 6 | 9 |
| A | 0 | 5 | 6 | C | E | 3 | 9 | 2 | 8 | 1 | B | 7 | D | 4 |
| C | 9 | 4 | 2 | B | D | 7 | 1 | 6 | 5 | 0 | A | E | 3 | 8 |
| 2 | E | 7 | A | 3 | 0 | 8 | 4 | 5 | 6 | 9 | D | 1 | B | C |
| 0 | 5 | 9 | D | 6 | 3 | 1 | 8 | E | A | B | 4 | 2 | C | 7 |
| B | 4 | D | 9 | 1 | 5 | 2 | C | A | E | 7 | 6 | 8 | 0 | 3 |
| 1 | 8 | E | B | A | 7 | 0 | 6 | 9 | C | 2 | 3 | 4 | 5 | D |
| 6 | 3 | C | 0 | E | 2 | 4 | 5 | 7 | D | 8 | 1 | 9 | A | B |
| 7 | A | 2 | C | 4 | 8 | D | B | 3 | 0 | 5 | 9 | 6 | 1 | E |
| 3 | 2 | A | 1 | 8 | 6 | B | E | 4 | 9 | D | 0 | C | 7 | 5 |
| 9 | C | 8 | E | 0 | B | A | 7 | 1 | 2 | 3 | 5 | D | 4 | 6 |
| 5 | 7 | 6 | 3 | D | A | 9 | 0 | C | 1 | 4 | E | B | 8 | 2 |
| 4 | D | 0 | 7 | 5 | 9 | 6 | 2 | 8 | B | A | C | 3 | E | 1 |
| E | B | 1 | 4 | 2 | C | 5 | 3 | D | 7 | 6 | 8 | A | 9 | 0 |

ଗତକାଲିର ଉତ୍ତର

# ଦ୍ୱିତୀୟ ଈଶ୍ୱର

**ଚିତ୍ର ଚରିତ୍ର**

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସମସ୍ତ ମାନବୀୟ ଅବିଗୁଣର ଊର୍ଦ୍ଧ୍ୱରେ ଥିବା ସତ୍ତାର ନାମ ବୋଧହୁଏ ଈଶ୍ୱର। ଈଶ୍ୱର ଚିରକାଳ ମଙ୍ଗଳମୟ। ତାଙ୍କୁ ମାନୁଥିବା କି ଅବଜ୍ଞା କରୁଥିବା, ତାଙ୍କୁ ଭକ୍ତି କରୁଥିବା ବା ଗାଳି ଦେଉଥିବା ସମସ୍ତଙ୍କ ପାଇଁ ସେ ସମ ପରିମାଣରେ ଉଦାର ବୋଲି ତ ତାଙ୍କ ନାମ ଈଶ୍ୱର। ଅନ୍ୟପକ୍ଷରେ, ମଣିଷଟିଏ ଜନ୍ମରୁ ସ୍ୱାର୍ଥପର। ନିଛକ ସ୍ୱାର୍ଥ ହିଁ ସଦାସର୍ବଦା ତା' ଜୀବନକୁ ନିୟନ୍ତ୍ରିତ କରୁଥାଏ। ତା'ର ପ୍ରଶଂସା ଗାଉଥିବା ଲୋକଙ୍କୁ ସେ ସୁଖ ପାଏ ଓ ତା'ର ନିନ୍ଦୁକମାନଙ୍କୁ ସେ ନିଜ ଲୋକ ବୋଲି ଗ୍ରହଣ କରିପାରେନା। ଆଖିରୁ ସ୍ୱାର୍ଥପରତାର ଚଷମା ଉତାରି ଜଗତକୁ ଚିହ୍ନିବାକୁ ଅସମର୍ଥ ହୁଏ ବୋଲି ମଣିଷ ଚିରକାଳ ଅସମ୍ପୂର୍ଣ୍ଣ। ଆଉ ନିନ୍ଦା, ପ୍ରଶଂସା, ଶତ୍ରୁ-ମିତ୍ର ନିର୍ବିଶେଷରେ ସମଗ୍ର ସୃଷ୍ଟିକୁ ସମାନ ଭାବରେ ଦେଖୁଥିବା ଭଳି ଦିବ୍ୟଗୁଣର ଅଧିକାରୀ ହୋଇଥିବାରୁ ଈଶ୍ୱର ସ୍ୱୟଂସମ୍ପୂର୍ଣ୍ଣ।

ଏମିତି ଯେଉଁ ଈଶ୍ୱର, ସେ କିନ୍ତୁ ସଦାକାଳ ଅଦୃଶ୍ୟ, ଅପ୍ରକଟିତ। ତାଙ୍କ ଐଶ୍ୱରୀୟ ଚେତନା କେବଳ ମଣିଷର ବିଶ୍ୱାସରେ ହିଁ ଉପଲବ୍ଧ। ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଅବତାର ନେଇ ସେ ଧରାପୃଷ୍ଠରେ ଆବିର୍ଭୂତ ହୁଅନ୍ତି ବୋଲି ଯେଉଁ କଥା ପୌରାଣିକ ଉପାଖ୍ୟାନମାନଙ୍କରେ ବର୍ଣ୍ଣିତ ହୋଇଆସିଛି, ତାହା ମଧ୍ୟ ଏକ ବିଶ୍ୱାସର ବସ୍ତୁ। ତେବେ ଏହି ପ୍ରଥମ ଈଶ୍ୱରଙ୍କ ଅସ୍ତିତ୍ୱ ବିଶ୍ୱାସର ଚାରିକାନ୍ଥ ମଧ୍ୟରେ ଅବରୁଦ୍ଧ ହୋଇ ରହିଥିବା ବେଳେ ଆମ ମଣିଷମାନଙ୍କ ମଧ୍ୟରୁ କେତେକ ଦ୍ୱିତୀୟ ଈଶ୍ୱର ରୂପେ ମାନ୍ୟତା ଅର୍ଜନ କରି ସଶରୀର ଏହି ସଂସାରରେ ଆତଯାତ ହୁଅନ୍ତି। ଈଶ୍ୱରଙ୍କ ଭଳି ଏମାନେ ମଧ୍ୟ ସତତ ମଙ୍ଗଳମୟ। ଶତ୍ରୁ ହେଉ କି ମିତ୍ର, ଧନୀ ଅବା ଗରିବ, ସମସ୍ତଙ୍କ ମଙ୍ଗଳ ପାଇଁ ସମର୍ପିତ ଏମାନଙ୍କ ବୃତ୍ତି ଓ ବ୍ୟକ୍ତିତ୍ୱ, ଶକ୍ତି ଓ ସାମର୍ଥ୍ୟ। ଏଥିପାଇଁ ଏମାନେ ନମସ୍ୟ।

ଏଇ ଦ୍ୱିତୀୟ ଈଶ୍ୱରଙ୍କ ଅନ୍ୟ ନାମ ଡାକ୍ତର। ଈଶ୍ୱର ସିନା ଶରୀରଟିଏ ସୃଷ୍ଟି କରି ସଂସାରକୁ ପଠାଇଥାନ୍ତି, ମାତ୍ର ସେଇ ଶରୀରର ସୁଷମ ପରିପୁଷ୍ଟିର ଦାୟିତ୍ୱ ଯେଉଁ ବିଶାରଦମାନଙ୍କର, ସେମାନେ ଈଶ୍ୱରଙ୍କଠାରୁ କମ୍ ମହାନ୍ ନୁହନ୍ତି। ନାନା ରୋଗ, ବ୍ୟାଧି, ଶାରୀରିକ ଘାତ ପ୍ରତିଘାତରେ ଘାଣ୍ଟି ହୋଇ ମାନବ ଶରୀର ଯେତେବେଳେ ତୀବ୍ର ଦହନରେ ଜଳୁଥାଏ, ସେତେବେଳେ ତହିଁରେ ନିଜ ଧନ୍ୱନ୍ତରୀ ହାତର ଶୀତଳ ଚନ୍ଦନ ବୋଲି ଜ୍ୱଳନମୁକ୍ତ କରୁଥିବା ଡାକ୍ତରମାନେ ପାଲଟିଯା'ନ୍ତି ଜଣେ ଜଣେ ପ୍ରତ୍ୟକ୍ଷ ଈଶ୍ୱର। ସାମାନ୍ୟ କିଛି ଅର୍ଥ ବିନିମୟରେ ଏଇ ଈଶ୍ୱରତ୍ୱ କିଣାଯାଏ ବୋଲି ଉପରକୁ ପ୍ରତୀୟମାନ ହୁଏ ସିନା, ବାସ୍ତବରେ ବ୍ୟାଧିମୁକ୍ତ ମଣିଷର କୃତଜ୍ଞ ଅନ୍ତରରୁ ଯେଉଁ ମୁଗ୍ଧ ଆଶ୍ୱସ୍ତି ଟିକକ ଝରିପଡ଼େ ଓଠର ହସ ଓ ଆଖିର ଲୁହ ହୋଇ, ତାହା ହିଁ ଏହି ଈଶ୍ୱରଙ୍କ ପାଇଁ ପ୍ରକୃତ ଭକ୍ତି ନୈବେଦ୍ୟ।

ଅଥଚ ବିଡ଼ମ୍ବନାର ବିଷୟ ଏହା ଯେ ଏହି ଈଶ୍ୱରମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ଦିବ୍ୟ ଈଶ୍ୱରତ୍ୱ ପାସୋରି ପକାଇ ପାଲଟିଯାଆନ୍ତି ରାକ୍ଷସଠୁ ବଳି ଆହୁରି ଇତର, ଆହୁରି ପାମର। ପୁଳାଏ ଅର୍ଥ ଅର୍ଜନ କରିବାର ଅଭିଳାଷ ଅହରହ ଏମାନଙ୍କୁ ଏମିତି ଉଚ୍ଚାଟ କରେ ଯେ ନିଜ ଅଜାଣତରେ ଏମାନେ ଅର୍ଥମୋହ ଭଳି ଏକ ଉତ୍କଟ ବ୍ୟାଧିରେ ଆକ୍ରାନ୍ତ ହୋଇପଡ଼ନ୍ତି। ପରିଣାମ ହୁଏ ଅତ୍ୟନ୍ତ ଭୟାବହ। ଥରେ ଏ ରୋଗ ଆକ୍ରମଣ କଲେ ସହଜରେ ଏଥିରୁ ନିସ୍ତାର ମିଳେନା। ବହୁ କଠୋର ସାଧନାର ସିଦ୍ଧି ସ୍ୱରୂପ ଯେଉଁ ଈଶ୍ୱରତ୍ୱ ଉପଲବ୍ଧି ହୋଇଥାଏ, ଅର୍ଥରୋଗର ଆକ୍ରମଣରେ ସେଇ ଦିବ୍ୟ ଉପଲବ୍ଧି ଅକାଳରେ ଅପସରିଯାଏ। ବଦଳରେ ନିଜ ଭିତରେ ଥିବା ମୂଳ ମଣିଷଟିକୁ ନିକାଲି ଦେଇ କାୟା ବିସ୍ତାର କରେ ଅର୍ଥଲୋଲୁପ ଭୟଙ୍କର ଅସୁରଟିଏ, ଯିଏ ଯାବତୀୟ ଆସୁରିକ ଆଚରଣରେ ପୁରାଣର କଂସ ଓ ରାବଣଙ୍କୁ ମଧ୍ୟ ପଛରେ ପକାଇଦିଏ। କେଉଁଠି ଗରିବ ରୋଗୀଟି ପାଖରୁ ପାଉଣା ନ ପାଇ ପ୍ରଚଣ୍ଡ କ୍ରୋଧରେ ଲେଖିଥିବା ପ୍ରେସ୍‌କ୍ରିପ୍‌ସନ୍‌କୁ ଚିରିପକାଏ ବା ପର୍ଯ୍ୟାପ୍ତ ଟଙ୍କା ନ ମିଳିଲେ ଅପରେସନ୍ ଟେବୁଲ ଉପରେ ଶୋଇଥିବା ମୁମୂର୍ଷୁ ରୋଗୀର ନିଶ୍ଚେତ ଶରୀରରୁ କିଡ୍‌ନୀ କାଢ଼ିଆଣି ଚଢ଼ା ଦାମ୍‌ରେ ବିକି ଦେଇପାରେ। ଆଃ, ଅର୍ଥାସୁରର କି ଅତ୍ୟାଚାର !

ଜନଗଣଙ୍କ ବିଶ୍ୱାସରେ ଦ୍ୱିତୀୟ ଈଶ୍ୱର ରୂପେ ବିବେଚିତ ହୋଇ ଅର୍ଥମୋହରେ ଆସ୍ତେ ଆସ୍ତେ ଅସୁର ପାଲଟି ଯାଉଥିବା ଡାକ୍ତରମାନଙ୍କ ଦୃଷ୍ଟାନ୍ତର ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ ଯେତେ ଦୁଃଖଦାୟକ ହେଲେ ବି ସାଂପ୍ରତିକ ଭୋଗବାଦୀ ସମାଜରେ ଆସ୍ତେ ଆସ୍ତେ ଏହାର ସଂଖ୍ୟା ବଢ଼ିବାରେ ଲାଗିଛି। ବସ୍ତୁବାଦୀ ଆଧୁନିକ ଜୀବନର ଆହ୍ୱାନରେ ଅର୍ଥଲାଳସାର ବଶବର୍ତ୍ତୀ ହୋଇ ବିଭିନ୍ନ ବୃତ୍ତିର ବହୁ ଲୋକ ଯେତେବେଳେ ପରସ୍ପରକୁ ଅତିକ୍ରମ କରି ଆଗକୁ ଯିବା ପାଇଁ ତତ୍ପର, ସେତେବେଳେ ନିଜ ନିଜକୁ ଈଶ୍ୱର ମନେକରି ଡାକ୍ତରମାନେ ପଛରେ ପଡ଼ିରହନ୍ତେ ବା କାହିଁକି ! ଆଧୁନିକ ଜୀବନଚର୍ଯ୍ୟାରେ ଯାବତୀୟ ଆବଶ୍ୟକତାକୁ ପୂରଣ କରିବାକୁ ଶୁଖିଲା ଈଶ୍ୱରତ୍ୱର ବା ସାମର୍ଥ୍ୟ କେତେ? ନ୍ୟାୟ ନୀତି ଓ ସଦାଚାରକୁ ଛୁଟିରେ ପଠାଇ ଯେତେବେଳେ ମନ୍ତ୍ରୀ, ଯନ୍ତ୍ରୀ, ପ୍ରଶାସକ ତଥା ଅନ୍ୟାନ୍ୟ ବୃତ୍ତିର ଅଧିକାରୀମାନେ ପୁଳାଏ ସହଜଲଭ୍ୟ ଧନ ଅର୍ଜନ କରି ନିଜ ନିଜର ବର୍ତ୍ତମାନ ସହ ଭବିଷ୍ୟତକୁ ସମୃଦ୍ଧ କରିବାକୁ ନିୟୋଜିତ, ସେତେବେଳେ କ'ଣ ବା ମିଳନ୍ତା ସେଇ ଦ୍ୱିତୀୟ ଈଶ୍ୱରର ମୂଲ୍ୟହୀନ ମାନ୍ୟତାରୁ !!

ତାହା ହିଁ ହେଉ। ଡାକ୍ତର ରୂପୀ ମଣିଷଟିଏ ଈଶ୍ୱର ନ ହୋଇ ମଣିଷଟିଏ ହୋଇ ରହନ୍ତୁ। ସମଗ୍ର ଜଗତର ସବୁ ବସ୍ତୁ ଅର୍ଥ ପରିମାପକରେ ତଉଲା ଯାଉଥିବା ବେଳେ ଡାକ୍ତରଙ୍କ ସ୍ୱାସ୍ଥ୍ୟସେବା ବି ନିର୍ଦ୍ଧାରିତ ହେଉ ଅର୍ଥର ଏକକରେ। ଟଙ୍କା ବିନିମୟରେ ଉପଲବ୍ଧ ହେଉ ଡାକ୍ତରଙ୍କ ସେବା ଓ ଦକ୍ଷତା। ଧନୀମାନେ ବଞ୍ଚିରୁହନ୍ତୁ ନିଜ ଧନ ଦେଇ ଆପଣାର ଆୟୁଷ କିଣି। ଦରିଦ୍ରମାନେ ମରିଯାଆନ୍ତୁ ନିଜ ଦାରିଦ୍ର୍ୟକୁ ଅଭିଶାପ ଦେଇ। ଏସବୁ ଭାଷା ସେଇ ଦରିଦ୍ରମାନଙ୍କର, ଯେଉଁମାନେ ସାଂପ୍ରତିକ ସମାଜର ମହଙ୍ଗା ହୋଇଯାଇଥିବା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଅଭିମାନରେ ତାଙ୍କର ଏ ଦୁର୍ଭାଗ୍ୟ ପାଇଁ ଈଶ୍ୱରଙ୍କୁ ଦାୟୀ କରନ୍ତି। ତାଙ୍କର ଏହି ଅଭିମାନ ଓ ଅବସୋସର ଭାଷା ବୁଝିବାକୁ ନା ସେମାନଙ୍କ ସ୍ରଷ୍ଟା ବୋଲାଉଥିବା ପ୍ରଥମ ଈଶ୍ୱରଙ୍କର ସମୟ ଥାଏ ନା ସ୍ୱାସ୍ଥ୍ୟରକ୍ଷାର ଦାୟିତ୍ୱ ନେଉଥିବା ଦ୍ୱିତୀୟ ଈଶ୍ୱର ବୋଲାଉଥିବା ଡାକ୍ତରମାନଙ୍କର ସ୍ପୃହା ଥାଏ। ମାତ୍ର କାଁ ଭାଁ ଏମିତି କିଛି ଘଟଣା ଘଟେ, ଯାହା ବିରଳ ବ୍ୟତିକ୍ରମ ହେଲେ ବି ଘନ ଅନ୍ଧକାର ମଧ୍ୟରେ ଉଜ୍ଜ୍ୱଳ ଆଲୋକ ରେଖାଟିଏ ହୋଇ ଏକ ଭିନ୍ନ ସତ୍ୟର ପ୍ରମାଣ ରଖେ। କଟୁତିକ୍ତ ଜୀବନର ସ୍ୱାଦ ବଦଳିଯାଏ।

କର୍ଣ୍ଣାଟକର ମାଣ୍ଡ୍ୟା ସହରରେ ବାସ କରୁଥିବା ଜଣେ ନିଆରା ଡାକ୍ତରଙ୍କ କଥା ଲକ୍ଷ୍ୟ କରାଯାଉ। ଶଙ୍କର ଗୌଡ଼ ନାମକ ଏହି ଡାକ୍ତର କୌଣସି କ୍ଲିନିକ୍ ବା ନର୍ସିଂହୋମ୍ ସହ ସଂଯୁକ୍ତ ନୁହନ୍ତି କି ତାଙ୍କର କୌଣସି ନିଜସ୍ୱ ଚାମ୍ବର ନାହିଁ। ସହରର ଏକ ଗଳିରେ ଥିବା ଛୋଟ ଜଳଖିଆ ଦୋକାନର ଅଧା କାନ୍ଥ ଉପରେ ବସି ସେ ରୋଗୀ ଦେଖନ୍ତି। ସକାଳ ଆଠରୁ ବାରଟା ଯାଏ ସେଇ ମୁକ୍ତାଞ୍ଚଳରେ ଚାଲେ ତାଙ୍କର ରୋଗୀଦେଖା ଓ ବାକି ସମୟ ନିଜ ବାସଗୃହ ବାରଣ୍ଡାରେ। କୌଣସି ଘରୋଇ ହସ୍ପିଟାଲ କିମ୍ବା ନର୍ସିଂହୋମ୍ ସହ ଅନୁବନ୍ଧିତ ହେଲେ ବା ନିଜ ଘରେ ବି ଏକ ସୁସଜ୍ଜିତ ଚାମ୍ବରଟିଏ କଲେ ସେ ବେଶି ରୋଜଗାର କରିପାରନ୍ତେ ନିଶ୍ଚୟ। ମାତ୍ର ସେପରି ହେଲେ ତାଙ୍କ ପାଖକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ସ୍ୱଚ୍ଛଳ ବର୍ଗର ହୋଇଥିବା ସବୁଠୁ ପ୍ରାଥମିକ ଆବଶ୍ୟକତା, ଯାହା ଏକଦା ସେ ଡାକ୍ତର ହେବା ପୂର୍ବରୁ କରିଥିବା ପ୍ରତିଜ୍ଞାର ବଡ଼ ପରିପନ୍ଥୀ।

ନିଜେ ଏକ ଦରିଦ୍ର ପରିବାରରେ ଜନ୍ମ ହୋଇଥିଲେ ଡାକ୍ତର ଶଙ୍କର ଗୌଡ଼ ଏବଂ ଦରିଦ୍ର ହୋଇଥିବା କାରଣରୁ ସ୍କୁଲରେ ପଢୁଥିବା ବେଳେ ନିଜ ଅଳ୍ପବୟସ୍କ ଅସୁସ୍ଥ ପିତାଙ୍କୁ ବିନା ଚିକିତ୍ସାରେ ହରାଇ ବସିଥିଲେ। ସେ'ଦିନ ବାପାଙ୍କ ଶବକୁ ଶ୍ମଶାନରେ ଦାହ କରିବା ପୂର୍ବରୁ ଅନ୍ୟ କେଉଁ ଦରିଦ୍ର ପିତାଙ୍କୁ ଅକାଳରେ ବିନା ଚିକିତ୍ସାରେ ଝଡ଼ିଯିବାକୁ ନ ଦେବା ପାଇଁ ସେ ନୀରବରେ ପ୍ରତିଜ୍ଞା କରିଥିଲେ। ନିଜ ଦାରିଦ୍ର୍ୟ ବିରୋଧରେ ଲଢ଼ି ବଡ଼ କଷ୍ଟରେ ସେ ମେଡିକାଲ ଶିକ୍ଷା ଗ୍ରହଣ କରି ଡାକ୍ତର ହୋଇଥିଲେ। ଚର୍ମରୋଗ ବିଶେଷଜ୍ଞ ଭାବେ ସାର୍ଟିଫିକେଟ ହାସଲ କରି ଫେରିଲା ପରେ ନିଜ ପରିବାରର ଦାରିଦ୍ର୍ୟ ମୋଚନ ହିଁ ତାଙ୍କ ପାଇଁ ପ୍ରଥମ ସଂକଳ୍ପ। ସରକାରୀ ଚାକିରି ପାଇଁ ଅବା ଅନ୍ୟ କୌଣସି ଘରୋଇ ହସ୍ପିଟାଲ ସହ ସଂଯୁକ୍ତ ହେବା ପାଇଁ ଯଥେଷ୍ଟ ସୁଯୋଗ ମଧ୍ୟ ଥିଲା। ମାତ୍ର ସେ ନିଜ ପିତାଙ୍କ ମୃତ୍ୟୁଶଯ୍ୟା ନିକଟରେ କରିଥିବା ଶପଥକୁ ମନେପକାଇ ଏଥିରୁ ନିବୃତ୍ତ ରହିଥିଲେ। ବାସ୍, ପରେ ପରେ ଆରମ୍ଭ ହୋଇଥିଲା ଶପଥ ରକ୍ଷା ଦିଗରେ ତାଙ୍କର ଏକ ଭିନ୍ନ ପରିକଳ୍ପନା, ଏକ ଅଭିନବ ଯାତ୍ରା। ମାତ୍ର ପାଞ୍ଚ ଟଙ୍କା ପାରିଶ୍ରମିକରେ ରାସ୍ତା କଡ଼ରେ ରୋଗୀ ଦେଖିବାର ତାଙ୍କର ଏ ଯାତ୍ରା ସହିତ ସେ ଅର୍ଜନ କରିଥିଲେ ସମଗ୍ର ରାଜ୍ୟରେ 'ପାଞ୍ଚଟଙ୍କିଆ ଡାକ୍ତର' ଭାବେ ଏକ ଅନନ୍ୟ ପରିଚୟ, ଏକ ଅସାଧାରଣ ପ୍ରତିଷ୍ଠା।

ପ୍ରତିଦିନ ସକାଳ ଆଠଟାରେ ଖୋଲିଯାଏ ଡାକ୍ତର ଗୌଡ଼ଙ୍କ ପାଞ୍ଚଟଙ୍କିଆ କ୍ଲିନିକ୍। ଦୁଇ ଶହରୁ ପାଞ୍ଚ ଶହ ଟଙ୍କା ଯାଏ ଡାକ୍ତର ଫିସ୍ ଦେବା ଯେଉଁମାନଙ୍କ ସାମର୍ଥ୍ୟର ବାହାରେ, ସେମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଯା'ନ୍ତି ଏହି ଅଦ୍‌ଭୂତ କ୍ଲିନିକ୍‌ରେ, ଯେଉଁଠି ରୋଗୀମାନଙ୍କ ବସିବା ପାଇଁ ତ ଦୂରର କଥା, ଡାକ୍ତରଙ୍କ ବସିବା ପାଇଁ ମଧ୍ୟ ଚେୟାରଟିଏ ନ ଥାଏ। ଗୋଟିଏ ଅଧାକାନ୍ଥ ଉପରେ ଜଳଖିଆ ଦୋକାନର କାନ୍ଥକୁ ଆଉଜି ବସିଯାନ୍ତି ଡାକ୍ତର ଗୌଡ଼ ଓ ଜଣ ଜଣ କରି ରୋଗୀ ଦେଖି ସ୍ୱଳ୍ପ ମୂଲ୍ୟର ସୁଲଭ ଜେନେରିକ ଔଷଧର ବ୍ୟବସ୍ଥାପତ୍ର ଲେଖିଦିଅନ୍ତି। ସମସ୍ତଙ୍କଠୁଁ ନିଅନ୍ତି ପାଞ୍ଚ ଟଙ୍କା ଲେଖାଏ ଫିସ୍, କେବଳ ବୁଢ଼ୀବୁଢ଼ା ଓ ଭିକାରିମାନଙ୍କୁ ଛାଡ଼ି। ଲକ୍ଷ୍ୟକରିବାର କଥା, ଡାକ୍ତର ଗୌଡ଼ ତାଙ୍କ ଘରେ ଯେଉଁ ରୋଗୀ ଦେଖନ୍ତି, ତାହା ଥାଏ ସମ୍ପୂର୍ଣ୍ଣ ନିଃଶୁଳ୍କ।

କାହାକୁ ରୋଗ ହେଲେ ଯେଉଁଠି କିଛି ଡାକ୍ତରଙ୍କୁ ଶୋଷଣ କରିବାର ଏକ ସୁବର୍ଣ୍ଣ ସୁଯୋଗ ମିଳିଯାଏ, ଯେଉଁଠି ମୃତ୍ୟୁର ଭୟ ଦେଖାଇ ଜୀବନକୁ ସବୁମତେ ଲୁଣ୍ଠନ କରାଯାଏ, ଆବଶ୍ୟକତା ନ ଥାଇ ମଧ୍ୟ ଚିକିତ୍ସା ନାମରେ ପରୀକ୍ଷା ନିରୀକ୍ଷା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚକରିବାକୁ ବାଧ କରାଯାଏ ଓ ରୋଗ ଭଲ ହୋଇଗଲା ପରେ ମଧ୍ୟ ଅଧିକ ରୋଜଗାର ପାଇଁ ରୋଗୀକୁ ଡିସ୍‌ଚାର୍ଜ କରାଯାଏ ନାହିଁ ଏବଂ ସର୍ବୋପରି ରୋଗୀର ମୃତ୍ୟୁ ହୋଇଗଲେ ବି ମୋଟା ଅଙ୍କର ବିଲ୍ ପରିଶୋଧ ନ କଲେ ମୃତଦେହକୁ ଅଟକାଇ ରଖାଯାଏ, ସେଠି ଡାକ୍ତର ଶଙ୍କର ଗୌଡ଼ଙ୍କ ଭଳି କେଇଜଣ ଅଛନ୍ତି ବୋଲି ତ ଏ ସଂସାର ସୁନ୍ଦର ଲାଗୁଛି। ସଚରାଚର ଆତଯାତ ହେଉଥିବା ରକ୍ତ ଶୋଷଣକାରୀ ରାକ୍ଷସମାନଙ୍କ ମେଳରେ ତାଙ୍କ ଭଳି ଦୁର୍ଲଭ ଦ୍ୱିତୀୟ ଈଶ୍ୱରଙ୍କ ପାଇଁ ସକଳ ଦୁଃଖ ଯାତନା ସତ୍ତ୍ୱେ ବି ଜୀବନ ଲାଗୁଛି ତଥାପି ଅପରିବର୍ଜନୀୟ!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର, ମୋ: ୮୮୯୫୬୨୪୧୦୫

# ସିଭିଲ ସର୍ଭ୍ୟାଣ୍ଟରୁ ପ୍ରଧାନମନ୍ତ୍ରୀ

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଏଡୁଆର୍ଡ ଫିଲିପ୍ ତାଙ୍କ ପଦରୁ ଇସ୍ତଫା ଦେବା ପରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ୩ ଜୁଲାଇରେ ଜିନ୍ କାଷ୍ଟେକ୍ସଙ୍କୁ ଦେଶର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି। ସେ ଏଡୁଆର୍ଡ ଫିଲିପ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ କିଛିଦିନ ପୂର୍ବରୁ ଫ୍ରାନ୍ସରେ ହୋଇଥିବା ସ୍ଥାନୀୟ ନିର୍ବାଚନରେ ଇମାନୁଏଲଙ୍କ ଦଳର ଶୋଚନୀୟ ପରାଜୟ ଓ କୋଭିଡ–୧୯ ମହାମାରୀ ପାଇଁ ସମାଲୋଚିତ ସରକାରର ଭାବମୂର୍ତ୍ତି ଫେରାଇ ଆଣିବା ଲାଗି କାଷ୍ଟେକ୍ସଙ୍କ ନିଯୁକ୍ତି ଗୁରୁତ୍ୱ ବହନ କରୁଛି। ଏଭଳି ପରିବର୍ତ୍ତନ କରି କାଷ୍ଟେକ୍ସଙ୍କଠାରୁ ଏକ ସଫଳ ନେତୃତ୍ୱ ଆଶା କରିଛନ୍ତି ଇମାନୁଏଲ। ଫିଲିପ୍ ରାଷ୍ଟ୍ରପତିଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିବାର କିଛି ଘଣ୍ଟା ପରେ ଲ' କୋର୍ଟ ଅଫ୍ ରିପବ୍ଲିକ୍ ସରକାର ମହମାରୀକୁ କିଭଳି ନୟନ୍ତ୍ରଣ କରିଛନ୍ତି ତା' ଉପରେ ତଦନ୍ତ କରିବା ଲାଗି ଘୋଷଣା କରିଛନ୍ତି। ତଦନ୍ତରୁ ଯାହା ପ୍ରକାଶ ପାଇବ ତାହା ତ ଦୂରର କଥା, କିନ୍ତୁ କାଷ୍ଟେକ୍ସଙ୍କ ନେତୃତ୍ୱ ଅର୍ଥନୀତିକୁ ସଜାଡିବା ସହ ମହାମାରୀକୁ ସଫଳତାର ସହ ମୁକାବିଲା କରିପାରିବ ବୋଲି କୁହାଯାଇପାରେ। କାରଣ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଜଣେ ସିଭିଲ ସର୍ଭ୍ୟାଣ୍ଟ ଭାବେ ସେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ମଧ୍ୟ ଦେଶରେ ବିଭିନ୍ନ ସରକାରରେ କାର୍ଯ୍ୟ କରିଛନ୍ତି। ଏଣୁ ତାଙ୍କ ଅଭିଜ୍ଞତାକୁ ପୁଞ୍ଜି କରି ଫ୍ରାନ୍ସ ଅନେକ କିଛି ହାସଲ କରିପାରିବ ବୋଲି ଆଶା କରାଯାଏ। କାଷ୍ଟେକ୍ସ ମଧ୍ୟ ଭାଷଣରେ ସୂଚାଇ ଦେଇଛନ୍ତି ଯେ, ଦେଶରେ ସ୍ୱାସ୍ଥ୍ୟ ସମସ୍ୟା ଦୁର୍ଭାଗ୍ୟଜନକ। ଅର୍ଥନୈତିକ ଓ ସାମାଜିକ ସମସ୍ୟା ବି ଲାଗି ରହିଛି ଓ ଏହା ବିରୋଧରେ ଆମକୁ ଏକାଠି ଲଢ଼ିବାକୁ ପଡ଼ିବ ବୋଲି କହିଛନ୍ତି ୫୫ ବର୍ଷୀୟ କାଷ୍ଟେକ୍ସ।

ଲକ୍‌ଡାଉନ ଉଠାଇବା ପାଇଁ ଫ୍ରାନ୍ସର ରଣନୀତି ପ୍ରସ୍ତୁତ କରିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। କରୋନା ସଙ୍କଟରେ ଦେଶ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଏକ ପରିବର୍ତ୍ତନ ଚାହୁଁଛି ଓ କାଷ୍ଟେକ୍ସଙ୍କ ନେତୃତ୍ୱ ଏହା ପୂରଣ କରିପାରିବ ବୋଲି ଫ୍ରାନ୍ସବାସୀ ଭରସା କରିବା ସ୍ୱାଭାବିକ। ତିନି ବର୍ଷ ପୂର୍ବେ କ୍ଷମତାକୁ ଆସିଥିବା ମାକ୍ରଁ ସରକାର ଏବେ କରୋନା ମହାମାରୀ ଭଳି ଜଟିଳ ପରିସ୍ଥିତିରୁ ମୁକୁଳିବା, ଲୋକମାନଙ୍କ ଚାକିରି ବଞ୍ଚାଇବା ସହ ଅର୍ଥନୈତିକ, ସାମାଜିକ ଏବଂ ପରିବେଶର ପୁନରୁଦ୍ଧାରରେ କାଷ୍ଟେକ୍ସଙ୍କ ଭୂମିକା ରହିବ। ପ୍ରଧାନମନ୍ତ୍ରୀ ହେବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲି ଓ ଅଭିଜ୍ଞ ବୈଦେଶିକ ମନ୍ତ୍ରୀ ଜିନ ଏଭେସ ଲି ଡ୍ରିଆନଙ୍କୁ ବାଦଦେଇ ଇମାନୁଏଲ ସିଧା କାଷ୍ଟେକ୍ସଙ୍କୁ ନିଯୁକ୍ତ କରି ତାଙ୍କ ଉପରେ ଅଧିକ ଆସ୍ଥା ପ୍ରକଟ କରିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ନୂଆ ପ୍ରଧାନମନ୍ତ୍ରୀ ଅପେକ୍ଷାକୃତ କମ୍ ଜଣାଶୁଣା ହୋଇପାରିଥାନ୍ତି, କିନ୍ତୁ ସରକାରୀ କାର୍ଯ୍ୟ କରିବାର ଏକ ଲମ୍ବା ଅନୁଭୂତିରୁ ଫ୍ରାନ୍ସ ଲାଭବାନ୍ ହେବ।



**ବ୍ୟକ୍ତିତ୍ୱ**

ଜିନ୍ କାଷ୍ଟେକ୍ସ

ଯେଉଁ ବିଶ୍ୱବିଦ୍ୟାଳୟରେ ମାକ୍ରଁ ଓ ଫିଲିପ୍ ପଢିଛନ୍ତି ସେହି ବିଶ୍ୱବିଦ୍ୟାଳୟର ଛାତ୍ର କାଷ୍ଟେକ୍ସ। ଜୁନ ୨୫, ୧୯୬୫ରେ କାଷ୍ଟେକ୍ସଙ୍କ ଜନ୍ମ। ଦକ୍ଷିଣପଶ୍ଚିମ ଫ୍ରାନ୍ସର ଭିକ–ଫେଜେନ୍‌ସାକ ନିବାସୀ କାଷ୍ଟେକ୍ସ ୧୯୮୬ରେ ପ୍ୟାରିସ ଇନଷ୍ଟିଚ୍ୟୁଟ୍ ଅଫ୍ ପଲିଟିକାଲ ଷ୍ଟଡିଜ୍‌ରୁ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୯୧ରେ ଏକୋଲେ ନ୍ୟାଶ୍‌ନାଲ ଆଡ୍‌ମିନିଷ୍ଟ୍ରେଶନରୁ ଶିକ୍ଷା ଲାଭ କରିବା ପରେ କୋର୍ଟ ଅଫ୍ ଅଡିଟ୍‌ରେ ସିଭିଲ ସର୍ଭ୍ୟାଣ୍ଟ ହୋଇପାରିଥିଲେ। ୨୦୦୮ରୁ ସେ ଦକ୍ଷିଣ ଫ୍ରାନ୍ସର ପ୍ରାଡେଶ ସହରର ମେୟର ରହିଆସିଛନ୍ତି। ୨୦୧୧ ଓ ୨୦୧୨ ମଧ୍ୟରେ ରାଷ୍ଟ୍ରପତି ନିକୋଲାସ ସାର୍କୋଜିଙ୍କ ଡେପୁଟି ସେକ୍ରେଟାରି ଜେନେରାଲ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୦ରୁ ୨୦୧୫ ଯାଏ କାଷ୍ଟେକ୍ସ ପାୟିରିନିସ ଓରିଏଣ୍ଟାଲିସର ଡିପାର୍ଟମେଣ୍ଟାଲ କାଉନସିଲର ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେପ୍ଟେମ୍ବର ୨୦୧୭ରେ ତାଙ୍କୁ ୨୦୨୪ ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସ ପାଇଁ ଇଣ୍ଟର ଡିପାର୍ଟମେଣ୍ଟାଲ ଡେଲିଗେଟ ଭାବେ ନିଯୁକ୍ତି ଦିଆଯିବା ସହ ନ୍ୟାଶ୍‌ନାଲ ସ୍ପୋର୍ଟ୍ସ ଏଜେନ୍ସିର ସଭାପତି ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେବେଠାରୁ ସେ ମାକ୍ରଁଙ୍କ ନିକଟତର ହେବାରେ ଲାଗିଥିଲେ। ୨୦୧୫ ପର୍ଯ୍ୟନ୍ତ କାଷ୍ଟେକ୍ସ ୟୁନିୟନ ଫର୍ ଏ ପପୁଲାର ମୁଭ୍‌ମେଣ୍ଟ ଦଳର ସଦସ୍ୟ ରହିଥିଲେ। ପରେ ୨୦୨୦ ଆରମ୍ଭ ପର୍ଯ୍ୟନ୍ତ ସେ ଦି ରିପବ୍ଲିକାନ୍‌ସର ସଦସ୍ୟ ତଥା ପାର୍ଟିରେ ସୋସିଆଲ କଞ୍ଜରଭେଟିଭ ଭାବେ ରହିଥିଲେ। ୨୦୦୬ରେ ବି ସେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଚିଫ ଅଫ୍ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଥିବା ସମୟରେ ଦେଶର ସ୍ୱାସ୍ଥ୍ୟ ସଙ୍କଟକୁ ସଫଳତାର ସହ ନିୟନ୍ତ୍ରଣ କରିପାରିଥିଲେ।

ଦକ୍ଷିଣପଶ୍ଚିମ ଫ୍ରାନ୍ସରେ କାଷ୍ଟେକ୍ସଙ୍କ ପରିବାରର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତାଙ୍କ ଜେଜେବାପା ବି ଉଚ୍ଚ ସରକାରୀ ପଦବୀରେ ରହି ଦେଶସେବା କରିଥିଲେ। କାଷ୍ଟେକ୍ସଙ୍କ ପିତା ପ୍ରାଡେଶ ରଗ୍‌ବି କ୍ଲବ୍‌ର ସଭାପତି ଥିଲେ। କାଷ୍ଟେକ୍ସ ରଗ୍‌ବି ସହ ଟେନିସ୍ ଖେଳୁଥିଲେ। ସେ ସାଣ୍ଡ୍ରା ରିବେଲେଗୁଙ୍କୁ ବିବାହ କରିଛନ୍ତି। ୪ କନ୍ୟା ସନ୍ତାନଙ୍କ ପିତା କାଷ୍ଟେକ୍ସ ରେଳପଥର ଇତିହାସ ସମ୍ପର୍କରେ ଏକ ପୁସ୍ତକ ବି ଲେଖିଛନ୍ତି।

**– ଶିବ ପ୍ରସାଦ ପୁହାଣ**

## ଏଇ ଭାରତରେ

ଲୋକଙ୍କୁ ସଚେତନ କରିବା ଲାଗି ରାମଭାଇ ଚରଣ ୫୦,୦୦୦ ଚିଠି ଲେଖି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଗୁଜରାଟର ସାବରକନ୍ଥ ଜିଲାର ଏକ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକ ଥିଲେ। ଏବେ ଅବସର ନେଇସାରିଛନ୍ତି। ତାଙ୍କୁ ବର୍ତ୍ତମାନ ବୟସ ୬୨। ରାମଭାଇ ୧୦ ବର୍ଷ ବୟସରୁ ଗଛ ଲଗାଉଛନ୍ତି। ଏବେସୁଦ୍ଧା ସେ ୫ ଲକ୍ଷ ବୃକ୍ଷରୋପଣ କରିସାରିଲେଣି। ବନ୍ଧୁ ଓ ସମ୍ପର୍କୀୟ ତଥା ଜିଲାର ଅପରିଚିତ ବ୍ୟକ୍ତିଙ୍କ ଠିକଣା ଯୋଗାଡ଼ କରି ସେମାନଙ୍କ ନିକଟକୁ ସେ ପ୍ରତିଦିନ ଅତି କମ୍‌ରେ ୨୦ଟି ଚିଠି ପୋଷ୍ଟକାର୍ଡରେ ଲେଖୁଛନ୍ତି। ଚିଠି ଶେଷରେ ସେମାନଙ୍କ ମଙ୍ଗଳ କାମନା କରିବା ସହ ଜଳ ସଂରକ୍ଷଣ ଏବଂ ବୃକ୍ଷରୋପଣ କରିବାକୁ ଅନୁରୋଧ କରିଥାନ୍ତି। ୧୯୮୫ରେ ପ୍ରଥମେ ସେ ଏକ ପୋଷ୍ଟକାର୍ଡ କିଣି ତାଙ୍କ ଭଉଣୀଙ୍କ ପାଖକୁ ପଠାଇଥିବା ଚିଠିରେ ଏହି ତିନୋଟି ବାକ୍ୟ ଲେଖିଥିଲେ। ଖବରକାଗଜରେ ପ୍ରକାଶିତ ଜନ୍ମଦିନ କିମ୍ବା ବିବାହ ଉତ୍ସବକୁ ସ୍ମରଣ କରି ସେମାନଙ୍କ ନିକଟକୁ ଏହି ଉତ୍ସବରେ ଗୋଟିଏ ଗଛ ଲଗାଇବା ଲାଗି ଅନୁରୋଧ କରୁଛନ୍ତି। ଏପରିକି ଶୋକବାର୍ତ୍ତା ପ୍ରକାଶ ପାଇଥିଲେ ବି ତାଙ୍କ ନିକଟକୁ ସମବେଦନା ପ୍ରକାଶ କରି ଚିଠି ଲେଖିବା ସହ ଦିବଂଗତ ଆତ୍ମା ପାଇଁ ଗୋଟିଏ ଗଛ ଲଗାଇବାକୁ ଅନୁରୋଧ କରିଥାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜୁଲାଇ ୧୯୯୫**

- ବ୍ରିଟେନରେ କ୍ଷମତାସୀନ କନ୍‌ଜରଭେଟିବ (ଟାେରି) ଦଳର ନେତୃତ୍ୱ ପାଇଁ ହୋଇଥିବା ନିର୍ବାଚନରେ ପ୍ରଧାନମନ୍ତ୍ରୀ ଜନ୍ ମେଜର ପୁନଃନିର୍ବାଚିତ।
- ଜଷ୍ଟିସ୍ ମହମ୍ମଦ ସରଦାର ଅଲ୍ଲୀ ଖାଁ ଜାତିସଂଘ ସଂଖ୍ୟାଲଘୁ କାର୍ଯ୍ୟକାରୀ ଗୋଷ୍ଠୀର ସଦସ୍ୟଭାବେ ନିଯୁକ୍ତ ହେଲେ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶା ସାହିତ୍ୟ ଏକାଡେମୀ ସରକାରୀ ଚାପରୁ ମୁକ୍ତ ହେଉ

ମହାଶୟ,

ସାହିତ୍ୟଠାରୁ ଆନନ୍ଦଦାୟକ ଅନୁଭୂତି ଆଉ କ'ଣ ହୋଇପାରେ ! କେହି କେହି କହନ୍ତି ସାହିତ୍ୟ ହେଉଛି ବ୍ରହ୍ମାନନ୍ଦର ସହୋଦର। ଜୀବାତ୍ମା, ପରମାତ୍ମା ମିଳନରେ ଯେଉଁ ଆନନ୍ଦ ମିଳିଥାଏ ସାହିତ୍ୟ ପଠନରେ, ସାହିତ୍ୟ ଲେଖିବାରେ ସେହି ଆନନ୍ଦ ମିଳିଥାଏ। ସାହିତ୍ୟ ସମାଜରେ ଚେତନା ସୃଷ୍ଟିକରେ, ଜାଗରଣ ସୃଷ୍ଟି କରେ। ନୂତନ ଦିଗ୍‌ଦର୍ଶନ ଦିଏ। ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଗଠନ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରଥମ ସଭାପତି ହେଉଛନ୍ତି ପଣ୍ଡିତ ନୀଳକଣ୍ଠ ଦାସ। ବାଣୀ ବରପୁତ୍ର ନୀଳକଣ୍ଠ ଦାସ। ତେବେ ଦୁଃଖର କଥା ସେ ଖୁବ୍ ଅଳ୍ପଦିନ ପଦବୀରେ ରହିବା ପରେ ସରକାର ତାଙ୍କୁ ବାହାର କରିଦେଇଥିଲେ ବୋଲି ମୁଁ କୌଣସି ନିର୍ଦ୍ଦିଷ୍ଟ ଖବରକାଗଜରୁ ଅତୀତରେ ପଢ଼ିଥିଲି। ମୋ ମତରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସରକାରୀ ଚାପରୁ ମୁକ୍ତ ହୋଇ ଏକ ସ୍ୱୟଂଶାସନାଧୀନ ଅନୁଷ୍ଠାନ ହେବା ଉଚିତ। ମୋର ଦୃଢ଼ ବିଶ୍ୱାସ ସାହିତ୍ୟ ଏକାଡ଼େମୀ ଏହା ଦ୍ୱାରା ଶୃଙ୍ଖଳିତ ଭାବରେ ପରିଚାଳିତ ହୋଇପାରିବ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ବସନ୍ତର ସୁଧା ମୁଁ ଗୋ ପିଉଥିଲି ମରମେ,
ତୁମେ ଆସି ଉଭା ହେଲ ମରିଗଲି ସରମେ।
ନ ପାରିଲି କହି ତ ପରାଣ କଥାଟି
ଯାତନା ସେ ଦେଲା ଅତି ମୂକ ମୋର ବ୍ୟଥାଟି।
ଧୀରେ ତୁମେ ଚାହିଁଗଲ ଚମକାଇ ଅବନୀ,
କହ କିମ୍ପା ଏଥି ଆସି ଉଭା ହେଲ ସଜନୀ !

(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜି ସମ୍ବଲପୁର ଶଟ୍‌ଡାଉନ**

ସମ୍ବଲପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭିସୁଟ୍‌ର ୪ଜଣ ରହିଛନ୍ତି। ଅନ୍ୟ ଦୁଇଜଣ ସମ୍ବଲପୁର ସହର ଅଧୀନ କ୍ୱାରାଣ୍ଟାଇନ ସେଣ୍ଟରର ଜଣେ ୫୩ ବର୍ଷୀୟା ମହିଳା ଓ ରେଙ୍ଗାଲି ବ୍ଲକର କ୍ୱାରାଣ୍ଟାଇନ ସେଣ୍ଟରର ୩୨ ବର୍ଷୀୟା ମହିଳା ବୋଲି ଜଣାପଡିଛି। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଜିଲାପାଳ ଶୁଭମ୍ ସକସେନା ଜିଲାକୁ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ବୁର୍ଲା ସହର ୩ଟି ସ୍ଥାନରେ ୧୪୪ ଧାରା ଲାଗୁକରିଛନ୍ତି। ଶନିବାରଠାରୁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ପିସି ବ୍ରିଜ ଠାରୁ ଭିସୁଟ, ସମସ୍ତ ପାଣିଟାଙ୍କି ପଡା, ଆଇଆର୍ କଲୋନୀ ପଡାରେ ଏହି କଟକଣା ଲାଗୁ କରାଯାଇଛି।

**ସଂକ୍ଷେପରେ**

## ତଣ୍ଟିକଟା ଅବସ୍ଥାରେ ଦମ୍ପତି ଉଦ୍ଧାର





**ଢେଙ୍କାନାଳ ଅଫିସ, ୪।୭:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଖଙ୍କର ଗ୍ରାମରେ ଶନିବାର ଅଭାବନୀୟ ଘଟଣା ଘଟିଛି। ଏକ ଘରୁ ତଣ୍ଟିକଟା ଯାଇଥିବା ଅବସ୍ଥାରେ ଜଣେ ଦମ୍ପତିଙ୍କୁ ଉଦ୍ଧାର କରାଯାଇଛି। ଉଭୟଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଚର୍ଚ୍ଚା ହେଉଛି। ତେବେ ପୋଲିସ ନିକଟରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇ ନ ଥିବାରୁ ଘଟଣା ରହସ୍ୟାବୃତ ହୋଇ ରହିଛି। ପୋଲିସ ସୂଚନା ଅନୁଯାୟୀ, ବିନୋଦିନୀ ବାରିକ (୩୦) ଏବଂ ତାଙ୍କ ସ୍ୱାମୀ ଅଭିମନ୍ୟୁ ବାରିକ ଶୁକ୍ରବାର ରାତିରେ ଖାଇପିଇ ଶୋଇଥିଲେ। ଶନିବାର ଭୋର୍ ସମୟରେ ଉଭୟଙ୍କୁ ତଣ୍ଟିକଟା ଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଭିମନ୍ୟୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ଯୋରନ୍ଦା ଫାଣ୍ଡି ଏବଂ ଗଁଦିଆ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଗଁଦିଆ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ କୁହନ୍ତି, ଗୁରୁତର ଦମ୍ପତି ଚିକିତ୍ସାଧୀନ ଥିବାରୁ ବୟାନ ରେକର୍ଡ ହୋଇପାରିନାହିଁ। ପୋଲିସ ପକ୍ଷରୁ ତଦନ୍ତ ଚାଲିଛି। ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ।

# ଚକ୍ରବ୍ୟୂହରେ ଚାଇନା

■ ଦକ୍ଷିଣ ଚାଇନା ସାଗରରେ ଆମେରିକା ନୌବହର

■ ବେଜିଂକୁ କଡ଼ା ଚେତାବନୀ ଦେଲା ଫିଲିପାଇନ୍ସ

**ନୂଆଦିଲ୍ଲୀ,୪।୭**

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ଅତିକ୍ରମ କରି ଲଦାଖର କେତେକ ଅଞ୍ଚଳକୁ ଅକ୍ତିଆର କରିବା ପାଇଁ ଚାଇନା ଭାରତ ସହ ସୀମାବିବାଦ ବଢ଼ାଇଥିବାବେଳେ ସେପଟେ ଅନ୍ୟ ପଡୋଶୀ ଦେଶଗୁଡ଼ିକର ସୀମା ଅତିକ୍ରମ କରିବାକୁ ଉଦ୍ୟମ ଚଳାଇଛି। ଚାଇନାର ଏଭଳି ବିସ୍ତାରବାଦୀ ଚିନ୍ତାଧାରା ଉପରେ ରୋକ୍ ଲଗାଇବା ପାଇଁ ଆମେରିକା ସମେତ ବିଭିନ୍ନ ଦେଶ ଏକାଠି ହୋଇଛନ୍ତି। ବିବାଦୀୟ ଦକ୍ଷିଣ ଚାଇନା ସମୁଦ୍ରରେ ସମରାଭ୍ୟାସ ପାଇଁ ଆମେରିକା ନୌସେନା ଏହାର ଦୁଇଟି ଆଣବିକ କ୍ଷମତାସମ୍ପନ୍ନ ଯୁଦ୍ଧବିମାନବାହୀ ନୌବହର ୟୁଏସ୍‌ଏସ୍ ନିମିଜ୍ ଏବଂ ୟୁଏସ୍‌ଏସ୍ ରୋନାଲ୍ଡ ରେଗାନକୁ ସେଠାକୁ ପଠାଇଛି। ଆମେରିକାର ଏହି ସୁପରକ୍ୟାରିୟରଗୁଡ଼ିକ ତାଇୱାନ ଏବଂ ଫିଲିପାଇନ୍ସର ଲୁଜୋନ ଦ୍ୱୀପ ମଧ୍ୟରେ ଥିବା ଲୁଜୋନ ଷ୍ଟ୍ରେଟ୍ ଅତିକ୍ରମ କରିସାରିଲେଣି। ଏହି ପ୍ରଣାଳୀ ଫିଲିପାଇନ୍ ସାଗରକୁ ଦକ୍ଷିଣ ଚାଇନା ସାଗର ସହ ସଂଯୋଗ କରୁଛି।

ବିବାଦୀୟ ଜଳରାଶିରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ନୌବାହିନୀ ସମରାଭ୍ୟାସ ଚଳାଇଥିବାରୁ ପଡୋଶୀ ରାଷ୍ଟ୍ର ଏବଂ ଆମେରିକା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ଚାଇନା ପ୍ରଭାବ ହ୍ରାସ କରିବା



ଦକ୍ଷିଣ ଚାଇନା ସାଗରରେ ଆମେରିକା ନୌସେନାର ଆଣବିକ କ୍ଷମତାସମ୍ପନ୍ନ ଜାହାଜ।

ପାଇଁ ଆମେରିକା ଦୁଇଟି ନୌବହର ପଠାଇଥିବା କୁହାଯାଉଛି। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ମୁକ୍ତ ଓ ଅବାଧ ଜାହାଜ ଚଳାଚଳରେ ସହଯୋଗ ଲାଗି ନୌବହର ପଠାଯାଇଥିବା ଆମେରିକା ନୌସେନା ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତା ପ୍ରତି ଆମେରିକା ପ୍ରତିଶ୍ରୁତିବଦ୍ଧ। ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ସ୍ପଷ୍ଟ ସୂଚନା ଦେବା ଯୁଦ୍ଧଜାହାଜ ପଠାଇବାର ଉଦ୍ଦେଶ୍ୟ ବୋଲି ୟୁଏସ୍‌ଏସ୍ ରୋନାଲ୍ଡ ରେଗାନ୍‌ର କମାଣ୍ଡର ରିଅର ଆଡମିରାଲ୍ ଜର୍ଜ ଏମ୍. ୱିକୋଫ୍ ୱାଲ୍ ଷ୍ଟ୍ରିଟ୍ ଜର୍ନାଲକୁ କହିଛନ୍ତି। ଦକ୍ଷିଣ ଚାଇନା ସାଗର ଦେଇ ବର୍ଷକୁ ୩ ଟ୍ରିଲିୟନ ଡଲାର ମୂଲ୍ୟର ବାଣିଜ୍ୟ କାରବାର ହେଉଥିବାବେଳେ ଏହାର ୯୦ ପ୍ରତିଶତ ଅଞ୍ଚଳକୁ ଚାଇନା ନିଜର ବୋଲି ଦାବି କରୁଛି। ଗତ ଦଶନ୍ଧିରେ ବେଜିଂ ସେଠାରେ ଏକ କୃତ୍ରିମ ଦ୍ୱୀପ ସୃଷ୍ଟି କରି ନିଜର ସାମରିକ ଘାଟି ଓ ଏୟାରଫିଲ୍ଡ ସ୍ଥାପନ କରିଛି। ଏହି ସମୁଦ୍ର ଉପରେ ବ୍ରୁନେଇ, ମାଲେସିଆ, ଫିଲିପାଇନ୍ସ, ତାଇୱାନ ଓ ଭିଏତ୍‌ନାମ ମଧ୍ୟ ସେମାନଙ୍କର ଦାବି ଜଣାଉଛନ୍ତି। ଏହାକୁ ନେଇ ନିକଟ ଅତୀତରେ ବେଜିଂ ସହ ପଡୋଶୀ ଦେଶଗୁଡ଼ିକର ୨୧ଟି ବିବାଦ ସୃଷ୍ଟି ହୋଇଛି।

ତେବେ ସମ୍ପ୍ରତି ଭାରତ-ଚାଇନା ସୀମା ବିବାଦ ସବୁଠୁ ଗୁରୁତର ସଙ୍କଟ ସୃଷ୍ଟି କରିଛି। ଲଦାଖର ବିଭିନ୍ନ ସ୍ଥାନରେ ଦୁଇଦେଶର ସୈନ୍ୟ ପରସ୍ପର ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ପୂର୍ବ ଲଦାଖ ଅନ୍ତର୍ଗତ ୧,୫୯୭ କିଲୋମିଟର ଦୀର୍ଘ ଏଲ୍‌ଏସିରେ ଭାରତ ସୈନ୍ୟ ମୁତୟନ କରି ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଛି। ଚାଇନାର ସୀମା ବିବାଦ କେବଳ ଏଲ୍‌ଏସିରେ ସୀମିତ ନାହିଁ, ନିଜ ଭୂଖଣ୍ଡର କାୟା ବିସ୍ତାର ଲାଗି ଚାଇନା ବିବାଦୀୟ ଜଳରାଶିରେ ସମରାଭ୍ୟାସ ଜାରି ରଖିଛି। ଦକ୍ଷିଣପୂର୍ବ ଏସିଆରେ ଅସୁରକ୍ଷା ବଢୁଥିବା ଗତ ସପ୍ତାହରେ ଆସିଆନ୍‌ର ଏକ କାର୍ଯ୍ୟକ୍ରମରେ ଫିଲିପାଇନ୍ସ ଏବଂ ଭିଏତନାମ କହିଥିଲେ। କରୋନା ମହାମାରୀ ବେଳେ ବିବାଦୀୟ ଜଳରାଶିରେ ଚାଇନା ନିଜର ଉପସ୍ଥିତି ଜାହିର ଲାଗି ଉଦ୍ୟମ କରୁଥିବାରୁ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜୁଲାଇ ୧ରୁ ପାରାସେଲ୍ ଆଇଲାଣ୍ଡ ନିକଟରେ ପିଏଲ୍‌ଏ ନୌସେନା ୫ ଦିନିଆ ସମରାଭ୍ୟାସ ଆରମ୍ଭ କରିଛି। ଉକ୍ତ ଅଞ୍ଚଳକୁ ଭିଏତ୍‌ନାମ ନିଜର ବୋଲି ଦାବି କରୁଥିବାବେଳେ ଏନେଇ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ନିକଟରେ ଆନୁଷ୍ଠାନିକ ପ୍ରତିବାଦ ଜଣାଇଛି। ଯଦି ଏହି ସମରାଭ୍ୟାସ ଫିଲିପାଇନ୍ସ ଅଞ୍ଚଳକୁ ବ୍ୟାପେ ତେବେ ପରିଣତି ଭୟାବହ ହେବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି। ଆମେରିକା ସହ ଫିଲିପାଇନ୍ସର ସାମରିକ ସହଯୋଗ ଚୁକ୍ତି ରହିଛି। ବେଜିଂର ବେଆଇନ କାର୍ଯ୍ୟକୁ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ ଦିନକ ପୂର୍ବରୁ ବିରୋଧ କରିବା ସହ ପଡୋଶୀ ରାଷ୍ଟ୍ରଗୁଡ଼ିକ ପ୍ରତି ସମର୍ଥନ ଜଣାଇଥିଲେ।

## ୧୧ ପର୍ଯ୍ୟନ୍ତ ଭିସୁଟ୍ ବନ୍ଦ

**ସମ୍ବଲପୁର,୪।୭(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭୀସୁଟ)ରେ ଆଉ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ଭୀସୁଟ କର୍ତ୍ତୃପକ୍ଷ ଗୁରୁତର ସହ ନେଇଛନ୍ତି। ସେଥିପାଇଁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଭୀସୁଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ଘୋଷଣା କରାଯାଇଛି। ସମସ୍ତ କର୍ମଚାରୀଙ୍କୁ ହୋମ କ୍ୱରୋଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କୁ ବାହାରକୁ ଯିବାକୁ ପୂର୍ବରୁ ଅନୁମତି ଦିଆଯାଇଥିଲା ସେହି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ଯଦି ଏହି ନିର୍ଦ୍ଦେଶକୁ ଅବମାନନା କରାଯାଏ ତାହା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ଚିହ୍ନଟ ୪ ସଂକ୍ରମିତଙ୍କ ମଧ୍ୟରେ ସିଭିଲ ବିଭାଗର ଜଣେ ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆକାଉଣ୍ଟ ବିଭାଗର ଅସ୍ଥାୟୀ କର୍ମଚାରୀ, ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଜଣେ କର୍ମଚାରୀ ରହିଛନ୍ତି। ସେମାନଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଇତିମଧ୍ୟରେ ୧୫ ଜଣଙ୍କୁ ଚିହ୍ନଟ କରାଯାଇ ସ୍ୱାବ୍‌ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଏହାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଭଣଜା ଠେଙ୍ଗା ମାଡ଼ରେ ମାମୁ ମୃତ

**ଡାବୁଗାଁ,୪।୭(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ରେଭିନ୍ୟୁଗୁଡାରେ ଶୁକ୍ରବାର ଜଣେ ଯୁବକଙ୍କ ଠେଙ୍ଗା ମାଡ଼ରେ ତାଙ୍କ ମାମୁଙ୍କୁ ମୃତ୍ୟୁ ଘଟିଛି। ମୃତକ ହେଲେ ଗୌରଚନ୍ଦ୍ର ଗୌଡ(୫୦)। ଡାବୁଗାଁ ପୋଲିସ ଅଭିଯୁକ୍ତ ଭଣଜା ଲକି ଗୌଡଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବରରୁ ଜଣାପଡିଛି ଗୌରଚନ୍ଦ୍ର ଚେରଚେଟିଆଗୁଡାଠାରେ ନିର୍ମାଣ ଚାଲିଥିବା ପୋଲ କାର୍ଯ୍ୟର କ୍ୟାମ୍ପରେ ରାନ୍ଧୁଣିଆ ଭାବେ କାର୍ଯ୍ୟ କରୁଥିଲେ। ଗୌରଙ୍କ ସ୍ତ୍ରୀ ବୁଢୁ ଏବଂ ତାଙ୍କ ଘରେ ରହୁଥିବା ଭଣଜା ଲକି ଶୁକ୍ରବାର ଗୌର କାମ କରୁଥିବା ଜାଗାକୁ ଯାଇଥିଲେ। ସେଠାରେ ମାମୁ ଭଣଜାଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଲକି ମାଡ଼ ମାରିବାରୁ ଗୌର ଗୁରୁତର ହୋଇଥିଲେ। ତାଙ୍କୁ ଡାବୁଗାଁ ଅଣାଯାଇଥିଲା। ଶୁକ୍ରବାର ଅପରାହ୍ନରେ ଘରେ ପୁଣି ଥରେ ମାମୁଭଣଜାଙ୍କ ମଧ୍ୟରେ ବଚସା ହୋଇଥିଲା। ଲକି ଏକ ଠେଙ୍ଗାରେ ଗୌରଙ୍କୁ ପିଟିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ପରିବାର ଲୋକେ ଗୌରଙ୍କୁ ଘରକୁ ନେଇ ଆସିଥିଲେ। ଅପରାହ୍ନ ୫ଟାରେ ଗୌରଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଗୌରଙ୍କ ଝିଅ ସଞ୍ଜୁ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏନେଇ କେସ୍ ନଂ. ୧୩୦/୨୦ରେ ଏକ ମାମଲା ରୁଜୁ ହୋଇଛି।

# ଅଭିଯୁକ୍ତଙ୍କୁ ଗିରଫ ବେଳେ ସତର୍କ ରୁହ

**କଟକ ଅଫିସ,୪।୭**

**ପୋଲିସ ଅଧିକାରୀଙ୍କୁ ଡିଜିପିଙ୍କ ପରାମର୍ଶ**

ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀ କରୋନା ଆକ୍ରାନ୍ତ ହେବାରେ ଲାଗିଛନ୍ତି। କରୋନା ଯୋଦ୍ଧା ଖୋଦ୍ କରୋନା ଭୂତାଣୁ କବଳିତ ହେବାକୁ ନେଇ ପୋଲିସ ବିଭାଗରେ ଚିନ୍ତା ଦେଖାଦେଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ରାଜ୍ୟର ସମସ୍ତ ଆଇଜି, ଡିଆଇଜି ଓ ଏସ୍‌ପିମାନଙ୍କ ସହ ଭିଡିଓ କନଫରେନ୍ସରେ ଏନେଇ ଆଲୋଚନା କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ବେଳେ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅନେକ ସ୍ଥାନରେ ଅଭିଯୁକ୍ତଙ୍କୁ ଗିରଫ କରିବା ବେଳେ ପୋଲିସ କର୍ମଚାରୀ ସଂକ୍ରମଣର ଶିକାର ହୋଇଛନ୍ତି। ଗଞ୍ଜାମ, ବ୍ରହ୍ମପୁର ଓ ପୁରୀରେ ଏଭଳି ଘଟଣାର ନଜିରି ରହିଛି। ଆଲୋଚନା ବେଳେ ଥାନାଗୁଡ଼ିକୁ ଅଧିକ ନିରାପଦ ସ୍ଥଳରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଥାନାକୁ ଆସୁଥିବା ବ୍ୟକ୍ତିଙ୍କ ସହ ଆଦରପୂର୍ଣ୍ଣ ବ୍ୟବହାର, ଥାନାରେ ଲାଗିଥିବା ସିସିଟିଭିକୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ପାଇଁ ସେ କହିଛନ୍ତି। ମାସ୍କ, ସାନିଟାଇଜର, ସାମାଜିକ ଦୂରତ୍ୱ ଓ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ (ପିପିଓ) ଏବଂ ଫେସ ସିଲ୍ଡ ଆଦିର ଯୋଗାଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

# ସିଡିଏମ୍‌ଓ, ଜିଲା ପ୍ରଶାସନ ନାଁରେ ଅଭିଯୋଗ

## ଆଇସୋଲେଶନ ୱାର୍ଡରେ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା ମାମଲା

**ଜଗତ୍‌ସିଂହପୁର ଅଫିସ,୪।୭**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେଶନ୍ ୱାଡରେ ଚିକିତ୍ସାଧୀନ ଏରସମା ଥାନା ପଲ୍ଲିକଣ୍ଡା ପଞ୍ଚାୟତ କଟିଜଙ୍ଗା ଗ୍ରାମର ନିର୍ଲିପ୍ତ ଭୋଳଙ୍କ ମୃତ୍ୟୁ ଓ ଏହାପରେ ତାଙ୍କ ସ୍ତ୍ରୀ ସୁଭଦ୍ରା ସ୍ୱାଇଁ ସେଠାରେ ଆତ୍ମହତ୍ୟା କରିବା ଘଟଣା ଭିନ୍ନମୋଡ଼ ନେଇଛି। ଚିକିତ୍ସାରେ ଅବହେଳା କାରଣରୁ ନିର୍ଲିପ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ସମ୍ପର୍କିତ ଏକ ଅଡିଓ ଜାରି ହୋଇଛି। ନିର୍ଲିପ୍ତଙ୍କ ସ୍ତ୍ରୀ ସୁଭଦ୍ରା ଆତ୍ମହତ୍ୟା କରିବା ପୂର୍ବରୁ ଏପରି ଏକ ଅଡିଓ ପଠାଇଛନ୍ତି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ବିଜୟା ପଣ୍ଡା, ଅନ୍ୟ ଡାକ୍ତର, କର୍ମଚାରୀ ଏବଂ ଜିଲା ପ୍ରଶାସନର ଅବହେଳା କାରଣରୁ ଦମ୍ପତିଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନିର୍ଲିପ୍ତଙ୍କ ଭିଣୋଇ ତିର୍ତ୍ତୋଲ ଥାନା ଗୋବିନ୍ଦପୁରର ସୁନୀଲ ନାୟକ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ, ଜଗତ୍‌ସିଂହପୁର ଜିଲାପାଳ, ଏସ୍‌ପି ପ୍ରମୁଖଙ୍କୁ ଅବଗତ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅଭିଯୋଗରେ ସୁନୀଲ ଦର୍ଶାଇଛନ୍ତି, ନିର୍ଲିପ୍ତ ହାଇଦ୍ରାବାଦରେ ଚାକିରି କରୁଥିଲେ। ସେଠାରେ ସ୍ତ୍ରୀ ସୁଭଦ୍ରାଙ୍କୁ ନେଇ ରଖିଥିଲେ। ଗତ ୩୦ ତାରିଖରେ ସେମାନେ ଜଗତ୍‌ସିଂହପୁର ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ହେଲେ ସେଠାରେ ନିର୍ଲିପ୍ତ ହଠାତ ଅସୁସ୍ଥ ଅନୁଭବ କରିବା ସହ ଅସ୍ତବ୍ୟସ୍ତ ହେବାରୁ ତାଙ୍କ ସ୍ତ୍ରୀ କନ୍ଦାକଟା କରିଥିଲେ। ସୁଭଦ୍ରାଙ୍କ ଉଦ୍ୟମରେ ୧ ତାରିଖ ରାତି ପ୍ରାୟ ୧୨ଟାରେ ନିର୍ଲିପ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ସେ କଷ୍ଟ ପାଉଥିବା ଦେଖି ସୁଭଦ୍ରା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ବିଜୟା ପଣ୍ଡା, ଡାକ୍ତର ଅଜୟ ସ୍ୱାଇଁ ପ୍ରମୁଖଙ୍କୁ ବହୁତ କାକୁତି ମିନତି ହୋଇ ଡାକିଥିଲେ। କିନ୍ତୁ କେହି ଶୁଣି ନ ଥିଲେ। ରାତି ପ୍ରାୟ ୧୨ଟାରୁ ତା' ପରଦିନ ଅର୍ଥାତ୍ ୨ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିର୍ଲିପ୍ତଙ୍କୁ କେହି ଚିକିତ୍ସା କରି ନ ଥିଲେ। ଶେଷରେ ଅପରାହ୍ନ ପ୍ରାୟ ୨ଟା୩୦ରେ ନିର୍ଲିପ୍ତ ଆଖି ବୁଜିଥିଲେ। ଏଭଳି ଚରମ ଅବହେଳାକୁ ଆଖିରେ ଦେଖିଲାପରେ ସୁଭଦ୍ରା ଧୈର୍ଯ୍ୟ ଧରି ପାରି ନ ଥିଲେ। ନିଜ ମୋବାଇଲ ଫୋନରେ ଏକ ଅଡିଓ ବାର୍ତ୍ତା ରେକର୍ଡିଂ କରି ବିଭିନ୍ନ ନମ୍ବରକୁ ଛାଡିବା ସହ ଆଇସୋଲେଶନ୍ ୱାର୍ଡରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଏଭଳି ଘଟଣା ପାଇଁ ଡାକ୍ତରଖାନା କର୍ମଚାରୀ ଓ ଜିଲା ପ୍ରଶାସନ ଦାୟୀ ବୋଲି ସୁନିଲ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି। ଆବଶ୍ୟକ ପଡିଲେ ମାମଲା ରୁଜୁ କରାଯିବ।



### ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏତଲା

ନିର୍ଲିପ୍ତ ଓ ସୁଭଦ୍ରା ଜଗତ୍‌ସିଂହପୁର ସଦର ମହକୁମା ଡାକ୍ତରଖାନା ଆଇସୋଲେଶନ୍ କେନ୍ଦ୍ରରେ ଚିକିତ୍ସାଧୀନ ଥିବାବେଳେ ଅବହେଳା କରାଯାଇଥିଲା। ଚିକିତ୍ସା ପାଇଁ ସୁଭଦ୍ରା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ ସୁଦ୍ଧା ସୁଫଳ ମିଳି ନ ଥିଲା। ତାଙ୍କ ଆଖି ଆଗରେ ସ୍ୱାମୀଙ୍କ ମୃତ୍ୟୁକୁ ଦେଖିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ତାଙ୍କ ଅଡିଓରେ ଜିଲା ମୁଖ୍ୟ ଚିକିତ୍ସାଳୟର ଦାୟିତ୍ୱହୀନତା ଜଳଜଳ ବାରି ହେଉଛି। ତେଣୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟା ପଣ୍ଡାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି ଜଗତ୍‌ସିଂହପୁର ଥାନାରେ ଦେଇଥିବା ଅଭିଯୋଗରେ ଏକଥା ଦର୍ଶାଇଛନ୍ତି।

### ଅଡିଓରେ କ'ଣ କହିଥିଲେ ସୁଭଦ୍ରା

ଦେଖନ୍ତୁ ଡାକ୍ତରମାନେ ମୋ ହଜବ୍ୟାଣ୍ଡଙ୍କ ଟ୍ରିଟମେଣ୍ଟ କଲେନି। ତାଙ୍କର ଡେଥ୍ ହେଇଗଲା। ସେମାନେ ଜମା ବି ଟ୍ରିଟମେଣ୍ଟ କଲେନି। ଆମେ ଏସ୍‌ଭିଏମ୍ କ୍ୱାରାଣ୍ଟାଇନ୍‌ରେ ଥିଲୁ। ତାଙ୍କର କାଶ, ଜ୍ୱର ହେଲା ବୋଲି ଆମେ ଜଗତ୍‌ସିଂହପୁର ମେଡିକାଲକୁ ଆଣିଲୁ। ବାପା(ଶ୍ୱଶୁର), ମାମୁ, ଭାଇ ସମସ୍ତେ ମୋ ରେକର୍ଡିଂ ଶୁଣିବ। ମୋ ଧନକୁ ଟ୍ରିଟ୍‌ମେଣ୍ଟ କଲେନି...। ମୁଁ ଆଣିକି ବହୁତ ଜାଗା ବୁଲାଇଲି। ତାଙ୍କ ସେବା କଲି। ୧.୩୦ରେ ଖୁଆଇଦେଲି। ତାଙ୍କ ସାଙ୍ଗରେ ଖାଇଲି। ମୋ ସାଙ୍ଗରେ ଭଲ କଥା ହେଲେ। ତା ପରେ କ'ଣ ହେଇଗଲା ଛାତି। ମୁଁ ଡାକ୍ତରଙ୍କୁ ଡାକିଲି। ଡାକ୍ତର ଆସିଲେନି...। ପରେ ତାଙ୍କର କ'ଣ ହେଇଗଲା ମୋତେ ଅନେଇଲେନି, କଥା କହିଲେନି। ଡାକ୍ତର ଆସିକିରି କିଛି ଟ୍ରିଟମେଣ୍ଟ କଲେନି। ହେ ମୋ ବୋଉକୁ ବଞ୍ଚେଇବ। ମୋ କନ(ନାମ) ବୋଉର କେହି ଭରସା ନାହାନ୍ତି। ତାକୁ ବଞ୍ଚେଇବ, ତାକୁ ବଞ୍ଚେଇବ...ମୋ ଧନ ଆଉ ନାହିଁ...। ମୁଁ ତାଙ୍କ ସାଙ୍ଗରେ ଯାଉଛି...। ଆତ୍ମହତ୍ୟା ପୂର୍ବରୁ ସୁଭଦ୍ରା ଏଭଳି ଅଡିଓ ରେକର୍ଡିଂ କରି ପରିବାର ଓ ଆତ୍ମୀୟସ୍ୱଜନଙ୍କ ମୋବାଇଲକୁ ପଠାଇଥିଲେ।

### ଜିଲା ପ୍ରଶାସନର ପ୍ରତିକ୍ରିୟା

ପ୍ରବାସୀ ଦମ୍ପତିଙ୍କୁ ଖୋର୍ଦ୍ଧାରୁ ଜଗତ୍‌ସିଂହପୁର ଅଣାଯିବା ପରେ ୧ ତାରିଖରେ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ୨ରେ ରିପୋର୍ଟ ନେଗେଟିଭ୍ ଆସିଥିଲା। କିନ୍ତୁ ଅସୁସ୍ଥତା କାରଣରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେଶନ୍ ୱାର୍ଡରେ ରଖାଯାଇଥିଲା। ହୃଦ୍‌ଘାତ କାରଣରୁ ନିର୍ଲିପ୍ତଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ସ୍ତ୍ରୀ ଧୈର୍ଯ୍ୟହରା ହୋଇ ଆତ୍ମହତ୍ୟା କଲେ। ଜିଲା ପ୍ରଶାସନ ତରଫରୁ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ।

# ମଙ୍ଗଳୟାନ ଉଠାଇଲା 'ଫୋବୋସ୍' ଫଟୋ

**ବେଙ୍ଗାଲୁରୁ,୪।୭**

**ମଙ୍ଗଳର ବୃହତ୍ତମ ଚନ୍ଦ୍ର**




ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ମଙ୍ଗଳୟାନ(ମାର୍ସ ଅର୍ବିଟର ମିଶନ)ରେ ଥିବା ମାର୍ସ କଲର କ୍ୟାମେରା (ଏମ୍‌ସିସି) ମଙ୍ଗଳ ଗ୍ରହର ବୃହତ୍ତମ ଚନ୍ଦ୍ର 'ଫୋବୋସ୍'ର ଛବି ଉତ୍ତୋଳନ କରିଛି। ଏହି ଫଟୋ ଗତ ୧ ତାରିଖରେ ଉଠାଯାଇଥିଲା, ଯେତେବେଳେ ମଙ୍ଗଳୟାନ ମଙ୍ଗଳ ଗ୍ରହଠାରୁ ୭,୨୦୦ କିଲୋମିଟର ଏବଂ ଫୋବୋସ୍ ଠାରୁ ପ୍ରାୟ ୪,୨୦୦ କିଲୋମିଟର ଦୂରରେ ଥିଲା। ଇସ୍ରୋ ପକ୍ଷରୁ କୁହାଯାଇଛି ଯେ, ଏହି ଫଟୋର ଅନ୍ତରୀକ୍ଷ ସମ୍ବନ୍ଧୀୟ ରିଜୋଲ୍ୟୁଶନ ହେଉଛି ୨୧୦ଏମ୍। ଏହା ୬ଟି ଏମ୍‌ସିସି ଫ୍ରେମ୍‌ରୁ ନିଆଯାଇଥିବା ଏକ ମିଶ୍ରିତ ଛବି ଏବଂ ଏହାର ରଙ୍ଗ ସଂଶୋଧିତ କରାଯାଇଛି।

ଫୋବୋସ୍ ମୁଖ୍ୟତଃ ଅଙ୍ଗାରକାମ୍ଳମୟ ପଥୁରିଆ ଉଲ୍କାପିଣ୍ଡ ଦ୍ୱାରା ଗଠିତ ବୋଲି ବିଶ୍ୱାସ କରାଯାଏ। ଇସ୍ରୋ ଅନୁଯାୟୀ, ଫୋବୋସ୍ ଅତୀତରେ ଏକ ବଡ଼ଧରଣର ଧକ୍କାକୁ ସାମ୍ନା କରିଛି। ଫଳରେ ବିଶାଳ ଗର୍ତ୍ତ ସୃଷ୍ଟି ହୋଇଛି। ଏହାର ନାଁ ରହିଛି ଷ୍ଟିକ୍‌ନେ। ଏହା ଫୋବୋସ୍‌ର ସବୁଠୁ ବଡ଼ ଗର୍ତ୍ତ, ଯାହାର ବ୍ୟାସ ହେଉଛି ୯ କିଲୋମିଟର। ଏହା ଫଟୋରେ ସ୍ପଷ୍ଟ ଦେଖାଯାଉଛି। ଅନ୍ୟ ଗର୍ତ୍ତଗୁଡିକ ତଥା ସ୍ଲୋଭସ୍କି, ରୋଚେ ଏବଂ ଗ୍ରିଲଡ୍ରିଗ୍ ମଧ୍ୟ ଫଟୋରେ ଦେଖିବାକୁ ମିଳୁଛି।

ମଙ୍ଗଳୟାନ ମାତ୍ର ୬ ମାସ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଥମେ ଜଣାପଡ଼ିଥିଲା। କିନ୍ତୁ ଇସ୍ରୋ ପକ୍ଷରୁ କୁହାଯାଇଥିଲା ଯେ, ବହୁ ବର୍ଷ ପର୍ଯ୍ୟନ୍ତ ସେବା ଯୋଗାଇବା ପାଇଁ ଏହା ପାଖରେ ପର୍ଯ୍ୟାପ୍ତ ଇନ୍ଧନ ଅଛି। ୨୪ ସେପ୍ଟେମ୍ବର ୨୦୧୪ରେ, ଭାରତ ସଫଳତାର ସହିତ ମଙ୍ଗଳୟାନକୁ ଲାଲ ଗ୍ରହ ମଙ୍ଗଳର କକ୍ଷପଥରେ ସ୍ଥାପିତ କଲା। ପ୍ରଥମ ପ୍ରୟାସରେ ଏହି ସଫଳତା ହାସଲ କରାଯାଇଥିଲା। ଫଳରେ ପୂର୍ବରୁ ଏଭଳି ସଫଳତା ହାସଲ କରିଥିବା ଦେଶଗୁଡ଼ିକର ଇଲାଇଟ୍ କ୍ଲବ୍‌ରେ ଭାରତ ସାମିଲ ହୋଇପାରିଥିଲା। ଇସ୍ରୋ ଏହାକୁ ୫ ନଭେମ୍ବର ୨୦୧୩ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଉତ୍କ୍ଷେପଣ କେନ୍ଦ୍ରରୁ ପିଏସ୍‌ଏଲ୍‌ଭି ରକେଟ ମାଧ୍ୟମରେ ପ୍ରେରଣ କରିଥିଲା। ଏହି ମିଶନ ବାବଦରେ ଖର୍ଚ୍ଚ ହୋଇଛି ୪୫୦ କୋଟି ଟଙ୍କା। ମଙ୍ଗଳୟାନର ଲକ୍ଷ୍ୟ ହେଉଛି ମଙ୍ଗଳ ଗ୍ରହର ଉପରିଭାଗ(ପୃଷ୍ଠ) ଏବଂ କେଉଁସବୁ ଖଣିଜ ପଦାର୍ଥକୁ ନେଇ ଏହା ଗଠିତ ହୋଇଛି ସେ ସମ୍ପର୍କରେ ଅଧ୍ୟୟନ କରିବା। ଏହାସହିତ ସେଠାକାର ବାୟୁମଣ୍ଡଳରେ ମିଥେନ୍(ମଙ୍ଗଳ ଗ୍ରହରେ ଜୀବନର ଏକ ସୂଚକ) ସମ୍ପର୍କରେ ମଧ୍ୟ ଏହା ଯାଞ୍ଚ କରୁଛି। ସୂଚନାଥାଉ କି, ମଙ୍ଗଳୟାନରେ ପାଞ୍ଚଟି ବୈଜ୍ଞାନିକ ଉପକରଣ ରହିଛି। ସେଗୁଡ଼ିକ ହେଲା ଲାଇମ୍ୟାନ ଆଲଫା ଫୋଟୋମିଟର (ଏଲ୍‌ଏପି), ମିଥେନ୍ ସେନସର୍ ଫର୍ ମାର୍ସ (ଏମ୍‌ଏସ୍‌ଏମ୍), ମାର୍ସ ଏକ୍ସୋଫେରିକ ନ୍ୟୁଟ୍ରାଲ କମ୍ପୋଜିଶନ ଆନାଲାଇଜର (ଏମ୍‌ଇଏନ୍‌ସିଏ), ମାର୍ସ କଲର କ୍ୟାମେରା (ଏମ୍‌ସିସି) ଏବଂ ଥର୍ମାଲ ଇନ୍‌ଫ୍ରାରେଡ୍ ଇମେଜିଂ ସ୍ପେକ୍ଟ୍ରୋମିଟର(ଟିଆଇଏସ୍)।

**OFFICE OF THE PANCHAYAT SAMITI, RAIRAKHOL**
Letter No. 1422 Date: 04.07.2020
**SHORT QUOTATION CALL NOTICE**
Sealed quotations are invited from intending registered firms/suppliers of Odisha having upto date GST clearing of applicable for supply of IT Equipments. The last date of receipt of sealed quotation is Dt.10.07.2020 upto 11.00 A.M. The details are available in the website: www.sambalpur.nic.in.
Block Development Officer, Rairakhol

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

BALAJI FINANCE LIMITED
(Reg. No. KA08FGD557S113)
(ବିନା କୌଣସି ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ପର୍ସନାଲ, ଏଗ୍ରିକଲ୍ଚର, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ସବୁ ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
77519-71907
73765-91521
H.No. 12, Sohana Distt. Mohali

FINANCE
ପଇସା ଆମର କାମ ତମର
SREE Vinayak capital
ବ୍ୟକ୍ତିଗତ ସମ୍ପତ୍ତି, ଶିକ୍ଷା, ଆଧାରକାର୍ଡ ଉପରେ କେବଳ ୨୪ ଘଣ୍ଟା ଭିତରେ 3 % ବର୍ଷକୁ ସୁଧରେ ଋଣ ଯୋଗାଇ ଦେଉଛି। ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
2nd Floor, Block-B, Ansal Complex Boring Road, Patna-3
8570815828
8376093742

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ସରିଲା ରଥଯାତ୍ରା: ରହିବ ସ୍ମରଣୀୟ

**ପୁରୀ ଅଫିସ,୪।୭**

ଶେଷ ହୋଇଛି ୨୦୨୦ର ସ୍ୱତନ୍ତ୍ର ଓ ସ୍ମରଣୀୟ ରଥଯାତ୍ରା। ବିଗତ ବର୍ଷରେ ଅନେକ ପ୍ରତିକୂଳ ପରିସ୍ଥିତି ଆସିଛି। ୧୮ଥର ଶ୍ରୀମନ୍ଦିର ଆକ୍ରମଣ ଯୋଗୁ ୨୨ଥର ସ୍ଥାନାନ୍ତର ହୋଇଛନ୍ତି ମହାପ୍ରଭୁ। ଏଥିପାଇଁ ବହୁବର୍ଷ ରଥଯାତ୍ରା ବନ୍ଦ ହୋଇଥିବା ବେଳେ ପୁଣି କେତେବେଳେ ଗୁପ୍ତରେ ମନ୍ଦିର ଭିତରେ ସମ୍ପନ୍ନ ହୋଇଛି। ହେଲେ ଏଥର ରଥଯାତ୍ରା ଯେଉଁଭଳି ପରିସ୍ଥିତିରେ ଏବଂ ବିନା ଭକ୍ତରେ ସମ୍ପନ୍ନ ହୋଇଛି ତାହା ଶ୍ରୀମନ୍ଦିର ଇତିହାସରେ ଯୋଡ଼ିଦେଇଛି ଏକ ନୂଆ ଅଧ୍ୟାୟ। ମହାମାରୀ କରୋନା ପାଇଁ ଏମିତି ଏକ ସ୍ମରଣୀୟ ରଥଯାତ୍ରା ସବୁ ଜଗନ୍ନାଥପ୍ରେମୀଙ୍କ ମନରେ ସ୍ମୃତି ହୋଇରହିବ।

କରୋନା କଟକଣା ଯୋଗୁ ସାଢେ ୩ ମାସ ହେଲା ମହାପ୍ରଭୁଙ୍କୁ ଭକ୍ତ ଦର୍ଶନ କରିପାରୁ ନାହାନ୍ତି। ଏବେ ବି ଏହି କଟକଣା ବଳବତ୍ତର ଅଛି। ଏପ୍ରିଲ ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାଠାରୁ ହିଁ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଲକ୍‌ଡାଉନ କଟକଣା ପାଇଁ ଶ୍ରୀମନ୍ଦିର ଭିତରେ ଚନ୍ଦନଯାତ୍ରା ସମ୍ପନ୍ନ ହୋଇଥିବାବେଳେ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ବି ମେଘନାଦ ପାଚେରି ଭିତରେ କରାଯାଇଥିଲା। ଏହିଠାରୁ ରଥଯାତ୍ରା ଆୟୋଜନକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ଉପୁଜିଥିଲା। ଅକ୍ଷୟ ତୃତୀୟାରେ ମନ୍ଦିର ଭିତରେ ରଥ ନିର୍ମାଣ ଅନୁକୂଳ ହେଲା ସିନା ହେଲେ ଲକ୍‌ଡାଉନ କଟକଣା ଯୋଗୁ ରଥଖଳାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ନାହିଁ। ଶେଷରେ କେନ୍ଦ୍ର ସରକାରଙ୍କ ଅନୁମତି ଲୋଡ଼ିଲେ ରାଜ୍ୟ ସରକାର। କେନ୍ଦ୍ର ସରକାର ସର୍ତ୍ତମୂଳକ ଅନୁମତି ଦେଇଥିଲେ ହେଁ ରଥଯାତ୍ରା ଆୟୋଜନ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଥିଲେ। ୧୨ ଦିନ ବିଳମ୍ବରେ ଅର୍ଥାତ୍ ମେ ୫ରେ ରଥ ନିର୍ମାଣ ଆରମ୍ଭ ହୋଇଥିଲା। ଦିନ ପାଖେଇ ଆସୁଥିବାବେଳେ ହାଇକୋର୍ଟରେ ରଥଯାତ୍ରା ସପକ୍ଷ ଓ ବିପକ୍ଷରେ ମାମଲା ରୁଜୁ ହେଲା। ହାଇକୋର୍ଟ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଲେ। କରୋନା ଭୟାବହତା ଦୃଷ୍ଟିରୁ ଏ ବର୍ଷ ରଥଯାତ୍ରା ବନ୍ଦ ହେଉ ବୋଲି ଜଣେ ପିଟିଶନର ସୁପ୍ରିମ୍‌କୋର୍ଟ ଗଲେ। ଏପଟେ ଶ୍ରୀମନ୍ଦିର ପରିଚାଳନା କମିଟିରେ ବାରମ୍ବାର ବୈଠକ ବସି ରଥଯାତ୍ରା ପାଇଁ ପ୍ରସ୍ତୁତି ଆଗେଇ ଚାଲିଥିଲା। ବିନା ଭକ୍ତରେ ରଥଯାତ୍ରା ଲାଗି


ନୀଳାଦ୍ରିବିଜେ ଅବସରରେ ରଥାରୂଢ଼ ଠାକୁରଙ୍କୁ ରସଗୋଲା ଭୋଗ ଅର୍ପଣ କରାଯାଉଛି।

- ଶ୍ରୀମନ୍ଦିର ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ
- ଭକ୍ତ ବିନା ସେବାୟତ ଟାଣିଲେ ରଥ
- ଶେଷ ମୁହୂର୍ତ୍ତରେ ମିଳିଥିଲା ସୁପ୍ରିମ୍‌କୋର୍ଟଙ୍କ ଅନୁମତି

ରାଜ୍ୟ ସରକାରଙ୍କୁ ପରିଚାଳନା କମିଟି ପ୍ରସ୍ତାବ ଦେଇଥିଲା। ବିଭିନ୍ନ ନିଯୋଗ ସମେତ ବ୍ୟକ୍ତିଗତ ଭାବେ କେତେଜଣ ସେବାୟତ ଏ ନେଇ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ଏବଂ ବିଭିନ୍ନ ନିଯୋଗ ସହ ଆଲୋଚନା ଯୋଗୁ ସେବାୟତମାନେ ରଥଯାତ୍ରା ହେବା ନେଇ ଏକପ୍ରକାର ନିଶ୍ଚିତ ହୋଇଯାଇଥିଲେ। ଜୁନ୍ ୨୩ରେ ରଥଯାତ୍ରା ଥିବାବେଳେ ୧୮ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଚଳିତବର୍ଷ ରଥଯାତ୍ରା ହୋଇପାରିବ ନାହିଁ ବୋଲି ରାୟ ଦେଲେ।

ଏହାପରେ ଭକ୍ତ, ସେବାୟତଙ୍କ ମହଲରେ ଆରମ୍ଭ ହେଲା ତୀବ୍ର ପ୍ରତିକ୍ରିୟା। ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ, ଶ୍ରୀଜଗନ୍ନାଥ ସେନା ପକ୍ଷରୁ ୬ ଘଣ୍ଟିଆ ପୁରୀ ବନ୍ଦ ଡାକରା ଦିଆଗଲା। ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ ପରିବର୍ତ୍ତନ ଏବଂ ଆଂଶିକ ସଂଶୋଧନ କରି କେବଳ ପୁରୀ ରଥଯାତ୍ରାକୁ ଅନୁମତି ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଏକାଧିକ ପିଟିଶନ ଦାଏର ହେଲା। ୨ ଦିନ ମଧ୍ୟରେ ୧୯ଟି ଆବେଦନ ଦାଏର କରାଗଲା। ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜା ଭକ୍ତଶୂନ୍ୟ ରଥଯାତ୍ରା ପାଇଁ ସ୍ୱର ଉଠାଇଲେ। ଜୁନ୍ ୨୨ରେ ସୁପ୍ରିମ୍‌କୋର୍ଟରେ ଆବେଦନର ଶୁଣାଣି ଲାଗି ସ୍ଥିର ହେଲା। ରାଜ୍ୟ ସରକାର ସତ୍ୟପାଠ ଦାଖଲ କଲେ। ଛୁଟି ଥିଲେ ବି ପ୍ରଧାନ ବିଚାରପତି ନାଗପୁରସ୍ଥିତ ବାସଭବନରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଣାଣି କଲେ। ଶେଷରେ ତିନିଜଣିଆ ଖଣ୍ଡପୀଠ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଲେ। ବିନା ଭକ୍ତରେ ଆୟୋଜନ ସହ କୋଭିଡ୍ ଗାଇଡ୍‌ଲାଇନ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ପୂର୍ବଦିନ ୨୨ତାରିଖ ଅପରାହ୍ନ ୪ଟାରେ ଅନୁମତି ମିଳିଥିଲା। ଏହାପରେ ଜୋରଦାର ପ୍ରସ୍ତୁତି ଚାଲିଲା। ୧୨ଘଣ୍ଟାରୁ କମ୍ ସମୟ ଥିଲେ ମଧ୍ୟ ରାଜ୍ୟ ସରକାର ଏବଂ ପୁରୀ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଲେ। ଫଳରେ ସୁରୁଖୁରୁରେ ସରିଛି ରଥଯାତ୍ରା।


ଦକ୍ଷିଣୀ ଘରକୁ ମଦନମୋହନଙ୍କ ବିଜେ।


ରାମ ଓ କୃଷ୍ଣଙ୍କୁ ବିଜେ କରାଯାଉଛି।


ଚାହାଣି ମଣ୍ଡପ ନିକଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମହାଲକ୍ଷ୍ମୀଙ୍କ ଭେଟ କରାଯାଉଛି।

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ନେଇ କାର୍ଟୁନ: ଶ୍ରଦ୍ଧାଳୁ, ସେବାୟତଙ୍କ ନାପସନ୍ଦ



**ପୁରୀ ଅଫିସ,୪।୭:** ମହାପ୍ରଭୁଙ୍କୁ ନେଇ ହୋଇଥିବା ଏକ କାର୍ଟୁନ ଚିତ୍ର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ନୀଳାଦ୍ରିବିଜେ କାହାଣୀକୁ ନେଇ ଏହି କାର୍ଟୁନ କରାଯାଇଛି। ଭାଇ, ଭଉଣୀକୁ ସାଥିରେ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଯାତ୍ରା କରିଥିଲେ। ତେଣୁ ଅଭିମାନ କରିଥିଲେ ଲକ୍ଷ୍ମୀ। ମହାପ୍ରଭୁ ଫେରିବା ପରେ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ମନାଇବା ପାଇଁ ସାଙ୍ଗରେ ଆଣିଥିଲେ ରସଗୋଲା। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ରସଗୋଲା ଖୁଆଇ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାନଭଞ୍ଜନ କରିଥାନ୍ତି ବୋଲି ପରମ୍ପରା ରହିଛି। ତେଣୁ ଏହାକୁ ନେଇ କେହି କାର୍ଟୁନ କରିବା ପରେ ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି। ଆଗରେ ଦେବୀ ସୁଭଦ୍ରା ଓ ବଡ଼ଠାକୁର ବଳଭଦ୍ର ଶ୍ରୀମନ୍ଦିରକୁ ପ୍ରବେଶ କରି ଲୁଚିକି ଚାହିଁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହାତରେ ରସଗୋଲା ଧରି ଲକ୍ଷ୍ମୀଙ୍କ ପାଖକୁ ଯିବାର ଚିତ୍ର ରହିଛି। ତେଣୁ ଏହି କାର୍ଟୁନକୁ ଭକ୍ତ ଏବଂ ସେବାୟତ ନାପସନ୍ଦ କରିଛନ୍ତି । ମହାପ୍ରଭୁଙ୍କୁ ନେଇ ଏଭଳି କାର୍ଟୁନ କରିବା କଥା ନୁହେଁ ବୋଲି କ୍ଷୋଭର ସହ କହିଛନ୍ତି।

### ବିବାଦରେ ରାଜେନ୍ଦ୍ରଙ୍କ କବିତା

**ଭୁବନେଶ୍ୱର,୪।୭(ବ୍ୟୁରୋ):** 'ଅଶୋକ ବନରେ ତମେ ଇଚ୍ଛିପାର ରାବଣର ବଳାତ୍କାର, ଅଗ୍ନି ପରୀକ୍ଷାରେ ଏଣେ ହୋଇପାର ଅନାୟାସରେ ଉତ୍ତୀର୍ଣ୍ଣା, ତୁମେ କାହାରି ନୁହଁ' ସୋସିଆଲ ମିଡିଆରେ ଦେବୀ ସୀତାଙ୍କ ଉଦ୍ଦେଶ୍ୟରେ ଏଭଳି ଏକ ପୋଷ୍ଟ କରି ବିବାଦକୁ ଆସିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଓଡ଼ିଆ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡା। ଗତ ଏପ୍ରିଲ ୨୭ରେ ରାଜେନ୍ଦ୍ର ଫେସ୍‌ବୁକ୍‌ରେ କରିଥିବା ଏହି ପୋଷ୍ଟ କୋଟି କୋଟି ହିନ୍ଦୁ ଓ ସଂସ୍କୃତିପ୍ରେମୀଙ୍କ ଭାବନାକୁ ଆଘାତ ଦେଇଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ ରାଜେନ୍ଦ୍ର ପଣ୍ଡାଙ୍କଠାରୁ ଏକାଡେମୀ ପୁରସ୍କାର ପ୍ରତ୍ୟାହାର କରିବାକୁ ଗ୍ରନ୍ଥକାର ଶାଶ୍ୱତ ପାଣିଗ୍ରାହୀ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବରଙ୍କୁ ଇ-ମେଲ୍ କରି ଜଣାଇଛନ୍ତି। ତେବେ ୧୯୮୮ ମସିହାର ପ୍ରକାଶିତ ଏକ ପୁସ୍ତକରେ ଏହି କବିତା ରହିଥିଲା। ଏହା ବିବାଦୀୟ ନୁହେଁ, ବରଂ ସ୍ତ୍ରୀଙ୍କୁ ଅଗ୍ରାଧିକାର ଦେବା କଥା ଏହି କବିତାରେ କୁହାଯାଇଥିବା ରାଜେନ୍ଦ୍ର କହିଛନ୍ତି। ଏହାସହ ସେ ସମ୍ପୂର୍ଣ୍ଣ କବିତାକୁ ପୁଣିଥରେ ନିଜ ଫେସ୍‌ବୁକ୍‌ରେ ରିପୋଷ୍ଟ୍ କରିଥିବା ମଧ ଦେଖିବାକୁ ମିଳିଛି।

### ମହାନଦୀକୁ ଡେଇଁ ଯୁବକ ନିଖୋଜ

**ବାଙ୍କୀ,୪।୭(ସ୍ୱ.ପ୍ର.):** ବାଙ୍କୀ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ପୋଲ ଉପରୁ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକ ମହାନଦୀକୁ ଡେଇଁପଡ଼ିଛନ୍ତି। ସେ ହେଲେ ତିଗିରିଆ ଥାନା ଶୁଣ୍ଢିପାଳ ଗ୍ରାମର ପୀତବାସ ରାଉତଙ୍କ ପୁତ୍ର ବନମାଳୀ (୨୫)। ଖବରପାଇ ବାଙ୍କୀ ଓ ଡମପଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛି। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପୋଲ ଉପରେ ବାଇକ୍ ଓ ଚପଲ ରଖି ବନମାଳୀ ପାଣିକୁ ଡେଇଁ ପଡ଼ିଥିଲେ। ମାତ୍ର କେଉଁ କାରଣରୁ ସେ ମହାନଦୀକୁ ଡେଇଁଲେ ତାହାର କାରଣ ଜଣାପଡ଼ି ନାହିଁ।

### ଯୁବତୀଙ୍କୁ ଅପହରଣ

**ପୁରୀ ଅଫିସ,୪।୭:** ଜଣେ ଯୁବତୀଙ୍କୁ ଅପହରଣ କରାଯାଇଥିବା ନେଇ ଚନ୍ଦନପୁର ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବତୀଙ୍କ ବାପା ଏହି ଅଭିଯୋଗ ଆଣିଛନ୍ତି। ଗତ ୨୨ ତାରିଖ ସନ୍ଧ୍ୟା ୬ଟାରେ ଗାଁର ଲୋକନାଥ ମନ୍ଦିରକୁ ସମ୍ପୃକ୍ତା ଯୁବତୀ ଆଳତି କରିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ସୌମ୍ୟରଞ୍ଜନ ପଣ୍ଡା ଏବଂ ତାଙ୍କ ସହଯୋଗୀ ଯୁବତୀଙ୍କୁ ଜବରଦସ୍ତ କାବୁ କରି ମାରଣାସ୍ତ୍ର ଦେଖାଇ ଅପହରଣ କରିନେଇଥିଲେ। ପଛରେ ଆସୁଥିବା ଗାଁର ଅନ୍ୟ ଜଣେ ସ୍ତ୍ରୀ ଲୋକ ମଧ ଏହା ଦେଖି ଡାକ ପକାଇଥିଲେ। ହେଲେ ଅପହରଣକାରୀମାନେ ପଳାଇ ଯାଇଥିଲେ ବୋଲି ସମ୍ପୃକ୍ତା ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରିୟରଞ୍ଜନ ନାୟକଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି।

## ଆସିଲେ ଖରାରେ, ଗଲେ ବର୍ଷାରେ

**ପୁରୀ ଅଫିସ,୪।୭**

କରୋନା ପାଇଁ ଏଥର ରଥଯାତ୍ରାକୁ ନେଇ ଶେଷ ପର୍ଯ୍ୟନ୍ତ ଅନିଶ୍ଚିତତା ଲାଗି ରହିଥିଲା। ଜୁନ୍ ୨୩ରେ ରଥଯାତ୍ରା ଥିବାବଳେ ଏହାର ପୂର୍ବଦିନ ଅର୍ଥାତ୍ ୨୨ ତାରିଖରେ ସୁପ୍ରିମ୍‌କୋର୍ଟ ରଥଯାତ୍ରା ଲାଗି ସର୍ତ୍ତମୂଳକ ଅନୁମତି ଦେଲେ। ଅନୁଷ୍ଠିତ ହେଲା ଭକ୍ତଶୂନ୍ୟ ରଥଯାତ୍ରା। ତେବେ ଘୋଷଯାତ୍ରା ଦିନ ପ୍ରବଳ ଖରା ଓ ଗୁଳୁଗୁଳି ହୋଇଥିଲା। ମହାପ୍ରଭୁ ଖରାରେ ରଥାରୂଢ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିଲେ। ଏହାପରେ ହେରାପଞ୍ଚମୀ, ସନ୍ଧ୍ୟା ଦର୍ଶନ, ବାହୁଡ଼ା, ସୁନାବେଶ, ଅଧରପଣା ଚତୁର୍ଦ୍ଧାବିଗ୍ରହଙ୍କ ସବୁ ନୀତି ଟାଇଁ ଟାଇଁ ଖରାରେ ହୋଇଥିଲା। ଅର୍ଥାତ୍ ଏହିସବୁ ଦିନରେ ବର୍ଷାର ଦେଖା ନ ଥିଲା। ହେଲେ ଶନିବାର ନୀଳାଦ୍ରିବିଜେର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସକାଳୁ ପୁରୀ ଆକାଶ ମେଘାଛନ୍ନ ରହିଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ବେଳେ ଆରମ୍ଭ ହୋଇଥିଲା ଝିପିଝିପି ବର୍ଷା। କିଛି ସମୟରେ ପରେ ଅସରାଏ ଭଲ ବର୍ଷା ହୋଇଥିଲା। ଅପରାହ୍ନ ୧ଟା ପାଖାପାଖି ଅସରାଏ ବର୍ଷା ହୋଇଥିଲା। ଦିନତମାମ୍ ଆକାଶ ମେଘୁଆ ରହିଥିଲା। ମହାପ୍ରଭୁ ଖରାରେ ଆସିଲେ ଓ ବର୍ଷାରେ ଗଲେ ବୋଲି ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଆଲୋଚନା ହେଉଥିଲା।

## ଆଜିଠୁ ପୁରୀ ପ୍ରବେଶ ଉପରେ କଟକଣା

### ୩୧ ପର୍ଯ୍ୟନ୍ତ ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ମନା

**ପୁରୀ ଅଫିସ,୪।୭**

ପୁରୀ ଜିଲାରେ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଜୁଲାଇ ମାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପ୍ରତି ସମସ୍ତଙ୍କୁ ସଚେତନ ଓ ସତର୍କ ରହିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ପୁରୀ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ରବିବାରଠାରୁ ଜିଲାର ତିନୋଟି ମୁଖ୍ୟ ପ୍ରବେଶ ପଥ ପୁରୀ-ଭୁବନେଶ୍ୱର, ପୁରୀ-ଅସ୍ତରଙ୍ଗ ଓ ଜଗନ୍ନାଥ ସଡ଼କରେ ଯାଞ୍ଚ କଡ଼ାକଡ଼ି ହେବ। ଅନ୍ୟ ଜିଲା ବା ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କୁ ଯାଞ୍ଚ କରାଯିବ। ପ୍ରବେଶ କରୁଥିବା ଲୋକଙ୍କୁ କ'ଣ ପାଇଁ ଆସୁଛନ୍ତି, ତାହା କେତେ ଜରୁରୀ ଆଦି ସବୁର ତଥ୍ୟ ଦେବାକୁ ପଡ଼ିବ। ଅତ୍ୟାବଶ୍ୟକ ନ ଥିବା ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ଜିଲାପାଳ ବଲଓନ୍ତ ସିଂ କହିଛନ୍ତି। ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ନିହାତି କାମ ନ ଥିଲେ କେହି ପୁରୀକୁ ଆସନ୍ତୁ ନାହିଁ। ବିଶେଷକରି ପର୍ଯ୍ୟଟକମାନେ ବର୍ତ୍ତମାନ ସେମାନଙ୍କ ଗସ୍ତ ବାତିଲ କରନ୍ତୁ। ସରକାର ଜୁଲାଇ ମାସ ପାଇଁ ଯେଉଁ ଗାଇଡ୍‌ଲାଇନ ପାଳନ କରିଛନ୍ତି ତାହାକୁ ସମସ୍ତେ ମାନିବାକୁ ହେବ। ପୁରୀରେ ରବିବାରଠାରୁ ମାସ୍କ ଏବଂ ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି କରାଯିବ। ଏଥିପାଇଁ ସ୍କ୍ୱାଡ୍ ଗଠନ କରାଯାଇ ସଚେତନ କରାଯାଉଛି। ଯଦି କେହି ନିୟମ ଭାଙ୍ଗନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ ହେବ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ଉପରେ ମଧ କଟକଣା ଲଗାଯାଇଛି।

## କନ୍ଧମାଳରେ ଏସ୍‌ଟିଏଫ୍ ଚଢ଼ାଉ

### ୧୧୬ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୪।୭ (ବ୍ୟୁରୋ)**

ଆନ୍ତରାଜ୍ୟ ଗଞ୍ଜେଇ ଚୋରା ଚାଲାଣରେ ରୋକ ଲଗାଇବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ କନ୍ଧମାଳ ଜିଲାରେ ସ୍ୱତନ୍ତ୍ର ଅପରେଶନ ଆରମ୍ଭ ହୋଇଛି। ଶନିବିବାର ଏସ୍‌ଟିଏଫ୍ ଟିମ ବାଲିଗୁଡା ଥାନା ଡୁନେରି ଗ୍ରାମରେ ଚଢାଉ କରି ୧୧୬ କେଜି ଗଞ୍ଜେଇ ଜବତ କରିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ହେମନ୍ତ ଦିଗଲ ଓ ଭାସ୍କର ମଲ୍ଲିକ। ସୂଚନା ମୁତାବକ, କନ୍ଧମାଳ ଜିଲାରେ ଅପହଞ୍ଚ ଘଞ୍ଚ ଜଙ୍ଗଲ ଇଲାକାରେ ବ୍ୟାପକ ମାତ୍ରାରେ ଗଞ୍ଜେଇ ଚାଷ କରାଯାଇ ରାଜ୍ୟ ତଥା ବାହାରକୁ ଚୋରାରେ ଚାଲାଣ କରାଯାଉଛି। ଚାଲାଣବେଳେ ଜବତ ହେଉଥିବା ଅଧିକାଂଶ ଗଞ୍ଜେଇ କନ୍ଧମାଳରୁ ଆସୁଥିବା ଜଣାପଡିବା ପରେ ଏସ୍‌ଟିଏଫ୍ ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବାକୁ ଯୋଜନା ଚଳାଇଛି। ବ୍ରାଉନ୍‌ସୁଗାର ପରେ ଏବେ ରାଜ୍ୟରେ ସକ୍ରିୟ ଥିବା ଗଞ୍ଜେଇ ର୍ୟାକେଟକୁ ଠାବ ପାଇଁ ଏସଟିଏଫ୍ ବିଭିନ୍ନ ସ୍ଥାନରେ ଚଢାଉକୁ ବ୍ୟପକ କରିଛି। ଶନିବାର ଏସ୍‌ଟିଏଫ୍ ଟିମ କନ୍ଧମାଳ ଜିଲାରେ ଚଢ଼ାଉବେଳେ ଗିରଫ ୨ ଅଭିଯୁକ୍ତଙ୍କ ଘରୁ ବିପୁଳ ଗଞ୍ଜେଇ ଜବତ କରିଥିଲେ ମଧ ଅନ୍ୟ ଆଡ୍ଡାସ୍ଥଳ ଓ ଚାଷ ସ୍ଥାନରେ ପହଞ୍ଚିବାକୁ ଚେଷ୍ଟା ଚଳାଇଛି। ଏନେଇ ବାଲିଗୁଡା ଥାନାରେ ୧୨୭/୨୦ରେ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ଜେରା ଚାଲିଛି। ପରେ କୋର୍ଟ ଚାଲାଣ କରାଯିବ ବୋଲି କୁହାଯାଇଛି।

## କାଇଁଚ ହସ୍ତଶିଳ୍ପ କାରିଗରଙ୍କୁ ସହାୟତା

**ଭୁବନେଶ୍ୱର,୪।୭(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଜେଡି ସେଣ୍ଟର ଅଫ ଆର୍ଟ ଏବଂ ଗୁଞ୍ଜ୍ ପକ୍ଷରୁ ଓଡ଼ିଶା ରୁରାଲ ଆଣ୍ଡ୍ ଅର୍ବାନ୍ ପ୍ରଡ୍ୟୁସର୍ସ ଆସୋସିଏଶନ୍ (ଅରୂପା) ସହଯୋଗରେ ଯାଜପୁର ଜିଲାର କାଇଁଚ ହସ୍ତଶିଳ୍ପ କାରିଗରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜିଲାର ୬ଟି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ କାରିଗର ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ବେତମାଳି ଗ୍ରାମର ୯ ପରିବାର, ଇଚ୍ଛାପୁରର ୧୨ ପରିବାର ସହ ଦକ୍ଷିଣପୋଶୀ ଗ୍ରାମର ୧୭, ଖଜୁରୀବାଟିର ୧୦, କମାଗଡ ଓ ଅଣ୍ଡିଆର ଗୋଟିଏ ଲେଖାଏ ପରିବାରଙ୍କୁ ବିଭିନ୍ନ ପ୍ରକାର ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଅରୂପା ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ସାହୁ ଏ ନେଇ ସୂଚନା ଦେଇଛନ୍ତି।

## ବାହାର ରାଜ୍ୟ, ହଟ୍‌ସ୍ପଟ୍ ଜିଲାର ଶ୍ରମିକଙ୍କୁ ଖୋର୍ଦ୍ଧା ମନା

**ଖୋର୍ଦ୍ଧା ଅଫିସ,୪।୭**

- ୩୧ ଯାଏ ରହିବ କଟକଣା
- ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି। ସଂକ୍ରମଣକୁ ଏଡ଼ାଇବା ଲାଗି ଜିଲାରେ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ରାଜ୍ୟ ବାହାର ଏବଂ ରାଜ୍ୟ ଭିତର ଓ ହଟସ୍ପଟ ଜିଲାର ଶ୍ରମିକଙ୍କୁ ନ ଆଣିବା ଲାଗି ବାରଣ କରାଯାଇଛି। ଯଦି କୌଣସି ସଂସ୍ଥା ପୂର୍ବରୁ ବାହାର ରାଜ୍ୟ ତଥା ହଟ୍‌ସ୍ପଟ୍ ଜିଲାରୁ ଶ୍ରମିକ ଆଣିଥାନ୍ତି, ସେମାନଙ୍କୁ ବାଧ୍ୟତାମୂଳକ ସଙ୍ଗରୋଧରେ ରଖିବା ବ୍ୟବସ୍ଥା କରିବେ। ଯେଉଁ ଶିଳ୍ପ ସଂସ୍ଥା ତଥା ବ୍ୟବସାୟିକ ପ୍ରତିଷ୍ଠାନ ବାହାର ରାଜ୍ୟ ତଥା ହଟସ୍ପଟ ଜିଲାରୁ ଶ୍ରମିକ ଆଣିବାକୁ ଚାହୁଁଛନ୍ତି, ସେମାନଙ୍କୁ ୧୪ଦିନ ହୋମ କ୍ୱାରାଣ୍ଟାଇନ୍‌ରେ ରଖିବେ। ନିଜସ୍ୱ ଖର୍ଚ୍ଚରେ ସ୍ୱାବ୍ ପରୀକ୍ଷା କରାଇବେ। ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ କାର୍ଯ୍ୟରେ ଲଗାଇପାରିବେ ବୋଲି ଶନିବାର ଜିଲାପାଳ ଶୀତାଂଶୁ କୁମାର ରାଉତ ଏକ ନୋଟିସ ଜାରି କରିଛନ୍ତି। ଗୋଷ୍ଠୀ ସଂକ୍ରମଣ, ଜନସ୍ୱାର୍ଥ ଏବଂ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି କଟକଣା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ କୌଣସି ବ୍ୟବସାୟ ପ୍ରତିଷ୍ଠାନ, ଠିକାଦାର ଅଣଦେଖା କରନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ରାଉତ କହିଛନ୍ତି।

## ବିଏମ୍‌ସି ଅଫିସ୍‌ରେ ପଶିଲା କରୋନା

**ଭୁବନେଶ୍ୱର, ୪।୭ (ବ୍ୟୁରୋ)**

- ୩ କର୍ମଚାରୀ ସଂକ୍ରମିତ, ଇଞ୍ଜିନିୟରିଂ ବିଭାଗ ସିଲ୍
- ଅନ୍ୟ ଜିଲା ଯାଇଥିଲେ, ବୈଠକରେ ବସିଥିଲେ

ବିଏମ୍‌ସିରେ ପଶିଲା କରୋନା ଭୂତାଣୁ। କରୋନା ଲଢ଼େଇରେ ସାମିଲ୍ ବିଏମ୍‌ସି ଇଞ୍ଜିନିୟରିଂ ବିଭାଗର ୩ କର୍ମଚାରୀଙ୍କ ନମୁନା ପଜିଟିଭ୍ ଆସିବା ପରେ ଏବେ କାର୍ଯ୍ୟାଳୟରେ ଭାଳେଣି ପଡିଛି। ସଂକ୍ରମିତ କର୍ମଚାରୀଙ୍କ ମଧ୍ୟରୁ ଜଣେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଆଉଜଣେ ଡ୍ରାଇଭର ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏହି ୩ଜଣ ନିକଟରେ ଅନ୍ୟ ଜିଲାକୁ ଗସ୍ତ କରିଥିଲେ। ଫେରିବା ପରେ ବିଏମ୍‌ସି କମିଶନରଙ୍କ ସହ ଇଞ୍ଜିନିୟରିଂ ବିଭାଗରେ ହୋଇଥିବା ବୈଠକରେ ଯୋଗଦେଇଥିଲେ। ପରେ ସେମାନଙ୍କ ମଧ୍ୟରେ ଲକ୍ଷଣ ଦେଖାଯିବାରୁ ନମୁନା ପରୀକ୍ଷଣ କରାଯାଇଥିଲା। ଶନିବାର ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ପରେ ବିଏମ୍‌ସି ପକ୍ଷରୁ ଇଞ୍ଜିନିୟରିଂ ବିଭାଗକୁ ବିଶୋଧନ ସହ ସିଲ୍ କରାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କର୍ମଚାରୀ ଓ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ଉକ୍ତ ବିଭାଗର ସମସ୍ତ କର୍ମଚାରୀ ଓ ଅନ୍ୟ କିଛି ବିଭାଗର କେତେଜଣ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ବିଏମ୍‌ସି କମିଶନର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି।

## ହାତରୁ ଖସିଲା ଭୁବନେଶ୍ୱର, ପୁଣି ୪୫ ଚିହ୍ନଟ

**ଭୁବନେଶ୍ୱର, ୪।୭ (ବ୍ୟୁରୋ)**

### ଆକ୍ରାନ୍ତ ୫୧୫, ମୃତ ୬

- ନିର୍ଦ୍ଦେଶନାମାରେ ବ୍ୟସ୍ତ ବିଏମ୍‌ସି
- ସୁପର ସ୍ପ୍ରେଡର ସାଜୁଛନ୍ତି ହସ୍ପିଟାଲ, ସ୍ଥାନୀୟ ସଂକ୍ରମିତ
- କଟକଣା ଲଗାଇ ବସିଛନ୍ତି ଅଧିକାରୀ

କରୋନାକୁ ନେଇ ଆରମ୍ଭରୁ ତତ୍ପରତା, ହେଲେ ଠିକ୍ ସମୟରେ ଧରାପଡ଼ିଗଲା ବିଫଳତା। ନିର୍ଦ୍ଦେଶନାମା ପରେ ନିର୍ଦ୍ଦେଶନାମା ଜାରି କରୁଥିବା ବିଏମ୍‌ସି ହାତରୁ ଖସି ଯାଇଛି ଭୁବନେଶ୍ୱର। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଗୋଟିଏ ପରେ ଆଉ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି। ହସ୍ପିଟାଲ ସଂକ୍ରମିତ ଓ ବସ୍ତିରୁ ଚିହ୍ନଟ ସ୍ଥାନୀୟ ଆକ୍ରାନ୍ତ ସୁପରସ୍ପ୍ରେଡର ସାଜିଛନ୍ତି। ଶେଷ ୨୪ ଘଣ୍ଟାରେ ସହରରୁ ଆଉ ୪୫ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୩୭ ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୮ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏପଟେ ହସ୍ପିଟାଲ ଓ ବସ୍ତି ପାଇଁ ଗୋଷ୍ଠୀ ସଂକ୍ରମଣ ସ୍ଥିତି ଉପୁଜିଥିବାରୁ ଏହାକୁ ରୋକିବାକୁ ଯୋଜନା ପ୍ରସ୍ତୁତ ହେଉଛି ବୋଲି ୩ଦିନ ହେବ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଚାଲିଛନ୍ତି। କିନ୍ତୁ ବାସ୍ତବରେ ସେପରି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସହରରେ ସଂକ୍ରମଣ ବଡ଼ ସଂକଟ ଆଡକୁ ଗତି କରୁଛି। ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୧୫ରେ ପହଞ୍ଚିଥିବାବେଳେ ୬ଜଣଙ୍କ କରୋନାରେ ମୃତ୍ୟୁ ଘଟିଲାଣି।

ବିଏମ୍‌ସିର ତଥ୍ୟ ଅନୁସାରେ, ମଞ୍ଚେଶ୍ୱରସ୍ଥିତ ପ୍ରତିଦିନ ଖବରକାଗଜ କାର୍ଯ୍ୟାଳୟ ନିକଟ ଏବେ ହଟ୍‌ସ୍ପଟ୍ ପାଲଟିଛି। ଘରୋଇ ହସ୍ପିଟାଲ ବ୍ଲୁ ହୁଇଲରୁ ପାଖାପାଖି ୫୦ ସଂକ୍ରମିତ ହୋଇସାରିଥିବାବେଳେ ପୁଣି ନୂଆ ୯ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ୪ଜଣ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ହସ୍ପିଟାଲ ଓ ୩ଜଣ ଘରୋଇ ହସ୍ପିଟାଲରୁ ଚିହ୍ନଟ ହୋଇଛନ୍ତି। ଏବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସାମନ୍ତରାପୁର ନୂଆଗାଁରୁ ୬ଜଣ, ମୈତ୍ରିବିହାର, ଆଇଗିଣିଆ, ସତ୍ୟନଗର, ଶହୀଦନଗର, ଭରତପୁର, ହଂସପାଳ, ଚକେଇଶିହାଣି, ଲକ୍ଷ୍ମୀସାଗର, ୟୁନିଟ୍-୪, ଅଶୋକନଗର, ବରମୁଣ୍ଡା, ପୁରୁଣା ଭୁବନେଶ୍ୱରରୁ ଜଣେ ଲେଖାଏ ପଜିଟିଭ୍ ରହିଛନ୍ତି। ଅନ୍ୟପକ୍ଷରେ ବରମୁଣ୍ଡା କେଦାରଗୌରୀ, ସାଲିଆସାହି, ଖଣ୍ଡଗିରି, ଡୁମୁଡୁମା, ୟୁନିଟ୍-୪ ଏମ୍‌ଏଲ୍‌ଏ କଲୋନୀ, ଚନ୍ଦ୍ରଶେଖରପୁର ଓ ପୁରୁଣା ଭୁବନେଶ୍ୱରରୁ ଜଣେ ଲେଖାଏ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସ୍ଥାନୀୟ ସଂକ୍ରମିତ ପୁରୁଣା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ସଂସ୍ପର୍ଶରେ ଆସି ଆହୁରି ବହୁ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି ଓ ସେଥିପାଇଁ କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରରେ ଆଉ ୩୧ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ଏହି ସଂଖ୍ୟା ୨୪୭ରେ ପହଞ୍ଚିଛି।

## ସଂକ୍ଷେପରେ

### ଚାଇନା ପାୱାର ଗିୟର ଆମଦାନୀ ହେବନି

**ନୂଆଦିଲ୍ଲୀ,୪।୭:** ଭାରତ ଚାଇନାରୁ ଏଣିକି ପାୱାର ଗିୟର ଆମଦାନୀ କରିବ ନାହିଁ। କେନ୍ଦ୍ର ସରକାର ଏ ନେଇ କଟକଣା ଲଗାଇଛନ୍ତି। ସୀମାରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଚାଇନା ଆମଦାନୀ ଉପରେ ଭାରତ ବର୍ତ୍ତମାନ ବିଭିନ୍ନ କଟକଣା ଲଗାଉଛି। ପାୱାର ସପ୍ଲାଇ ସିଷ୍ଟମ ଆଣ୍ଡ ନେଟ୍‌ୱର୍କ ଆମଦାନୀ ଉପରେ କଟକଣା ଲଗାଇବା ଲାଗି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଶନିବାର ଘୋଷଣା କରିଛି। ନିରାପତ୍ତା ଏବଂ ସାଇବର ଅପରାଧକୁ ଧ୍ୟାନରେ ରଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଚାଇନା କିମ୍ବା ପାକିସ୍ତାନରୁ ଏଭଳି ସାମଗ୍ରୀ ଆମଦାନୀ କରିବା ଲାଗି ସରକାରଙ୍କଠାରୁ ନିଶ୍ଚିତ ପକ୍ଷେ ଅନୁମତି ନେବାକୁ ପଡିବ ବୋଲି ଜଣାପଡିଛି।

### ଭାରତ ବଜାରରୁ କଗ୍‌ନିଜାଣ୍ଟର ଛଟେଇ




**ନୂଆଦିଲ୍ଲୀ,୪।୭:** ଭାରତ ବଜାରର ବିଭିନ୍ନ ସ୍ଥାନରେ ରହିଥିବା କାର୍ଯ୍ୟାଳୟରୁ ପ୍ରମୁଖ ଆଇଟି କମ୍ପାନୀ କଗ୍‌ନିଜାଣ୍ଟ ଛଟେଇ କରୁଥିବା ଜଣାପଡିଛି। କେତେ କର୍ମଚାରୀ ଛଟେଇ ହେଉଛନ୍ତି ସେ ସମ୍ପର୍କରେ କିଛି ଜଣାପଡି ନାହିଁ। ମାତ୍ର ବୃହତ୍ ସଂଖ୍ୟକ କର୍ମଚାରୀ ଛଟେଇ ହେବେ ବୋଲି ଆଇଟି କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଚେନ୍ନାଇ, ବାଙ୍ଗାଲୋର, ହାଇଦ୍ରାବାଦ, ପୁଣେ, କୋଚି, କୋଲକାତା ଭଳି ସ୍ଥାନରେ କାର୍ଯ୍ୟରତ ଏହି କମ୍ପାନୀର କର୍ମଚାରୀ ଛଟେଇ ଦ୍ୱାରା ପ୍ରଭାବିତ ହେବେ ବୋଲି ସର୍ବଭାରତୀୟ ଆଇଟି କର୍ମଚାରୀ ଫୋରମ (ଏଆଇଏଫ୍‌ଆଇଟିଇ)ର ମହାସଚିବ ବିନୋଦ ଏଜେ ସୂଚନା ଦେଇଛନ୍ତି।

# ୧.୭ ଲକ୍ଷ କୋଟିର ଋଣ ଉଠାଇଲେ ରାଜ୍ୟ

ନୂଆଦିଲ୍ଲୀ,୪।୭

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ସବୁ ରାଜ୍ୟ ବଜାରରୁ ୧.୭ ଲକ୍ଷ କୋଟିର ଋଣ ଉଠାଇଥିବା ଜଣାପଡିଛି। ଲକ୍‌ଡାଉନ ଅବଧି ବଢ଼ିବା, ରାଜ୍ୟଗୁଡିକର ରାଜସ୍ୱ ସଂଗ୍ରହ ହ୍ରାସ ଏବଂ କୋଭିଡ୍ ପାଇଁ ଖର୍ଚ୍ଚ ବଢ଼ିଥିବାରୁ ବଜାରରୁ ଅଧିକ ଅର୍ଥ ଉଠାଇବାକୁ ପଡୁଛି ବୋଲି ଇକ୍ରା ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ ବଜାର ପ୍ରଭାବିତ ଥିବାରୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଟିକସ ସଂଗ୍ରହ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। କୋଭିଡ୍ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ସମାନ ସମୟରେ



କରିବାକୁ ପଡୁଛି। ଏହା ଫଳରେ ରାଜ୍ୟଗୁଡିକ ଅଧିକ ଅର୍ଥ ଆବଶ୍ୟକ କରୁଛନ୍ତି। ଏପଟେ ଲୋକମାନେ ଅଣ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବା କମାଇଛନ୍ତି। ଏହାର ଚାପ ମଧ୍ୟ ଟିକସ ସଂଗ୍ରହ ଉପରେ ପଡୁଛି।

ଏହି ସମୟରେ ତାମିଲନାଡୁ ୨୮ ହଜାର କୋଟି ଟଙ୍କା ବଜାରରୁ ଉଠାଇଛି। ସେହିଭଳି ମହାରାଷ୍ଟ୍ର ୨୫,୫୦୦ କୋଟି, ରାଜସ୍ଥାନ ୧୬ ହଜାର କୋଟି, ଆନ୍ଧ୍ର ପ୍ରଦେଶ ୧୫,୬୦୦ କୋଟି, ତେଲଙ୍ଗାନା ୧୨,୫୦୦ କୋଟି, କେରଳ ୧୨,୪୦୦ କୋଟି, ପଶ୍ଚିମବଙ୍ଗ ୧୦ ହଜାର କୋଟି, ହରିୟାଣା ୯ ହଜାର କୋଟି, ଗୁଜରାଟ ୮,୬୦୦ କୋଟି ଏବଂ କର୍ଣ୍ଣାଟକ ୭ ହଜାର କୋଟି ଟଙ୍କାର ଋଣ ଉଠାଇଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ରାଜ୍ୟଗୁଡିକର ଋଣ ୫୩.୩% ବୃଦ୍ଧି ଘଟି ୩.୫ ଲକ୍ଷ କୋଟି ଟଙ୍କା ଛୁଇଁପାରେ ବୋଲି ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତି। ଏହା ଗତ ବର୍ଷ ସମାନ ସମୟରେ ୨.୩ ଲକ୍ଷ କୋଟି ଟଙ୍କା ରହିଥିଲା।

## ହୋଣ୍ଡାର ୨୦୨୦ ଆଫ୍ରିକା ଟ୍ୱିନ୍ ଡେଲିଭରି




**ଗୁରୁଗ୍ରାମ, ୪।୭:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଭାରତରେ ୨୦୨୦ ଆଫ୍ରିକା ଟ୍ୱିନ୍ ଆଡଭେଞ୍ଚର ସ୍ପୋର୍ଟସ ବାଇକର ଡେଲିଭରି ଆରମ୍ଭ କରିଛି। ହରିୟାଣାର ଗୁରୁଗ୍ରାମରେ ଥିବା ହୋଣ୍ଡା ବିଗ୍‌ୱିଙ୍ଗ ଡିଲରସିପ୍‌ରେ ଏହାର ପ୍ରଥମ ଗ୍ରାହକଙ୍କୁ ନୂଆ ୨୦୨୦ ଆଫ୍ରିକା ଟ୍ୱିନ୍ ଆଡଭେଞ୍ଚର ସ୍ପୋର୍ଟସର ହସ୍ତାନ୍ତର କରାଯାଇଛି। ୨୦୧୭ରେ ଏହି ବାଇକକୁ ଉନ୍ମୋଚନ କରାଯାଇଥିଲା। ଯାହା ହେଉଛି ହୋଣ୍ଡାର ବିଶ୍ୱସ୍ତରୀୟ ମଡେଲ ମଧ୍ୟରୁ ଗୋଟିଏ। ଏହା ହେଉଛି କମ୍ପାନୀର ପ୍ରଥମ୧୦୦୦ସିସି ମେକ୍ ଇନ୍ ଇଣ୍ଡିଆ ବାଇକ। ଏହି ବାଇକକୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ୨୦୨୦ ଡାକାର ରାଲି ବିଶ୍ୱ ଚାମ୍ପିଆନ ରିକି ବ୍ରାବେକ ଉନ୍ମୋଚନ କରିଥିଲେ।

## ୟୋନୋ ଶାଖାର ଶୁଭାରମ୍ଭ

**ଭୁବନେଶ୍ୱର,୪।୭:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଏହାର ୬୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ତା'ର ୟୋନୋ ଶାଖାର ଶୁଭାରମ୍ଭ କରିଛି। ନଭି ମୁମ୍ବାଇ,ଇନ୍ଦୋର ଓ ଗୁରୁଗ୍ରାମ ଭଳି ୩ଟି ପ୍ରମୁଖ ସହରରେ ଏଭଳି ଶାଖା ଖୋଲାଯାଇଛି। ଗ୍ରାହକମାନଙ୍କ ଭିତରେ ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ଗ୍ରହଣୀୟତାକୁ ବଢାଇବା ଦିଗରେ ଏହି ଶାଖା ଗୁଡିକ କାର୍ଯ୍ୟ କରିବ। ଗ୍ରାହକଙ୍କ ପାଇଁ ସେଲଫ ସର୍ଭିସ ଜୋନ ସୃଷ୍ଟି କରାଯାଇଛି। ଯେଉଁଠାରେ ଗ୍ରାହକମାନେ ସ୍ମାର୍ଟ ଚେକ ଡିପୋଜିଟ କିଓସ୍କରେ ନିଜ ଚେକ୍ ଜମା କରିପାରିବେ। ତା ସହ ଟଙ୍କା ଉଠାଇବା ଓ ଜମା କରିବା ଏବଂ ୨୪ଘଣ୍ଟିଆ ପାସବୁକ ପ୍ରିଣ୍ଟି ସେବା ପାଇପାରିବେ।

## ଆଦିତ୍ୟ ହ୍ୟୁଣ୍ଡାଇରେ ମନ୍‌ସୁନ କ୍ୟାମ୍ପ

**ଭୁବନେଶ୍ୱର,୪।୭:** ହ୍ୟୁଣ୍ଡାଇ ପକ୍ଷରୁ ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମ୍‌ରେ ମନ୍‌ସୁନ ଏସି ଚେକ୍‌ଅପ୍ କ୍ୟାମ୍ପ ଆୟୋଜନ କରାଯାଉଛି। ୨୫ ଜୁନ୍‌ରୁ ଜୁଲାଇ ୫ ଯାଏ ଏହି କ୍ୟାମ୍ପରେ ଗ୍ରାହକ ନିଜ ଯାନକୁ ପରୀକ୍ଷା କରାଇପାରିବେ। ୫୦ ପଏଣ୍ଟ ଫ୍ରି ଚେକ୍ ଅପ୍, ୧୦% ରିହାତି ଏସି ଗ୍ୟାସ୍ ରିଫିଲିଂ, ଏସି ରିପେୟାରରେ ଲେବଲ ଚାର୍ଜ ଉପରେ ରିହାତି, ୧୫% ରିହାତି ଅଣ୍ଡରବଡି କୋଟିଂ ସୁବିଧା ରହିଛି। ଏହି କ୍ୟାମ୍ପରେ ୯୯୯ ମଧ୍ୟରେ ସମ୍ପୂର୍ଣ୍ଣ ଇଣ୍ଟେରିୟର ସ୍ପ୍ରକ ସାନିଟାଇଜେଶନ, ୧୨୯୯ ମଧ୍ୟରେ ସମ୍ପୂର୍ଣ୍ଣ ସର୍‌ଫେସ୍ ସାନିଟାଇଜେଶନ କରାଇହେବ। କ୍ୟାମ୍ପରେ ରିହାତି ସୁବିଧା ଗ୍ରହଣ କରିବାକୁ ଶୋ'ରୁମ୍ ପକ୍ଷରୁ ଗ୍ରାହକଙ୍କୁ ନିବେଦନ କରାଯାଇଛି।

## ଏଡୁଟେକ୍ ବ୍ୟବସାୟକୁ ତ୍ୱରାନ୍ୱିତ କରିବ ଆକାଶ

**ନୂଆଦିଲ୍ଲୀ, ୪।୭:** ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ନୂଆ ସହାୟକ ସଂସ୍ଥା ଆକାଶ ଏଡୁଟେକ୍ ପ୍ରାଇଭେଟ ଲିମିଟେଡ୍ (ଏଇପିଏଲ୍) ସ୍ଥାପନ କରାଯାଇଛି। ଏହା ସହାୟତାରେ ଏଇଏସ୍‌ଏଲ୍ ଡିଜିଟାଲ ଏଡୁଟେକ ବ୍ୟବସାୟକୁ ତ୍ୱରାନ୍ୱିତ କରିବାକୁ ଯୋଜନା ରଖିଛି। ଏହା ଆକାଶର ସମ୍ପୂର୍ଣ୍ଣ ନିଜସ୍ୱ ସହାୟକ ସଂସ୍ଥା। ଏଥିରେ ଆକାଶ ଡିଜିଟାଲ ଏବଂ ମେରିଟ ନେଶନର ବ୍ୟବସାୟ ସାମିଲ ରହିଛି। ଏଇପିଏଲ୍ ଏକ ଆଧୁନିକ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ହୋଇଥିବା ବେଳେ ଏହା ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପ୍ରସ୍ତୁତି ନିମନ୍ତେ ସହାୟତା ପ୍ରଦାନ କରିବ। ଲାଇଭ ଟ୍ୟୁଶନ ଏବଂ ନିଜସ୍ୱ ଅଧ୍ୟୟନ ପାଇଁ ସହାୟକ ସାମଗ୍ରୀ ଦ୍ୱାରା ପିଲାମାନେ ନିଜସ୍ୱ ଅଧ୍ୟୟନରେ ଉନ୍ନତି ଆଣିପାରିବେ। ଏଭଳି ପଦକ୍ଷେପ ଦ୍ୱାରା ଡିଜିଟାଲ ବ୍ୟବସାୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିବା ସହାୟକ ହେବ ବୋଲି ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ୍‌ର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

## ଆତ୍ମନିର୍ଭର ଆପ୍ ଲାଗି ମୋଦିଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୪।୭:** ଭାରତ ସରକାର ନିକଟରେ ୫୯ ଚାଇନା ଆପ୍‌କୁ ନିଷେଧ କରିଛନ୍ତି। ଆତ୍ମନିର୍ଭର ଭାରତ ଆପ୍ ଇନୋଭେସନ ଚ୍ୟାଲେଞ୍ଜରେ ଭାଗନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଷ୍ଟାର୍ଟଅପ୍ ଏବଂ ଟେକ୍ନୋଲୋଜି କମ୍ୟୁନିଟିଙ୍କୁ ଆହ୍ୱାନ ଜଣାଇଛନ୍ତି। ଭାରତରେ ବିଶ୍ୱସ୍ତରୀୟ ଆପ୍ଲିକେଶନ ପ୍ରସ୍ତୁତ କରିବା, ଆପ୍ଲିକେଶନ ଡେଭଲପର ଏବଂ ନବ ପ୍ରବର୍ତ୍ତକଙ୍କୁ ଉତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀ ଏ ଦିଗରେ ନୂଆ ପଦକ୍ଷେପ ଘୋଷଣା କରିଥିବା ଜଣାପଡ଼ିଛି।

## ଏସ୍ପିରିଟ ଟୟୋଟାର ଗ୍ରାହକ ସୁରକ୍ଷା



**ଭୁବନେଶ୍ୱର,୪।୭:** ଏସ୍ପିରିଟ ଟୟୋଟା ଶୋ'ରୁମ୍ ପକ୍ଷରୁ ଗ୍ରାହକ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି। ଡିଲରଶିପରେ ସାମାଜିକ ଦୂରତ୍ୱ ନିୟମ ପାଳନ କରାଯିବା ସହ ସ୍ୱଚ୍ଛତା ଏବଂ ନିରାପତ୍ତାକୁ ଧ୍ୟାନରେ ରଖାଯାଇଛି। ସରକାରଙ୍କ ସାମାଜିକ ଦୂରତ୍ୱ ନିୟମକୁ ପାଳନ କରାଯିବା ସହ ଶୋ'ରୁମ୍‌କୁ ସାନିଟାଇଜ କରାଯାଉଛି। ନିୟମିତ ଥର୍ମାଲ ଚେକିଂ, ମାସ୍କ ବ୍ୟବହାର, ସାନିଟାଇଜର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ସେଲ୍‌ସ ଏବଂ ଆଫ୍‌ଟର ସେଲ୍‌ସ ସେବା ସମୟରେ ବିଭିନ୍ନ ସୁରକ୍ଷା ପଦକ୍ଷେପ ପାଳନ କରାଯାଉଥିବା ଏସ୍ପିରିଟ ଟୟୋଟା ପକ୍ଷରୁ ସୂଚନା ଦିଆଯାଇଛି।

## ଏଏସ୍‌ବିଏମ୍‌ରେ ଅନ୍‌ଲାଇନ ଗବେଷଣା କର୍ମଶାଳା

**ଭୁବନେଶ୍ୱର, ୪।୭:** ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ ଗବେଷଣା କର୍ମଶାଳା ଶୁଭାରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି କଲ୍ୟାଣ ଶଙ୍କର ରାୟ ଏହି ଅବସରରେ ଦୈନନ୍ଦିନ ଜୀବନରେ ଗବେଷଣାର ମହତ୍ତ୍ୱ ଉପରେ ଅଭିଭାଷଣ ରଖିଥିଲେ। ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ଅଶୋକ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ। ମାନବ ସମାଜର ଉନ୍ନତି ଲାଗି ଗବେଷଣା, ଗବେଷଣା ଏବଂ ଯୁବଶକ୍ତିର ବିକାଶ ଉପରେ ସେ ମତପ୍ରକାଶ କରିଥିଲେ। କୁଳାଧ୍ୟକ୍ଷ ବିଶ୍ୱଜିତ ପଟ୍ଟନାୟକ ଗବେଷଣା ଜ୍ଞାନର ବିକାଶ ଲାଗି ଯୁବ ଗବେଷକମାନଙ୍କର ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଧୈର୍ଯ୍ୟ, ଅଧ୍ୟବସାୟ ନିରବଚ୍ଛିନ୍ନ ସାଧନା ଉପରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୨୩୦ ପ୍ରତିନିଧି ଯୋଗଦେଇଛନ୍ତି।

# ଖେଳ ଖବର

### ଜାପାନ ଲିଗ୍ ଫୁଟବଲ ଆରମ୍ଭ

**ଟୋକିଓ, ୪।୭(ଏପି):** କରୋନା ଭାଇରସ ସଂକ୍ରମଣ ଜନିତ ପ୍ରଭାବ ଯୋଗୁ ଦୀର୍ଘ ୪ ମାସ ବ୍ୟବଧାନ ପରେ ଶନିବାରଠାରୁ ଆରମ୍ଭ ହୋଇଛି ଜାପାନ ପେସାଦାର ଫୁଟବଲ ଲିଗ୍। ଏଥିରେ ୧୮ଟି ଶୀର୍ଷସ୍ଥାନୀୟ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୯ଟି ଗେମ୍ ବିନା ଦର୍ଶକରେ ଅନୁଷ୍ଠିତ ହେବ। ଜାପାନର ଲୋକପ୍ରିୟ ବେସ୍‌ବଲ ଲିଗ୍ ମଧ୍ୟ ଗତ ମାସରେ ଦର୍ଶକଙ୍କ ବିନା ଆରମ୍ଭ ହୋଇଥିଲା। ପ୍ରଥମ ଡିଭିଜନ ଜାପାନ ଲିଗ୍‌ର ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକ ଗତ ଫେବୃୟାରୀରେ ଅନୁଷ୍ଠିତ ହେବାପରେ ବନ୍ଦ ହୋଇ ଯାଇଥିଲା। ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତମାସ ଶେଷଭାଗରେ ଦର୍ଶକଙ୍କୁ ଷ୍ଟାଡିୟମ ଅନୁମତି ସମ୍ପର୍କରେ ବିଚାର କରାଯିବ। ୧୨.୬ କୋଟି ଜନସଂଖ୍ୟା ବିଶିଷ୍ଟ ଜାପାନରେ କରୋନା ସଂକ୍ରମଣରେ ୧୦୦୦ରୁ କମ୍ ଲୋକ ମୃତ୍ୟୁବରଣ କରିଛନ୍ତି।

### ଅଷ୍ଟ୍ରିଆନ ରକ୍ସକୁ ହରାଇଲା ଇଟାଲିଆନ ଷ୍ଟାଇଲ

**ନୂଆଦିଲ୍ଲୀ, ୪।୭(ପି.ଟି.):** ବିଶ୍ୱର ପ୍ରଥମ ଅନ୍‌ଲାଇନ ଶୁଟିଂ ଲିଗ୍ ଶନିବାର ଆରମ୍ଭ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ଦିବସ ମ୍ୟାଚରେ ଇଟାଲିଆନ ଷ୍ଟାଇଲ୍ ୧୦-୮ ପଏଣ୍ଟରେ ଅଷ୍ଟ୍ରିଆନ୍ ରକ୍ସକୁ ପରାସ୍ତ କରିଛି। ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ୨ଟି ଦଳ ପ୍ରଥମ ଏବଂ ୬ଷ୍ଠ ରାଉଣ୍ଡରେ ଟାଇ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଇଟାଲି ଦଳର ମାର୍କୋ ସୁପ୍ପିନି ଚମତ୍କାର ପ୍ରଦର୍ଶନ କରି ଦଳକୁ ଫାଇଦାରେ ରଖିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ୨ ପ୍ରତିଯୋଗୀ ମଧ୍ୟ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। ସେମାନେ ହେଲେ ଲୋରେଞ୍ଜୋ ବାକ୍କି(ଇଟାଲୀ) ଏବଂ ମାର୍ଟିନ ଷ୍ଟ୍ରେମ୍ପଫଲ(ଅଷ୍ଟ୍ରିଆ)। ଫର୍ମାଟ ଅନୁସାରେ ପ୍ରତି ଦଳରେ ୩ ଜଣ ଲେଖାଏ ରାଇଫଲ ଶୁଟର ରହିଛନ୍ତି। 'ରେସ୍ ଟୁ ୧୦ ଫର୍ମାଟ'ରେ ପ୍ରତି ଶୁଟର ଶୁଟ୍ କରିବେ। ଯେଉଁ ଦଳ ପ୍ରଥମେ ୧୦ ପଏଣ୍ଟ ପାଇବ ସେ ବିଜୟୀ ହେବ। ଅଂଶଗ୍ରହଣ କରିଥିବା ୬ଟି ଦଳକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ପ୍ରତି ପୁଲ୍‌ର ଶ୍ରେଷ୍ଠ ୨ଟି ଦଳ ଜୁଲାଇ ୧୮ ଓ ୧୯ରେ ହେବାକୁଥିବା ସେମିଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହେବେ।

## ଆଜିଠାରୁ ଏଫ୍‌-୧ ମୋଟର ରେସିଂ

ସ୍ପେଲବର୍ଗ (ଅଷ୍ଟ୍ରିଆ), ୪।୭

କରୋନା ଭାଇରସ ସଂକ୍ରମଣ ଯୋଗୁ ୨୦୨୦ ଫର୍ମୁଲାୱାନ ମୋଟର ରେସିଂ ସିଜନ ଆରମ୍ଭରେ ବିଳମ୍ବ ହୋଇଛି। ସାଧାରଣତଃ ମାର୍ଚ୍ଚରୁ ଆରମ୍ଭ ହେଉଥିବା ଏଫ-୧ ସିଜନର ଅନେକ ରେସ୍ ଏଥର ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି। ବାତିଲ ରେସ୍ ମଧ୍ୟରେ ରହିଛି ଅଷ୍ଟ୍ରେଲିଆନ, ଡଚ୍, ମୋନାକୋ, ଆଜରବୈଜାନ, ଫ୍ରେଞ୍ଚ, ସିଙ୍ଗାପୁର, ଜାପାନିଜ୍ ଆଦି ଗ୍ରାଁ ପ୍ରି। ତେବେ ମୋଟରରେସିଂ ପ୍ରଶଂସକଙ୍କ ପାଇଁ ଖୁସି ଖବର ହେଲା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇ ରବିବାରଠାରୁ ଅଷ୍ଟ୍ରିଆନ ଗ୍ରାଁ ପ୍ରି ସହ ସିଜନ ଆରମ୍ଭ ହେବାକୁ ଯାଉଛି। ନୂଆ କାର୍ଯ୍ୟସୂଚୀ ଅନୁସାରେ ୟୁରୋପିଆନ ପର୍ଯ୍ୟାୟର ୮ଟି ଗ୍ରାଁ ପ୍ରି ଚଳିତ ସିଜନରେ ଆୟୋଜନ ସ୍ପଷ୍ଟ ହୋଇଯାଇଛି। ଏଗୁଡ଼ିକ ହେଲା ଅଷ୍ଟ୍ରିଆନ ଗ୍ରାଁ ପ୍ରି, ଷ୍ଟେରିଆନ ଗ୍ରାଁ ପ୍ରି, ହଙ୍ଗେରିଆନ ଗ୍ରାଁ ପ୍ରି, ବ୍ରିଟିଶ୍ ଗ୍ରାଁ ପ୍ରି, ୭୦ତମ ଆନିଭର୍ସାରି ଗ୍ରାଁ ପ୍ରି, ସ୍ପାନିଶ୍ ଗ୍ରାଁ ପ୍ରି, ବେଲଜିଆନ ଗ୍ରାଁ ପ୍ରି ଏବଂ




ଇଟାଲିଆନ ଗ୍ରାଁ ପ୍ରି। ସ୍ଥଗିତ ରହିଥିବା ୯ଟି ଗ୍ରାଁ ପ୍ରିର କାର୍ଯ୍ୟସୂଚୀ ପୁନଃ ନିର୍ଦ୍ଧାରିତ କରାଯାଇପାରେ। ମାତ୍ର ଯଦି ତାହା ସମ୍ଭବ ନ ହେଲା ତେବେ ଏହି ୮ଟି ଗ୍ରାଁ ପ୍ରିରେ ପ୍ରଦର୍ଶନ ଭିତ୍ତିରେ ବିଶ୍ୱଚାମ୍ପିୟନ ନିର୍ଦ୍ଧାରିତ ହେବେ। ଘୋଷିତ ୮ଟି ଗ୍ରାଁ ପ୍ରି ମଧ୍ୟରେ ୨ଟି ନୂଆ ରେସ୍‌କୁ ଯୋଡ଼ା ଯାଇଛି। ଗୋଟିଏ ହେଲା ଷ୍ଟେରିଆନ ଗ୍ରାଁ ପ୍ରି ଏବଂ ଅନ୍ୟଟି ହେଲା ୭୦ତମ ଆନିଭର୍ସାରି ଗ୍ରାଁ ପ୍ରି। ଷ୍ଟେରିଆନ ଗ୍ରାଁ ପ୍ରି ଅଷ୍ଟ୍ରିଆର ସ୍ପେଲବର୍ଗସ୍ଥିତ ରେଡ୍‌ବୁଲ୍ ରେସିଂ ଟ୍ରାକ୍‌ରେ ଜୁଲାଇ ୧୨ରେ ଅନୁଷ୍ଠିତ ହେବ। ଏଥିରେ ୭୧ ଲ୍ୟାପ ରହିବ। ଅର୍ଥାତ୍ ଅଷ୍ଟ୍ରିଆରେ କ୍ରମାଗତ ୨ଟି ରେସ୍ ଆୟୋଜିତ ହେବ। ସେହିପରି ଫର୍ମୁଲାୱାନ ବିଶ୍ୱ ଚାମ୍ପିୟନଶିପ୍‌ର ୭୦ ବର୍ଷ ପୂର୍ତ୍ତି ଅବସରରେ ସିଲଭରଷ୍ଟୋନଠାରେ ଅଗଷ୍ଟ ୯ରେ ରେସ୍ ଅନୁଷ୍ଠିତ ହେବ। ଅର୍ଥାତ୍ ସିଲଭରଷ୍ଟୋନ ସର୍କିଟରେ ବ୍ରିଟିଶ୍ ଗ୍ରାଁ ପ୍ରି (ଅଗଷ୍ଟ ୨) ଏବଂ ଆନିଭର୍ସାରୀ ଗ୍ରାଁ ପ୍ରି ଆୟୋଜିତ ହେବ। ଚଳିତ ସିଜନରେ ଆୟୋଜନ ପାଇଁ ସ୍ପଷ୍ଟ ହୋଇଥିବା ଅନ୍ୟ ୪ଟି ଗ୍ରାଁ ପ୍ରି ହେଲା ହଙ୍ଗେରିଆନ (ଜୁଲାଇ ୧୯), ସ୍ପାନିଶ୍(ଅଗଷ୍ଟ ୧୬), ବେଲଜିଆନ (ଅଗଷ୍ଟ ୩୦) ଓ ଇଟାଲିଆନ(ସେପ୍ଟେମ୍ବର ୬) ଗ୍ରାଁ ପ୍ରି।

ଚଳିତ ସିଜନରେ ମୋଟ ୧୦ଟି ଟିମ୍ ଏଫ-୧ ଚାମ୍ପିୟନଶିପ୍‌ରେ ଭାଗ ନେଇଛନ୍ତି। ପୂର୍ବଥର ଭଳି ପ୍ରତି ଟିମ୍‌ର ୨ ଜଣ ଲେଖାଏ ଡ୍ରାଇଭର ରେସ୍‌ରେ ଅବତୀର୍ଣ୍ଣ ହେବେ। ୧-ଆଲ୍‌ଫା ରୋମିଓ (କିମି ରାଇକୋନେନ, ଆଣ୍ଟୋନିଓ ଜିଓଭିନାଜି)। ୨-ଫେରାରୀ (ସେବାଷ୍ଟିଆନ ଭେଟେଲ, ଚାର୍ଲ୍ସ ଲେକ୍‌ରେକ୍)। ୩-ହାସ୍(ରୋମାଇନ୍ ଗ୍ରସଜେନ, କେଭିନ ମ୍ୟାଗ୍ନୁସେନ)। ୪-ମ୍ୟାକ୍‌ଲରେନ (କାର୍ଲୋସ ସିଞ୍ଜ୍, ଲାନ୍‌ଡୋ ନୋରିସ)। ୫-ମର୍ସିଡିଜ୍ (ଲୁଇସ ହାମିଲଟନ, ଭାଲ୍‌ଟେରି ବୋଟ୍ଟାସ)। ୬-ରେସିଂ ପଏଣ୍ଟ (ସର୍ଗିଓ ପେରେଜ, ଲାନ୍ସ ଷ୍ଟ୍ରୋଲ)। ୭-ରେଡ୍ ବୁଲ୍ (ମ୍ୟାକ୍ସ ଭର୍ଷ୍ଟାପେନ, ଆଲେକ୍ସ ଆଲବନ)। ୮-ରେନଲ୍ଟ (ଡାନିଏଲ ରିକାର୍ଡୋ, ଏଷ୍ଟାବାନ ଓକନ)। ୯-ଆଲ୍‌ଫା ଟୌରୀ (ଡାନିଏଲ କ୍ୟାଟ୍, ପିଏରେ ଗାସ୍‌ଲେ)। ୧୦-ୱିଲିୟମ୍ସ (ଜର୍ଜ ରସେଲ, ନିକୋଲାସ ଲତିଫି)।

## ଇଂଲଣ୍ଡ ଟେଷ୍ଟ ଦଳ ଘୋଷିତ

**ମାଞ୍ଚେଷ୍ଟର, ୪।୭ (ପି.ଟି.):** ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ପାଇଁ ଶନିବାର ୧୩ ଜଣିଆ ଇଂଲଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ଉଇକେଟକିପର ଜନି ବେୟାରଷ୍ଟୋ ଏବଂ ସ୍ପିନ ବୋଲିଂ ଅଲ୍‌ରାଉଣ୍ଡର ମୋଇନ୍ ଅଲିଙ୍କୁ ସ୍ଥାନ ମିଳିନାହିଁ। ଏହି ପ୍ରଥମ 'ଜୈବ ସୁରକ୍ଷିତ' ଟେଷ୍ଟ ମ୍ୟାଚ ଜୁଲାଇ ୮ରୁ ଖେଳାଯିବ। ନିୟମିତ ଅଧିନାୟକ ଜୋ ରୁଟ୍‌ଙ୍କ ଅନୁପସ୍ଥିତିରେ ବେନ୍ ଷ୍ଟୋକ୍ସ ଇଂଲଣ୍ଡ ଦଳର ନେତୃତ୍ୱ ନେବେ। ରୁଟ୍‌ଙ୍କ ସ୍ତ୍ରୀ ଦ୍ୱିତୀୟ ସନ୍ତାନର ମା ହେବାକୁ ଯାଉଥିବାରୁ ସେ ଛୁଟିରେ ଅଛନ୍ତି। ଦଳରେ ଅଲ୍‌ରାଉଣ୍ଡର ଷ୍ଟୋକ୍ସ ଏବଂ କ୍ରିସ୍ ଓକ୍ସଙ୍କ ବ୍ୟତୀତ ପେସ୍‌ବୋଲର ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ୍, ଜୋଫ୍ରା ଆର୍ଚର ଏବଂ ମାର୍କ ଉଡ୍‌ଙ୍କୁ ନିଆଯାଇଛି। ସ୍ପିନ୍ ବିଭାଗରେ ଇଂଲଣ୍ଡ ଡୋମିନିକ୍ ବିସ୍‌ଙ୍କୁ ନେଇଛି। ଜ୍ୟାକ୍ ଲିଚ୍ ମୁଖ୍ୟ ଦଳରୁ ବାଦ୍ ପଡ଼ିଛନ୍ତି, ହେଲେ ସେ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଟେଷ୍ଟ ଦଳରୁ ବେୟାରଷ୍ଟୋ ଏବଂ ମୋଇନ ବାଦ ପଡ଼ିବା। ଖରାପ ଫର୍ମ ଯୋଗୁ ବେୟାରଷ୍ଟୋ ଇଂଲଣ୍ଡ ଦଳର ନ୍ୟୁଜିଲାଣ୍ଡ ଟୁର୍‌ରୁ ପ୍ରଥମେ ବାଦ୍ ପଡ଼ିଥିଲେ। କିନ୍ତୁ ଜୋ ଡେନ୍‌ଲିଙ୍କ ଇଞ୍ଜୁରୀ ଯୋଗୁ ସେ ଦଳରେ ସ୍ଥାନ ପାଇବାରେ ସମର୍ଥ ହୋଇଥିଲେ। ପରେ ସେ ଦକ୍ଷିଣ ଆଫ୍ରିକା ଟୁର୍ ପାଇଁ ଦଳରେ ସ୍ଥାନ ପାଇଥିଲେ। ମାତ୍ର ସେ ଖେଳିଥିବା ଗୋଟିଏ ଟେଷ୍ଟ ମ୍ୟାଚର ଦୁଇଟି ଇନିଂସରେ ମାତ୍ର ୧୦ ରନ ସ୍କୋର କରିପାରିଥିଲେ। ୨୦୧୯ରେ ସେ ୧୮.୫୫ ଆଭରେଜରେ ମୋଟ ୩୩୪ ରନ ସଂଗ୍ରହ କରିଥିଲେ। ଅନ୍ୟପଟେ ଆଶେସ ସିରିଜ ମଝିରୁ ବାଦ୍ ପଡ଼ିବା ପରେ ମୋଇନ ରେଡ୍ ବଲ୍ କ୍ରିକେଟରୁ ସାମୟିକ ଦୂରେଇ ରହିଥିଲେ।

**ଇଂଲଣ୍ଡ ଦଳ:** ବେନ୍‌ଷ୍ଟୋକ୍ସ (ଅଧିନାୟକ), ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର, ଡୋମିନିକ୍‌ବିସ୍, ଷ୍ଟୁଆର୍ଟବ୍ରଡ୍, ରୋରିବର୍ନ୍‌ସ, ଜୋସ୍ ବଟଲର (ଉଇକେଟକିପର), ଜାକ୍ କ୍ରଲି, ଜୋ ଡେନ୍‌ଲି, ଓଲି ପୋପ୍, ଡମ୍ ସିବ୍‌ଲି, କ୍ରିସ୍ ଓକ୍ସ ଓ ମାର୍କ ଉଡ୍।

**ରିଜର୍ଭଖେଳାଳି:** ଜେମ୍ସବ୍ରାସି, ସାମ୍‌କୁରାନ୍, ବେନ୍ ଫୋକ୍ସ, ଡାନ୍ ଲରେନ୍ସ, ଜ୍ୟାକ୍ ଲିଚ୍, ସାକିବ୍ ମେହେମୁଦ, କ୍ରେଗ୍ ଓଭରଟନ୍, ଓଲି ରବିନ୍‌ସନ ଏବଂ ଓଲି ଷ୍ଟୋନ୍।

## ଏଆଇଏଫ୍‌ଏଫ୍‌କୁ ଏଲିଟ୍ ୟୁଥ୍ ସ୍କିମ୍ ପୂର୍ଣ୍ଣ ସଦସ୍ୟତା ଦେଲା ଏଏଫ୍‌ସି

**ନୂଆଦିଲ୍ଲୀ, ୪।୭ (ପି.ଟି.):** ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)କୁ ଏଏଫ୍‌ସି ଏଲିଟ୍ ୟୁଥ୍ ସ୍କିମ୍ ଫୁଲ୍‌ମେମ୍ବରଶିପ୍ ମର୍ଯ୍ୟାଦା ପ୍ରଦାନ କରିଛି। ଏ ନେଇ ଏଆଇଏଫ୍‌ଏଫ୍ ଆବେଦନ କରିଥିଲା। ଏହାକୁ ଗ୍ରହଣ କରାଯାଇଛି ବୋଲି ଏଏଫ୍‌ସି ସାଧାରଣ ସମ୍ପାଦକ ଡାଟୋ ୱିଣ୍ଡସର ଜନ୍ ସୂଚନା ଦେଇଛନ୍ତି। ଏଥି ସହିତ ରିଲାଏନ୍ସ ଫାଉଣ୍ଡେଶନ ୟଙ୍ଗ ଚାମ୍ପ ଏକାଡେମୀ (ଆରଏଫ୍‌ୱାଇସି) ଓ ଜେଏସ୍‌ଡବ୍ଲ୍ୟୁ ବେଙ୍ଗାଲୁରୁ ଏଫ୍‌ସି (ଜେଏସ୍‌ଡବ୍ଲ୍ୟୁ ବିଏଫ୍‌ସି) ଏକାଡେମୀକୁ ମଧ୍ୟ ଟୁ ଷ୍ଟାର ଏକାଡେମୀ ଷ୍ଟାଟସ୍ ପ୍ରଦାନ କରାଯିବ।

ସବୁ ମେମ୍ବର ଆସୋସିଏଶନର ଯୁବ ଫୁଟବଲ ଭିତ୍ତିଭୂମିର ମୂଲ୍ୟାଙ୍କନ ନିର୍ଦ୍ଧାରଣ ନେଇ ଏଏଫ୍‌ସି ଏଲିଟ୍ ୟୁଥ୍ ସ୍କିମ୍ ବେଶ୍ କାମରେ ଆସିବ। ଭାରତରେ ଫୁଟବଲରଙ୍କ କ୍ୱାଲିଟି ଓ ୟୁଥ୍ ଲିଗ୍ ଷ୍ଟ୍ରକ୍‌ଚରର ଉନ୍ନତି ନେଇ ଏଆଇଏଫ୍‌ଏଫ୍ କାର୍ଯ୍ୟକରୁଛି ଓ ଏଥିପାଇଁ ଏଆଇଏଫ୍‌ଏଫ୍ ସବୁ ମାନଦଣ୍ଡ ପୂରା କରୁଛି। ସବୁ ମେମ୍ବର ଆସୋସିଏଶନଗୁଡିକର ଆବେଦନକୁ ଏଏଫ୍‌ସି ୟୁଥ୍ ପ୍ୟାନେଲ ବିଭିନ୍ନ ଦୃଷ୍ଟିକୋଣରୁ ମୂଲ୍ୟାଙ୍କନ କରିଛି। ଏଥିରେ ଲିଡରଶିପ୍, ପ୍ଲାନିଂ, ନିଯୁକ୍ତି, ଅର୍ଥ, ସୁବିଧାସୁଯୋଗ, ଦଳ, କୋଚିଂ, ପ୍ଲେଇଙ୍ଗ୍, ପ୍ରଦର୍ଶନ, ଫିଟ୍‌ନେସ୍, ସାଇକୋଲୋଜି, ୱେଲଫେୟାର, ଏଡୁକେଶନ, କୋଲାବୋରେଶନ, ଆସେସମେଣ୍ଟ, ନିୟମ ଓ ଫଳାଫଳ ସାମିଲ ରହିଛି। ଫୁଲ୍ ମେମ୍ବରଶିପ୍ ପାଇଁ ମେମ୍ବର ଆସୋସିଏଶନଗୁଡିକ ପ୍ରଥମ ୧୧ଟି ମାନଦଣ୍ଡ ପୂରଣ ନିହାତି ଆବଶ୍ୟକ।

## ବ୍ୟାଡମିଣ୍ଟନ ସୁପରଷ୍ଟାର ଲିନ୍ ଡାନ୍‌ଙ୍କ ଅବସର

ସାଙ୍ଘାଇ,୪।୭

ଚାଇନାର ବ୍ୟାଡମିଣ୍ଟନ ସୁପରଷ୍ଟାର ଲିନ୍ ଡାନ୍ ଶନିବାର ଅବସର ଘୋଷଣା କରିଛନ୍ତି। ବିଶ୍ୱ ବ୍ୟାଡମିଣ୍ଟନର ସର୍ବକାଳୀନ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇଥିବା ଲିନ୍ ଡାନ୍ ୩୬ ବର୍ଷରେ ଖେଳ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ୨୦୦୮ ବେଜିଂ ଅଲିମ୍ପିକ୍ସ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ ନ କରିବା ସ୍ପଷ୍ଟ ହୋଇଛି। କୋଭିଡ୍-୧୯ ମହାମାରୀ କାରଣରୁ ଟୋକିଓ ଅଲିମ୍ପିକ୍ସକୁ ଆସନ୍ତା ଗ୍ରୀଷ୍ମକୁ ଘୁଞ୍ଚାଇ ଦିଆଯାଇଛି। ଏଥିସହିତ ବିଶ୍ୱ ବ୍ୟାଡମିଣ୍ଟନରେ ଏକ ଯୁଗର ଅବସାନ ହୋଇଛି ବୋଲି ଡାନଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମାଲେସିଆ ତାରକା ଲି ଚୋଙ୍ଗ ୱେଇ କହିଛନ୍ତି। ଦୀର୍ଘ ଏକ ଦଶନ୍ଧି ଧରି ଏହି ଦୁଇ ଖେଳାଳି ବିଶ୍ୱ ବ୍ୟାଡମିଣ୍ଟନରେ ନିଜର ଆଧିପତ୍ୟ ବିସ୍ତାର କରି ଆସୁଥିଲେ। ଦୀର୍ଘ ୨୦ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ଡାନ୍ ସବୁପ୍ରକାର ସଫଳତା ଅର୍ଜନ କରିଛନ୍ତି। କ୍ୟାରିୟରର ଆରମ୍ଭରେ ଲିନ୍ ଡାନ୍‌ଙ୍କ ବ୍ୟାଡ ବଏ ଇମେଜ୍ ଥିଲା।

ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଲିନ୍ ଡାନ୍ ୫ଥର ବିଶ୍ୱ ଚାମ୍ପିୟନଶିପ୍ ମଧ୍ୟ ହାସଲ କରିଥିଲେ ଓ ଦୀର୍ଘ ଦିନ ଧରି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ଅଧିକାର କରିଥିଲେ। ସେ ମଧ୍ୟ ୬ଥର ଅଲ୍ ଇଂଲଣ୍ଡ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତରେ ତାଙ୍କୁ ସୁପର ଡାନ୍ ବୋଲି ସମ୍ବୋଧନ କରାଯାଉଥିଲା। ମାତ୍ର ୨୮ ବର୍ଷ ବୟସରେ ସେ ବିଶ୍ୱ ବ୍ୟାଡମିଣ୍ଟନର ସବୁ ୯ଟି ଯାକ ମେଜର ଟାଇଟଲ ହାସଲ କରି 'ସୁପର ଗ୍ରାଣ୍ଡସ୍ଲାମ' କମ୍ପ୍ଲିଟ୍ କରିଥିଲେ। ସେ ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିୟନଶିପ୍, ଅଲଇଂଲଣ୍ଡ ଚାମ୍ପିୟନଶିପ୍, ବିଶ୍ୱକପ୍, ଥୋମାସ କପ୍, ସୁଦିରମାନ କପ୍, ସୁପର



ସିରିଜ ମାଷ୍ଟର୍ସ ଫାଇନାଲ, ଏସିଆନ୍ ଗେମ୍ସ, ଏସିଆନ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବିଶ୍ୱର ଏକମାତ୍ର ଖେଳାଳିଭାବେ ସେ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି।


ତେବେ ବୟସ ବଢିବା ସହିତ ଇଞ୍ଜୁରି ସମସ୍ୟା ତାଙ୍କ କ୍ୟାରିୟରରେ ବାଧା ସୃଷ୍ଟି କରିଥିଲା। କେତୋଟି ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ସେ ବିଦାୟ ନେଇଥିଲେ। ଫଳରେ ସେ ବାଧ୍ୟ ହୋଇ ଅବସର ନେବା କଥା ଚିନ୍ତା କରିଥିଲେ। ୫ ଫୁଟ୍ ୧୦ ଇଞ୍ଚ ଉଚ୍ଚତା ବିଶିଷ୍ଟ ଡାନ୍ ଟୋକିଓ ଅଲିମ୍ପିକ୍ସ ଖେଳିବାକୁ ଚାହୁଁଥିଲେ ମଧ୍ୟ ର୍‍ୟାଙ୍କିଙ୍ଗ୍‌ରେ ତାଙ୍କର ୧୯ ନମ୍ବର ସ୍ଥାନ ଓ କୋଭିଡ୍-୧୯ ମହାମାରୀ କାରଣରୁ ଅଲିମ୍ପିକ୍ସ ଘୁଞ୍ଚିବା ତାଙ୍କର ଏହି ଇଚ୍ଛା ଅପୂରଣୀୟ ରହିଛି। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଲିଙ୍କଠାରୁ ସେମିଫାଇନାଲରେ ପରାସ୍ତ ହୋଇଥିଲେ। ଏବେ ଶରୀର ପୂର୍ବଭଳି ସମର୍ଥନ କରୁନାହିଁ। ତେଣୁ ତୃତୀୟ ଅଲିମ୍ପିକ୍ସ ପଦକ ହାସଲ ଦୌଡ଼ରୁ ନିଜକୁ ଦୂରେଇ ରଖିବାକୁ ନିଷ୍ପତ୍ତି ନେଇଛି ବୋଲି ଲିନ୍ ଡାନ୍ କହିଛନ୍ତି। ସ୍ତ୍ରୀ ତଥା ପୂର୍ବତନ ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିୟନ ଜିଏ ଜିଙ୍ଗଫାଙ୍ଗ୍ ମଧ୍ୟ ଲିନ୍ ଡାନ୍‌ଙ୍କ ଅବସର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।



ବାଦୁଡ଼ି ରାତିରେ ବୁଲେ ଆଉ ଦୁଇ ଗୋଡ଼ରେ ତଳକୁ ଝୁଲି ରହେ। ଏମାନେ ଆକାରରେ ବହୁତ ଛୋଟ । ଏକଥା ସାଧାରଣତଃ ସମସ୍ତେ ଜାଣିଛନ୍ତି। କିନ୍ତୁ ବାଦୁଡ଼ି ବି ମଣିଷ ଭଳି ବଡ଼ ହୋଇପାରନ୍ତି। ଏକଥା ଖୁବ୍ କମ୍ ଲୋକ ଜାଣିଥିବେ। କିନ୍ତୁ ଏଭଳି ବାଦୁଡ଼ି ଅଛନ୍ତି ଫିଲିପାଇନ୍ସରେ। ସୋସିଆଲ ମିଡିଆରେ ଆଲେକ୍ସା ଜୋଷ୍ଟାର ନାମକ ଜଣେ ବ୍ୟକ୍ତି ଏଭଳି ବାଦୁଡ଼ିର ଫଟୋ ଶେୟାର କରିବା ପରେ ଏହା ଜଣାପଡ଼ିଛି। ମଣିଷ ଭଳି ବଡ଼ ବାଦୁଡ଼ି ରହିଥିବା ଜାଣିବା ପରେ ଇଣ୍ଟରନେଟରେ ଏହା ଭାଇରାଲ ହେବାରେ ଲାଗିଛି।

# 'ଖାସ୍‌କୁରା' ଉପରେ 'ମାଣ୍ଡାରିନ୍' ଭାରି

**ପାର୍ବତ୍ୟ ଦେଶ ନେପାଳକୁ କରାୟତ୍ତ କରିବାକୁ ଚାଇନାର ଚକ୍ରାନ୍ତ ଉପରୁ କ୍ରମଶଃ ପରଦା ହଟିବାରେ ଲାଗିଛି। ନେପାଳକୁ ଢାଲ କରି ନିଜର ସାମ୍ରାଜ୍ୟବାଦୀ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବାକୁ ଯାଇ ଡ୍ରାଗନ୍ କରିଥିବା ଯୋଜନା ଆଉ ଅଛପା ନାହିଁ। କେବଳ ଏତିକି ନୁହେଁ, ନେପାଳର ଜାତୀୟ ଭାଷା 'ନେପାଳୀ' ବା 'ଖାସ୍-କୁରା' ଉପରେ ଧୀରେ ଧୀରେ ଚାଇନିଜ୍ ଭାଷା 'ମାଣ୍ଡାରିନ୍' ପ୍ରଭାବୀ ହେଉଥିବା ଦେଖାଗଲାଣି।**



**ନେପାଳରେ ବଢୁଛି ଚାଇନିଜ୍ ଭାଷାର ପ୍ରାଧାନ୍ୟ**

**ନୂଆଦିଲ୍ଲୀ:** ହିନ୍ଦୁରାଷ୍ଟ୍ର ନେପାଳ ହଠାତ୍ ଭାରତ ବିରୋଧରେ ଯୁଦ୍ଧଂଦେହି ଡାକରା ଦେବା ପଛରେ ଚାଇନାର କୁଟନୈତିକ ଚକ୍ରାନ୍ତକୁ ଦାୟୀ କରାଯାଉଛି। ନେପାଳ ରାଜନୀତିରେ ଚାଇନାର ରାଷ୍ଟ୍ରଦୂତ 'ହାଓ ୟାନ୍‌କି' ସିଧାସଳଖ ହସ୍ତକ୍ଷେପ କରିବା ଘଟଣାରୁ ଏହି କଥା କିଛିମାତ୍ରାରେ ସ୍ପଷ୍ଟ। ତେବେ ନେପାଳ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଲାଗି ଚାଇନାର ଗୋଟି ଚାଳନା ଉପରେ ଅନ୍ୟ ଯେଉଁ ଦିଗଟି ଚର୍ଚ୍ଚାକୁ ଆସିଛି, ତାହା ହେଉଛି ସେଠାକାର ସ୍କୁଲରେ ଚାଇନିଜ୍ ଭାଷା 'ମାଣ୍ଡାରିନ୍'କୁ ବାଧ୍ୟତାମୂଳକ କରାଯିବା।

ନେପାଳର ସ୍କୁଲଗୁଡ଼ିକରେ ବିଦେଶୀ ଭାଷା ଶିକ୍ଷା ଦିଆଯିବା ଉପରେ ସରକାରୀ ସଙ୍ଗଠନ କରିକୁଲମ୍ ଡେଭଲପ୍‌ମେଣ୍ଟ ସେଣ୍ଟର (ସିଡିସି) ମୋହର ମାରିଥାଏ। ହେଲେ କୌଣସି ପିଲାଙ୍କୁ ବିଦେଶୀ ଭାଷା ଶିଖିବାକୁ ବାଧ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି। ଏପରିସ୍ଥଳେ ନେପାଳର କେତେକ ସ୍କୁଲରେ ଚାଇନିଜ୍ ଭାଷାକୁ ବାଧ୍ୟତାମୂଳକ କରାଯିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

'ଦି ହିମାଳୟାନ ଟାଇମ୍ସ' ପକ୍ଷରୁ ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ନେପାଳର ୧୦ ବଡ଼ ସ୍କୁଲରେ 'ମାଣ୍ଡାରିନ୍' ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଏହି ଭାଷାରେ ଶିକ୍ଷାଦାନ ଲାଗି ନିଯୁକ୍ତିପ୍ରାପ୍ତ ଶିକ୍ଷକ ଏବଂ ଆନୁଷଙ୍ଗିକ ଉପକରଣ ଲାଗି ଚାଇନା ଦୂତାବାସ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ଏଥିଲାଗି ଚାଇନାର ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ୧୦ ସ୍କୁଲ ବ୍ୟତୀତ ନିକଟରେ ପୋଖରା, ଧୁଲିଖେଲ ସମେତ ଅନ୍ୟ କେତେକ ବିଦ୍ୟାଳୟରେ ମଧ୍ୟ ସମାନ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି।

ଭାଷାଗତ ଢାଞ୍ଚାରେ ଏପରି ପରିବର୍ତ୍ତନ ପଛରେ ପ୍ରମୁଖ କାରଣ ହେଲା ନେପାଳରେ 'ମାଣ୍ଡାରିନ୍'କୁ ସମୃଦ୍ଧ କରିବା। ଯଦି ଏହି ଯୋଜନା ସଫଳ ହୁଏ, ତେବେ ବର୍ଷ କେଇଟାରେ 'ଖାସ୍-କୁରା'ର ପ୍ରାଧାନ୍ୟ କମିଯିବ। ନେପାଳର ଜାତୀୟ ଭାଷା ନିଜ ଦେଶରେ ଅବହେଳିତ ହୋଇ ରହିଯିବ। ଅପରପକ୍ଷେ 'ମାଣ୍ଡାରିନ୍' ବାଧ୍ୟତାମୂଳକ କରାଯିବା ପରେ ଇଚ୍ଛା ଥିଲେ ବି ନେପାଳର ଛାତ୍ରୀଛାତ୍ରମାନେ ଅନ୍ୟ କୌଣସି ବିଦେଶୀ ଭାଷା ଶିଖିପାରିବେ ନାହିଁ। କାରଣ 'ମାଣ୍ଡାରିନ୍' ପୃଥିବୀର କଷ୍ଟକର ଭାଷାଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହି ଭାଷାର ପାଠ୍ୟକ୍ରମ ଶେଷ କରିବାକୁ ପିଲାମାନେ ଶତ ପ୍ରତିଶତ ଉଦ୍ୟମ କରିବେ। ସେମାନେ ଅନ୍ୟ ଭାଷା ଶିଖିବାକୁ ସମୟ ପାଇବେ ନାହିଁ। ଅନ୍ତର୍ଜାତୀୟସ୍ତରରେ 'ଇଂଲିଶ' ଭାଷା ବହୁଳ ପ୍ରଚଳିତ ଥିଲେ ବି ସେମାନେ ଏଥିରୁ ମଧ୍ୟ ବଞ୍ଚିତ ହେବେ।

ମିଳିତ ଜାତିସଂଘର କହିବା କଥା, 'ମାଣ୍ଡାରିନ୍' ହେଉଛି ପୃଥିବୀର ସର୍ବାଧିକ ପ୍ରଚଳିତ ଭାଷା। ୧.୧୨ ବିଲିୟନ ଲୋକ ଏହି ଭାଷାରେ ଭାବ ବିନିମୟ କରନ୍ତି। ଚାଇନାର ନିଜସ୍ୱ ଭାଷା ହୋଇଥିବାରୁ ଏହାର ଉଭୟ କଥନ ଓ ଲିଖନ ଶୈଳୀ ଅନ୍ୟ ଭାଷା ତୁଳନାରେ କଷ୍ଟକର। ତଥାପି ଏହାକୁ ନେପାଳ ଉପରେ ଲଦିଦେବା ପଛରେ ଚାଇନାର 'ଫାଇଭ୍ ଫିଙ୍ଗର' ପଲିସି କାମ କରୁଛି ବୋଲି କୁହାଯାଉଛି। ଦୀର୍ଘଦିନରୁ ତିବ୍ବତକୁ ଚାଇନା ନିଜ ଦଖଲରେ ରଖିଛି। ଏବେ ଏହାର ଆଖି ଲଦାଖ, ନେପାଳ, ସିକ୍କିମ୍, ଭୁଟାନ ଏବଂ ଅରୁଣାଚଳ ପ୍ରଦେଶ ଉପରେ ପଡ଼ିଛି। ନେପାଳରେ 'ମାଣ୍ଡାରିନ୍' ଭାଷାର ପ୍ରଚାର ପ୍ରସାର ସମ୍ପୃକ୍ତ ଅଞ୍ଚଳର ଯୁବପିଢ଼ିଙ୍କ ମାନସିକତାକୁ ପ୍ରଭାବିତ କରିବ। ଚାଇନିଜ୍ ସଂସ୍କୃତିର ଚେର ମଜଭୁତ ହେବ। ଏହା ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ନେପାଳ ସମ୍ପ୍ରଦାୟ ପାଇଁ ବୁମେରାଂ ସାବ୍ୟସ୍ତ ହେବ, ଯାହାର ଫାଇଦା ବେଜିଂ ନେବ ବୋଲି ଭାଷାବିତ୍‌ମାନେ ଆଶଙ୍କା ବ୍ୟକ୍ତ କଲେଣି। ଭାଷାକୁ ନେଇ ଚାଇନାର ଏପରି ଗୋଟିଚାଳନା ପଛରେ ଆଉ ଗୋଟିଏ ବଡ଼ କାରଣ ହେଉଛି ଆର୍ଥିକ କାରବାର। ନେପାଳ ଏକ ଛୋଟ ଭୂଖଣ୍ଡ ହୋଇଥିଲେ ମଧ୍ୟ ବ୍ୟବସାୟିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ରଖେ। ଚାଇନାର ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟ 'ୱାନ୍ ବେଲ୍ଟ ୱାନ୍ ରୋଡ୍' (ଓବିଓଆର୍) ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ଦର୍ଶାଇ ନୂଆଦିଲ୍ଲୀ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ନେପାଳ ଦେଇ ବ୍ୟବସାୟିକ କାରବାର ବଢ଼ାଇବାକୁ ଚାଇନା ଭାଷାକୁ କୁଟନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବା ଆରମ୍ଭ କରିଛି।

### ଭାରତୀୟ ପର୍ଯ୍ୟଟକଙ୍କ ଜାଗା ନେଉଛି ଚାଇନା

ଦୀର୍ଘବର୍ଷ ହେଲା ନେପାଳ ଅର୍ଥନୀତିକୁ ବଳ ଯୋଗାଉଥିଲେ ଭାରତୀୟ ପର୍ଯ୍ୟଟକ। ଏବେ ଏହି ସ୍ଥାନ ନେବାକୁ ଉଦ୍ୟମ କରୁଛି ଚାଇନା। 'କାଠମାଣ୍ଡୁ ପୋଷ୍ଟ' ଅନୁଯାୟୀ, ୨୦୧୭ରୁ କ୍ରମାଗତ ଭାବେ ଚାଇନା ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନଙ୍କ ଆବଶ୍ୟକତାକୁ ନଜରରେ ରଖି ନେପାଳ ବଜାର ଚାଇନା ବଜାରରେ ରୂପାନ୍ତରିତ ହେଉଛି। ଚାଇନିଜ୍ ପର୍ଯ୍ୟଟକଙ୍କ ସୁବିଧା ଲାଗି ଗଳିକନ୍ଦିରେ 'ମାଣ୍ଡାରିନ୍' ଭାଷାରେ ସାଇନ୍‌ବୋର୍ଡ ଝୁଲୁଛି। ଦୋକାନୀମାନେ ବ୍ୟବସାୟ ସମୟରେ ଏହି ଭାଷାରେ ଭାବ ବିନିମୟ କରୁଛନ୍ତି। କାଠମାଣ୍ଡୁର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳକୁ ଚାଇନାର ବ୍ୟବସାୟୀମାନେ ଲିଜ୍‌ରେ ନେଲେଣି। ଏହା ଆଞ୍ଚଳିକ ବ୍ୟବସାୟର ବାଟ ଓଗାଳିବା ଆରମ୍ଭ କରିଥିବା ଅନେକେ ହୃଦ୍‌ବୋଧ କଲେଣି।

# ଉର୍ବଶୀଙ୍କ ବିବାହ ଫଟୋ ଭାଇରାଲ



ଉର୍ବଶୀ ରୌତେଲା

**ମୁମ୍ବାଇ:** କରୋନା ସଂକ୍ରମଣ ପାଇଁ ବଲିଉଡ୍ ଜଗତ ସହ ସାଧାରଣ ଜୀବନରେ ମଧ ବହୁ ବିବାହ ନିରାଡ଼ମ୍ବର ଭାବେ କରାଯାଉଛି। ଗୁରୁବାର ବିଗ୍‌ବସ୍ ଫେମ୍ ଗୌତମ ଗୁଲାଟି ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଥିଲେ। ଯେଉଁ ଫଟୋକୁ ଦେଖି ସମସ୍ତେ ଚକିତ ହୋଇଯାଇଛନ୍ତି। ଗୌତମ ଯେଉଁ ଫଟୋ ଶେୟାର କରିଥିଲେ, ସେଥିରେ ସେ ବଲିଉଡ୍‌ର ହଟ୍ ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କ ସହ ବିବାହ କରୁଥିବା ନଜର୍ ଆସିଛି। ଗୌତମ ଏହି ଫଟୋ କ୍ୟାପ୍‌ଶନରେ ଲେଖିଛନ୍ତି, ବିବାହର ଶୁଭକାମନା ଦେବେନାହିଁ? ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କେତେକ ଲୋକ ତାଙ୍କୁ ଶୁଭକାମନା ଜଣାଇ ଥିବାବେଳେ ଅନ୍ୟ କେତେକ ଲୋକ ବିଶ୍ୱାସ କରିନାହାନ୍ତି। ଏଥିରେ ଉର୍ବଶୀ ଲାଲ୍ ଲେହେଙ୍ଗା ପିନ୍ଧିଥିବା ବେଳେ ବଧୂ ବେଶରେ ସଜେଇ ହୋଇଛନ୍ତି ଓ ଗୌତମ କ୍ରିମ କଲର ସେରୱାନିରେ ସାତ ଫେରା ନେଉଛନ୍ତି। ଏହା ଦେଖିବା ପରେ ଉର୍ବଶୀଙ୍କ ପ୍ରଶଂସକ ଚକିତ ହୋଇଯାଇଛନ୍ତି। କିନ୍ତୁ ଡରନ୍ତୁ ନାହିଁ। ଗୌତମ-ଉର୍ବଶୀ ବିବାହ ତ କରିବେ। କିନ୍ତୁ ଏହା ହେଉଛି କେବଳ ଅଭିନୟ ପାଇଁ। ଏହି ଫଟୋଟି ହେଉଛି ତାଙ୍କ ଅଭିନୀତ ଫିଲ୍ମର। ଯାହା ରିୟଲ ନୁହେଁ ରିଲ ଲାଇଫର। ଭର୍ଜିନ ଭାନୁପ୍ରିୟାରେ ଉଭୟ ନଜର ଆସୁଥିବା ବେଳେ ଗୌତମ ଫିଲ୍ମର ପ୍ରମୋଶନ ପାଇଁ ଏହି ଫଟୋଟି ସେ ଶେୟାର କରିଥିବା ସ୍ପଷ୍ଟ କରିଛନ୍ତି। ଏହି ଫିଲ୍ମ ପାଇଁ ଉଭୟ ବେଶ୍ ଉତ୍ସାହିତ ଅଛନ୍ତି। ଦର୍ଶକ ଏହି ଫିଲ୍ମକୁ ନେଇ ବହୁ ପ୍ରଶ୍ନ କରିଥିବାବେଳେ ଉର୍ବଶୀ କହିଛନ୍ତି ଯେ, ଆପଣମାନେ ମୁଭି ଦେଖିଲେ ଜାଣିପାରିବେ। ଏଥିରେ ଉର୍ବଶୀଙ୍କ ହଟ୍ ଅନ୍ଦାଜ୍ ଫ୍ୟାନ୍‌ମାନଙ୍କ ବେଶ୍ ପସନ୍ଦ ଆସିବ। ୟୁଥ୍ ଜେନେରେଶନ ଉପରେ ଆଧାରିତ ଏହି ମୁଭିର ଷ୍ଟୋରୀ ଲାଇନ୍। 'ଭର୍ଜିନ ଭାନୁପ୍ରିୟା' ମୁଭି ଥିଏଟର୍ ପରିବର୍ତ୍ତେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ। ଏହି ଫିଲ୍ମ ଜୁଲାଇ ୧୬ରେ ଜୀ ୫ରେ ରିଲିଜ୍ କରାଯିବ। ଫିଲ୍ମର ଟିଜର ଗୁରୁବାର ରିଲିଜ୍ ହୋଇଥିବାବେଳେ ଫ୍ୟାନ୍‌ମାନେ ଏହାକୁ ଢେର ସାରା ଲାଇକ୍ ମଧ୍ୟ କରିଛନ୍ତି।



# ଛୋଟ ପରଦାକୁ ଫେରୁଛନ୍ତି ଈଶା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଈଶା ଦେଓ୍ୱଲ ବିବାହ ପରଠାରୁ ଅଭିନୟରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଥିଲେ। ଏବେ ପୁଣିଥରେ ସେ ଛୋଟ ପରଦା ମାଧ୍ୟମରେ ଅଭିନୟକୁ ଫେରୁଛନ୍ତି। ଷ୍ଟାର ଭାରତରେ ପ୍ରସାରିତ ପୌରାଣିକ ଧାରାବାହିକ 'ଜଗଜ୍ଜନନୀ ମା' ବୈଷ୍ଣୋଦେବୀ' ସହିତ ଟିଭିରେ ନିଜର ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ସିରିୟଲରେ ଈଶା, ବୈଷ୍ଣବୀଙ୍କ ମା' ରାଣୀ ସମୃଦ୍ଧି ଦେବୀ ଚରିତ୍ରରେ ନଜର ଆସିବେ। ତେବେ ଏଥିପାଇଁ ଆଗାମୀ ୨ ଦିନ ମଧ୍ୟରେ ଈଶା କଣ୍ଟ୍ରାକ୍ଟ ପେପର ସାଇନ କରିବେ ବୋଲି ଶୁଣିବାକୁ ମିଳୁଛି। ତେବେ କହିରଖୁଛୁ ଯେ, ପୂର୍ବରୁ ରାଣୀ ସମୃଦ୍ଧି ଦେବୀଙ୍କ ଚରିତ୍ରରେ ତୋରଲ ରାସପୁତ୍ରା ଅଭିନୟ କରୁଥିଲେ। କୌଣସି କାରଣ ପାଇଁ ଲକ୍‌ଡାଉନ ପୂର୍ବରୁ ସେ ଏହି ଧାରାବାହିକ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ଲକ୍‌ଡାଉନ୍ ସରିବା ପରେ ସିରିୟଲର ଶୁଟିଂ ଆରମ୍ଭ ହୋଇଛି। କିନ୍ତୁ ତୋରଲ ଅଂଶଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ମନା କରିଦେଇଛନ୍ତି। ସିରିୟଲରେ ସେ ମା' ରୋଲ କରିବାକୁ ଉଚିତ୍ ମନେକଲେ ନାହିଁ ବୋଲି ଏକ ଇଣ୍ଟରଭ୍ୟୁରେ କହିଛନ୍ତି।

# ଫାଇଭ୍ ଇନ୍ ୱାନ୍ ମେଶିନ

**ଚଣ୍ଡିଗଡ଼:** କରୋନା ପାଇଁ ଏବେ ସବୁଆଡ଼େ ଲକ୍‌ଡାଉନ୍। ଏମିତି ଏକ ସ୍ଥିତିରେ ଅନେକଙ୍କୁ ଆତ୍ମନିର୍ଭରଶୀଳ ହେବା ଶିଖାଇ ଦେଇଛି ଲକ୍‌ଡାଉନ୍। କାହିଁକି ନା ଘରେ ରହି ସ୍ୱାବଲମ୍ବୀ ହେବା ପାଇଁ ଅନେକ ଭିନ୍ନ ଭିନ୍ନ ଉପାୟ ଆପଣାଇବାରେ ଲାଗିଛନ୍ତି। ଏମିତି ଏକ ପରିସ୍ଥିତିରେ ଏକ ଫାଇଭ୍ ଇନ୍ ୱାନ୍ ମେଶିନ ବାହାର କରିଛନ୍ତି ଜଳନ୍ଧରର ଦୁଇ କୃଷକ। ପଞ୍ଜାବ ଜଳନ୍ଧରର ବାଜବାକଳା ଗାଁର ଏହି ଦୁଇ କୃଷକ ହେଉଛନ୍ତି ମେଜର ସିଂ ଓ ରାଜୀନ୍ଦର ସିଂ।

ଦେଶୀ ଶୈଳୀରେ ଏହି ଦୁଇ କୃଷକ ଏକ ମେଶିନ୍ ତିଆରି କରିଛନ୍ତି, ଯାହା ସାହାଯ୍ୟରେ ସହଜରେ ଧାନ ଅମଳ କରିହେବ ଏବଂ ଏଥିରେ ଏକ ସମୟରେ ୫ଜଣ ଶ୍ରମିକ କାମ କରିବା ଭଳି ଅମଳ କରିବା ସମ୍ଭବ ହେବ। ବଡ଼ କଥା ହେଉଛି ଏଭଳି ଏକ ମେଶିନ୍ ତିଆରି କରିବାକୁ ଖର୍ଚ୍ଚ ହୋଇଛି ମାତ୍ର ୭୦ ହଜାର ଟଙ୍କା। ଏହି ମେଶିନକୁ ଟ୍ରାକ୍ଟର ସାହାଯ୍ୟରେ ଚଳାଇବାକୁ ହୋଇଥାଏ। ଲକ୍‌ଡାଉନ୍‌ରେ ଶ୍ରମିକ ମିଳିବା କଷ୍ଟକର ହେଉଥିବାରୁ ମେଜର ସିଂ ଓ ରାଜୀନ୍ଦର ସିଂ ମିଳିତ ଉଦ୍ୟମରେ ଏଭଳି ଏକ ମେଶିନ୍ ବାହାର କରିଛନ୍ତି। ଏହି ମେଶିନରେ ଖୁବ୍ କମ୍ ସମୟରେ ଜମିରେ ମାଟି ସମତଳ କରିବା ସହ ବିହନ ବୁଣିବା କାମ କରିହେବ। ଆଉ ଏହି କାମ ପାଇଁ କୌଣସି ଶ୍ରମିକଙ୍କର ଆବଶ୍ୟକ ପଡ଼ି ନ ଥାଏ। ମେଶିନରେ ମଧ୍ୟ ତଳି ବୁଣିବା କାମ ଖୁବ୍ କମ୍ ସମୟରେ କରାଯାଇପାରିବ।

କୃଷକ ଦୁଇଜଣଙ୍କର ଏଭଳି ମେଶିନ୍ ତିଆରି କରିବାକୁ ପଞ୍ଜାବ ଏଗ୍ରିକଲଚର ୟୁନିଭର୍ସିଟି (ପିଏୟୁ)ର ଫାର୍ମ ମେଶିନେରି ବିଭାଗ ପକ୍ଷରୁ ପ୍ରଶଂସା କରାଯାଇଛି। ତେବେ ଏହିଭଳି ମେଶିନ୍ ତିଆରି କରିବାକୁ ସରକାର ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ବିଭିନ୍ନ କୃଷକ ମତ ଦେଇଛନ୍ତି।



# ୨.୮୯ ଲକ୍ଷର ସୁନା ମାସ୍କ


**ପୁଣେ:** ମହାମାରୀ କରୋନା ଭୂତାଣୁର ପ୍ରକୋପ ଭୟଙ୍କର ଭାବେ ବଢ଼ିଚାଲିଛି। ଏଥିରୁ ରକ୍ଷାପାଇବା ଲାଗି ଲୋକମାନଙ୍କୁ ମାସ୍କ ପିନ୍ଧିବା ଲାଗି ପରାମର୍ଶ ଦିଆଯାଉଛି। ବଜାରରେ ମଧ୍ୟ ବିଭିନ୍ନ ପ୍ରକାର ମାସ୍କ ଉପଲବ୍ଧ। ଲୋକଙ୍କ ପସନ୍ଦକୁ ଦେଖି ବିଭିନ୍ନ ପ୍ରକାର ମାସ୍କ ବିକ୍ରି ହେଉଛି। ହେଲେ ପୁଣେର ଜଣେ ଯୁବକ ପିନ୍ଧୁଥିବା ମାସ୍କ ସୁନାରେ ତିଆରି। ଏହା ବିଶ୍ୱାସ ହେଉ ନ ଥିଲେ ମଧ୍ୟ ସତ। ପୁଣେ ଜିଲାର ପିମ୍ପ୍ରି-ଚିଞ୍ଚୱାଡ୍ ନିବାସୀ ଶଙ୍କର କୁରାଡେ ସୁନାରେ ତିଆରି ଏକ ମାସ୍କ ପିନ୍ଧୁଛନ୍ତି। ଏହି ମାସ୍କର ଦାମ୍ ୨ ଲକ୍ଷ ୮୯ ହଜାର ଟଙ୍କା। ପତା ସୁନାରେ ତିଆରି ହୋଇଥିବା ଏହି ମାସ୍କରେ ଛୋଟ ଛୋଟ କଣା ରହିଛି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ବେଶ୍ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ସୁନା ନିର୍ମିତ ମାସ୍କ କେତେଦୂର କରୋନା ଭୂତାଣୁରୁ ନିଜକୁ ରକ୍ଷାକରିବ ତାହା ଜାଣି ନ ଥିବା କୁରାଡେ ପ୍ରକାଶ କରିଛନ୍ତି।

ସୁନା ପିନ୍ଧିବାରେ ତାଙ୍କର ଦୁର୍ବଳତା ରହିଆସିଛି। ବିଭିନ୍ନ ପ୍ରକାର ସୁନା ନିର୍ମିତ ଅଳଙ୍କାର ପିନ୍ଧିବା ତାଙ୍କର ସଉକ। ଆଙ୍ଗୁଠି, ହାତ, ବେକ ଓ ଶରୀରର ବିଭିନ୍ନ ଅଙ୍ଗରେ ସେ ସୁନା ପିନ୍ଧିବାକୁ ପସନ୍ଦ କରିଥାନ୍ତି। ହାତରେ ବ୍ରେସ୍‌ଲେଟ୍, ଅଙ୍ଗୁଳିରେ ସୁନା ମୁଦି, ବେକରେ ସୁନାର ମୋଟା ଚେନ୍ ସେ ସବୁବେଳେ ପିନ୍ଧିଥାନ୍ତି। ସୋସିଆଲ ମିଡିଆରେ କୋହ୍ଲାପୁରର ଜଣେ ବ୍ୟକ୍ତି ରୁପା ମାସ୍କ ପିନ୍ଧିଥିବା ସେ ଦେଖିବାକୁ ପାଇବା ପରେ ଏନେଇ ଅନୁପ୍ରାଣିତ ହୋଇଥିଲେ। ଏହା ପରେ ସେ ସୁନାର ମାସ୍କ ପିନ୍ଧିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ବଣିଆ ସହ ଯୋଗାଯୋଗ କରି ସପ୍ତାହକ ମଧ୍ୟରେ ସେ ସୁନାର ମାସ୍କ ତିଆରି କରି ପିନ୍ଧିଥିଲେ। କୁରାଡେ କହିଛନ୍ତି, ସୁନା ମାସ୍କ ପିନ୍ଧିବା ସହ ସରକାରଙ୍କ ଦ୍ୱାରା ଜାରି ସମସ୍ତ ନିୟମ ମାନୁଛି। କରୋନାଠାରୁ ଦୂରେଇ ରହିବାକୁ ଯତ୍ନ ସହକାରେ ପ୍ରୟାସ କରୁଛି। ସୁନା ମାସ୍କ ଭଳି ଅଦ୍ଭୁତ ଚିନ୍ତାଧାରାକୁ ନେଇ ଅନେକେ ସମାଲୋଚନା କରୁଥିବା ମଧ୍ୟ ସେ କହିଛନ୍ତି।



# ଜଣେ ଫେଲ୍ ଛାତ୍ର ପାଇଁ ଠିଆହେଲା ସ୍କୁଲ

**ଛାତ୍ରଙ୍କ ବିଫଳତାର ଅର୍ଥ ଶିକ୍ଷକଙ୍କ ବିଫଳତା**



**କୋଝିକୋଡ୍(କେରଳ):** ସ୍କୁଲରେ ଶତ ପ୍ରତିଶତ ପାସ୍ ହାର ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଉଦ୍ୟମ କରିଥାନ୍ତି। ବିଶେଷକରି ବେସରକାରୀ ସ୍କୁଲଗୁଡ଼ିକରେ ଅଧିକ ପିଲା ପାସ୍ ହୋଇଥିବା ନେଇ ପ୍ରଚାରପ୍ରସାର ମଧ୍ୟ କରାଯାଇଥାଏ। ହେଲେ ଏ ସମୟରେ ଫେଲ୍ ହୋଇଥିବା କେତେଜଣ ଛାତ୍ରୀଛାତ୍ରଙ୍କ କଥା ସ୍କୁଲ କର୍ତ୍ତୃପକ୍ଷ ଭୁଲିଯାଇଥାନ୍ତି। ସେମାନଙ୍କ ମନୋବଳ ବଢ଼ାଇବା ପାଇଁ କେହି ସାଥିରେ ଠିଆହୋଇ ନ ଥାନ୍ତି। ଏଥିପାଇଁ ଅନେକ ସମୟରେ ପିଲାମାନେ ମାନସିକ ଭାରସାମ୍ୟ ହରାଇ ଭୁଲ୍ ନିଷ୍ପତ୍ତି ନେଇଥାନ୍ତି। ତେବେ କେରଳର କୋଝିକୋଡ୍ ଜିଲା ମାଡ଼ାପଲ୍ଲୀସ୍ଥିତ ସରକାରୀ ଭିଏଚ୍‌ଏସ୍ ସ୍କୁଲରୁ ଆସିଛି କିଛି ଭିନ୍ନ ଖବର। ଏଠାରେ ଅନେକ ପିଲାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନାହିଁ। ଚଳିତବର୍ଷ ସ୍କୁଲ ଶତବାର୍ଷିକୀ ପାଳନ କରୁଛି। ତେଣୁ ୧୦ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ପାସ୍ ହାର ସହ ଉତ୍ସବ ପାଳନ କରିବାକୁ ଲକ୍ଷ୍ୟ ରହିଥିଲା। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପଢ଼ାରେ ଦୁର୍ବଳ ଥିବା ପିଲାଙ୍କୁ ଚିହ୍ନଟକରି ସ୍ୱତନ୍ତ୍ର ଧ୍ୟାନ ଦେଉଥିଲେ। ମଙ୍ଗଳବାର ପରୀକ୍ଷାଫଳ ବାହାରିଛି। ଏଥିରେ ସ୍କୁଲର ୪୩୫ ଛାତ୍ରଙ୍କ ମଧ୍ୟରୁ ୪୩୪ ପାସ୍ କରିଥିବାବେଳେ ଜଣେ ଫେଲ୍ ହୋଇଥିବା ଜଣାପଡ଼ିଛି। ତେବେ ଫେଲ୍ ହୋଇଥିବା ଛାତ୍ର ମଧ୍ୟ ପାଠପଢ଼ାରେ ଦୁର୍ବଳ ନୁହନ୍ତି। କିନ୍ତୁ ସେ ଗଣିତ ବିଷୟରେ ଫେଲ୍ ହୋଇଛନ୍ତି। ତେଣୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏହା ଆଶ୍ଚର୍ଯ୍ୟ କରିଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସ୍କୁଲ ପ୍ରଧାନ ଶିକ୍ଷକ ପାସ୍ ହୋଇଥିବା ୪୩୪ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ବଦଳରେ ଫେଲ୍ ହୋଇଥିବା ଏକମାତ୍ର ଛାତ୍ରଙ୍କ ମନୋବଳ ବଢ଼ାଇବା ଏବଂ ସ୍ୱାଭାବିକ କରାଇବା ଜରୁରୀ ବୋଲି ଚିନ୍ତା କରିଥିଲେ। ମନରେ ଦୁଃଖ ଥିଲେ ମଧ୍ୟ ସେ ଚୁପ୍ ନ ବସି ତାଙ୍କୁ ଫୋନ୍ କରିଥିଲେ। ମୁଁ ନିଶ୍ଚିତଭାବେ ସବୁ ବିଷୟରେ ପାସ୍ କରିବି ବୋଲି ବିଶ୍ୱାସ ରଖିଥିଲି। କିନ୍ତୁ ଏମିତି କେମିତି ହେଲା ଜାଣିନି ବୋଲି ଛାତ୍ର ଜଣକ କହିଥିବା ପ୍ରଧାନ ଶିକ୍ଷକ ଭି. ପି. ପ୍ରଭାକରନ୍ କହିଛନ୍ତି। ତେବେ ଶିକ୍ଷକଭାବେ ସେ ଛାତ୍ରଙ୍କୁ ନିରାଶ ନ ହେବା ପାଇଁ କହିବା ସହ ସମସ୍ତ ସହଯୋଗ କରିବେ ବୋଲି କହି ଉତ୍ସାହିତ କରିଥିଲେ। ସ୍କୁଲକୁ ଆସି ପୁନଃ ମୂଲ୍ୟାୟନ ନିମନ୍ତେ ଆବେଦନ କରିବା ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କହିଥିଲେ। ହେଲେ ମୋ ପୁଅ ଜଣେ ହିଁ ଫେଲ୍ ହୋଇଛି କି ବୋଲି ଛାତ୍ରଙ୍କ ମା'ଙ୍କର ପ୍ରଶ୍ନ ପ୍ରଭାକରନ୍‌ଙ୍କୁ ଅଧିକ ଦୁଃଖିତ କରିଥିଲା। ଏହା ଶୁଣି ଛାତ୍ରଙ୍କ ପରିବାର ଲୋକଙ୍କ ମନର ଅବସ୍ଥା କ'ଣ ରହିଥିବ ପ୍ରଧାନ ଶିକ୍ଷକ ଅନୁଭବ କରିପାରିଥିଲେ। ତେବେ ଏହା ପରଦିନ ଛାତ୍ର ଜଣକ ସ୍କୁଲରେ ପହଞ୍ଚିବା ପରେ ସମସ୍ତେ ଆଶ୍ୱସ୍ତ ହୋଇଥିଲେ। ପ୍ରଭାକରନ୍ କହିଛନ୍ତି, ଛାତ୍ରଙ୍କ ବିଫଳତାର ଅର୍ଥ ଶିକ୍ଷକମାନଙ୍କ ବିଫଳତା। ଯଦି ପୁନଃ ମୁଲ୍ୟାୟନରେ ସେ ପାସ୍ ନ ହୁଅନ୍ତି, ଆମେ ତାଙ୍କ ସହ ଠିଆ ହେବୁ ବୋଲି ଛାତ୍ରଙ୍କ ଶ୍ରେଣୀ ଶିକ୍ଷୟିତ୍ରୀ କହିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବାବେଳେ ତାହା ଭାଇରାଲ ହୋଇଛି। ଶିକ୍ଷକମାନଙ୍କ ଏଭଳି ଚିନ୍ତାଧାରାକୁ ଅନେକେ ପ୍ରଶଂସା କରିଛନ୍ତି।



# ମନେ ପଡ଼ନ୍ତି

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକ**




**ସ୍ୱର୍ଗତ ଅନିରୁଦ୍ଧ ମହାନ୍ତି**
ଗୁରୁପୂର୍ଣ୍ଣିମା ତିଥି, ମାଉସୀମା' ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭
ବାପା, ଆଜକୁ ତେରବର୍ଷ ହେଲା ତୁମେ ଆମମାନଙ୍କୁ ଶୋକସାଗରରେ ଭସାଇ ଚାଲିଯାଇଛ। ତୁମର ପ୍ରତିଟି ସ୍ମୃତି ପ୍ରତ୍ୟେକ ମୁହୂର୍ତ୍ତରେ ଆମମାନଙ୍କର ମନେ ପଡୁଛି, ତୁମର ପ୍ରତିଟି ଆଦର୍ଶରେ ଆମେମାନେ ଯେପରି ଅନୁପ୍ରାଣିତ ହେଉ। ଏହା ଆମର ଭଗବାନଙ୍କ ନିକଟରେ ଗୁହାରି। ବାୟାବାବା ତୁମ ଆତ୍ମାକୁ ଶାନ୍ତି ଦିଅନ୍ତୁ।
-:ତୁମର ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀମାନେ।
ଧ-୧୭୬୫୭

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମଇନା ମାହାରୀ**
କେରେଣ୍ଟିଆପାଳ, ପୁରୀ
ତିରୋଧାନ: ୩୧।୦୭।୨୦୧୪
ଆଜି ଷଷ୍ଠତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
କୁଣ୍ଡେଇ ପଞ୍ଚାୟତ ଅଫିସ୍, ସନାତନ ସାହୁ ଏବଂ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୭୬୫୯

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶୈଳବାଳା ସାହୁ**
ପତନି, କେନ୍ଦୁପଲ୍ଲୀ, ବାଙ୍କୀ, କଟକ
ଆବିର୍ଭାବ: ୧୪।୧୦।୧୯୬୦
ତିରୋଧାନ: ୨୪।୦୬।୨୦୨୦
(ଆଷାଢ଼ ଶୁକ୍ଲପକ୍ଷ ତୃତୀୟା ତିଥି)
ବୋଉ, ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା, ତୋର ଶୂନ୍ୟତା ଆମ୍ଭେମାନେ ସବୁବେଳେ ଅନୁଭବ କରୁଛୁ। ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମେ ଭୁଲିପାରିବୁ ନାହିଁ। ଆଜି ଜଗନ୍ନାଥଙ୍କ ପାଖରେ ତୋର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ନିତ୍ୟାନନ୍ଦ ସାହୁ, ପୁଅ-ବୋହୂ,ଝିଅ-ଜ୍ୱାଇଁ ଭଣଜା-ଭାଣିଜୀ, ନାତି-ନାତୁଣୀ ଏବଂ ପରିବାରବର୍ଗ ।
ଧ-୬୯୫୧୯

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ଶୁଭଦ୍ରା ଦାସ**
ସ୍ୱାମୀ - ପିତାମ୍ବର ଦାସ
ଗୋପ୍ପିରା, ଚନ୍ଦନନଗର, ପଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଆବିର୍ଭାବ : ୦୧.୦୧.୧୯୫୦
ତିରୋଧାନ : ୨୧.୦୬.୨୦୨୦
ବୋଉ ! ଆମକୁ ଆଲୋକ ଦେଖେଇଲୁ ଏବଂ ସବୁ ଝଡ଼ଝଞ୍ଜାରେ କାନୀପଣତ ଘୋଡ଼େଇ ଜୀବନ ଜିଇବାର ରାସ୍ତା ଦେଖେଇଲୁ ।
ଏମିତି ଅଧାରାସ୍ତାରେ ଆମକୁ ଛାଡ଼ି ଗ୍ଲଲିଗଲୁ... ଅନାଥ କରିଦେଇ ଗଲୁ । କର୍ମ ହିଁ ଥିଲା ତୋର ପୂଜା ଆଉ ପୁଣ୍ୟ । ତୋର ପ୍ରଦର୍ଶିତ ଏହି କର୍ମମୟ ଜୀବନର ଆଦର୍ଶ ଆମକୁ ସଦା ପ୍ରେରଣା ଯୋଗାଉଥିବ ।
ତୋ ଅମର ଆତ୍ମାର ସଦ୍‌ଗତି ଓ ବୈକୁଣ୍ଠପ୍ରାପ୍ତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ । ॥ ଇତି ॥
ହତଭାଗ୍ୟ ପୁତ୍ର ବାବୁ, ହାକିମ, ସୁଶାନ୍ତ, ପ୍ରଶାନ୍ତ
ହତଭାଗ୍ୟ ପୁତୁରା ବିଷ୍ଣୁ, ମହେଶ୍ୱର ଏବଂ
ସମସ୍ତ ଶୋକସନ୍ତପ୍ତ ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ
ଧ-୧୭୬୭୮

# ଟିକ୍‌ଟକ୍ ବ୍ୟାନ୍ ପରେ..





**ଟିକ୍ ଟକ୍ , କାହାକୁ ଯୋଗଉଥିଲା ମନୋରଞ୍ଜନର ଭରପୂର ଖୋରାକ ତ କାହା ପାଇଁ ପାଲଟିଥିଲା ନିଜ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ମାଧ୍ୟମ। ଆଉ ପୁଣି ଅନେକଙ୍କୁ ରାତାରାତି ଷ୍ଟାର ବନାଇବାରେ ବି ବେଶ୍ ସାହାଯ୍ୟ କରିଥିଲା। ତଥାପି ଭାରତରେ ଏହାର ବ୍ୟବହାରକୁ କରାଗଲା ବ୍ୟାନ୍, କାରଣ ଏହା ଥିଲା ଏକ୍ ଚାଇନିଜ୍ ଆପ୍...**




ଖୁବ୍ କମ୍ ଦିନ ମଧ୍ୟରେ ଲୋକପ୍ରିୟତାର ଚରମ ସୀମାରେ ପହଞ୍ଚିପାରିଥିଲା ଟିକ୍ ଟକ୍ ଆପ୍। ପିଲାଠୁ ବୃଦ୍ଧ, ସାଧାରଣ ଲୋକଙ୍କଠାରୁ ସେଲିବ୍ରେଟୀ ପର୍ଯ୍ୟନ୍ତ ସମସ୍ତେ ଏହାର ମାୟାରେ କବଳିତ ହୋଇସାରିଥିଲେ। କାହାକୁ ଏହା ମନୋରଞ୍ଜନର ଭରପୂର ଖୋରାକ ଯୋଗାଉ ଥିଲା ତ କାହା ପାଇଁ ଏହା ପାଲଟିଥିଲା ନିଜ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ମାଧ୍ୟମ । ଏହା ପୁଣି ଅନେକଙ୍କୁ ରାତାରାତି ଷ୍ଟାର ବନାଇବାରେ ବି ବେଶ୍ ସାହାଯ୍ୟ କରିଥିଲା। ତେବେ ଏକ ଚାଇନିଜ୍ ଆପ୍ ହୋଇଥିବାରୁ ଭାରତରେ ଏହାକୁ ବ୍ୟାନ୍ କରାଯିବା ପରେ ଯୁବପିଢିଙ୍କର ଏନେଇ କ'ଣ ରହିଛି ପ୍ରତିକ୍ରିୟା...

**ବିକଳ୍ପ ନିହାତି ଦରକାର:** ଟିକ୍‌ଟିକ୍ ଏକ ଏଭଳି ପ୍ଲାଟଫର୍ମ ଥିଲା ଯାହା ପିଲା, ଯୁବତୀଯୁବକ, ଗୃହିଣୀ, କର୍ମଜୀବୀ ମହିଳା ବା ପୁରୁଷ ହୁଅନ୍ତୁ ଅବା ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ଅନେକଙ୍କୁ ନିଜ ଲୁକ୍କାୟିତ ପ୍ରଭିତା ଲୋକଲୋଚନକୁ



ଆଣିବାର ସୁଯୋଗ ଦେଇପାରିଥିଲା। ସମୟ ଅଭାବରୁ ଅବା ସୁଯୋଗ ଅଭାବରୁ ଯେଉଁମାନେ ନିଜ ପ୍ରତିଭା ପ୍ରଦର୍ଶନରୁ ବଞ୍ଚିତ ହେଉଥିଲେ ସେମାନଙ୍କ ଲାଗି ଏହା ଥିଲା ବେଷ୍ଟ ମାଧ୍ୟମ। କେତେକଙ୍କୁ ଏହା ନା କେବଳ ବେଶ୍ ଲୋକପ୍ରିୟ କଳାକାର କରାଇପାରିଥିଲା ବରଂ ରୋଜଗାରର ପନ୍ଥା ବି ସାଜିଥିଲା। ତା'ଛଡା ଏହା ସମସ୍ତଙ୍କୁ ମନୋରଞ୍ଜନର ଭରପୂର ଖୋରାକ ବି ଦେଉଥିଲା। ହେଲେ ଟିକ୍‌ଟକ୍ ଆପ୍ ଚାଇନିଜ୍ ତେଣୁ ଭାରତୀୟ ଟିକ୍‌ଟକ୍ ଆର୍ଟିଷ୍ଟଙ୍କ ସଫଳତାର ମୂଲ୍ୟ ବି ସେମାନଙ୍କ ପାଖିକୁ ଚାଲିଯାଉଥିଲା, ଯେଉଁଥିପାଇଁ ଆମ ଦେଶରେ ଏହା ବ୍ୟାନ୍ ହେବା ସମ୍ପୂର୍ଣ୍ଣ ଠିକ୍ ନିଷ୍ପତ୍ତି ବୋଲି କହିବି। କିନ୍ତୁ ଏହାକୁ ବ୍ୟବହାର କରୁଥିବା କଳାକାରମାନଙ୍କ ପ୍ରତିଭା ଯେପରି ପୁଣି ଲୁଚି ନ ଯାଏ, ସେଥିପାଇଁ ଏହାର କୌଣସି ଭଲ ବିକଳ୍ପ ଆପ୍ ଆମ ଦେଶରେ ବି ଆରମ୍ଭ ହେବା ନିହାତି ଦରକାର।


– ମିଷ୍ଟର. ଗୁଲୁଆ, ଯୁଟ୍ୟୁବର

**ଅନେକ ପ୍ରତିଭାକୁ ଲୋକପ୍ରିୟତା ଦେଇଥିଲା:** ବିନା ପାହାଚରେ କେହି ଆଗକୁ ବଢ଼ି ପାରନ୍ତି ନାହିଁ। ସମସ୍ତେ ଗୋଟିଏ ଗୋଟିଏ ପ୍ଲାଟଫର୍ମକୁ ଆପଣାଇ ସଫଳତା ପାଇଥାନ୍ତି। ଠିକ୍ ଯେମିତି ସୁଯୋଗ ପାଉ ନ ଥିବା ଅନେକ କଳାକାରଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରି ଲୋକପ୍ରିୟତା ହାସଲ କରିବାର ସୁଯୋଗ ଦେଇପାରିଥିଲା ଟିକ୍‌ଟକ୍ ଆପ୍। ନିଜେ ଜଣେ ଟିକ୍‌ଟିକ୍ ଆର୍ଟିଷ୍ଟ ଭାବେ କହିବି ଏଥିରେ ଭିଡିଓ କରି ଲୋକଙ୍କୁ ହସାଇବା ଏବଂ ପ୍ରଶଂସକମାନଙ୍କଠାରୁ ପ୍ରଶଂସା ସାଉଁଟିବାରେ ଯେଉଁ ଆନନ୍ଦ ମିଳୁଥିଲା ତାହା ଅବର୍ଣ୍ଣନୀୟ। ତେଣୁ ହଠାତ୍ ଏହି ଆପ୍ ବ୍ୟାନ୍ ହେବା ଖବର ମନକୁ କଷ୍ଟ ଦେଇଥିଲା ସତ, ହେଲେ ଚାଇନାକୁ କଡା ଜବାବ ଦେବା ଲାଗି ଭାରତର ଏହି ପଦକ୍ଷେପରେ ମୁଁ ଖୁସି। ତେଣୁ ଏହା ବଦଳରେ ଅନ୍ୟ ଆପ୍ କିମ୍ବା ୟୁଟ୍ୟୁବ୍ ସାହାଯ୍ୟରେ ନିଜେ ଭିଡିଓ ପ୍ରସ୍ତୁତ କରିବା ସହ ଅନ୍ୟ ଟିକ୍‌ଟକ୍ କଳାକାରମାନେ ନିଜ ପ୍ରତିଭାକୁ ଚାପି ନ ରଖି ଏପରି କରିବାକୁ ପରାମର୍ଶ ଦେବି।



– ଗିରିଜା ପଣ୍ଡା(କାକା), ଟିକ୍‌ଟକ୍‌ର

**ସ୍ୱାଗତଯୋଗ୍ୟ ପଦକ୍ଷେପ:** ଓଡ଼ିଶାର କଳା ଜଗତ ବିଶାଳ ନୁହେଁ । ତେଣୁ ସୁଯୋଗ ପାଉ ନ ଥିବା କଳାକାରମାନେ ଉଭୟ ଟିକଟକ୍ ଓ ୟୁଟ୍ୟୁବକୁ ବ୍ୟବହାର କରି ସାମ୍ନାକୁ ଆସୁଛନ୍ତି । ତଫାତ ଏତିକି ଯେଉଁମାନେ ଟିକ୍‌ଟକ୍ ବ୍ୟବହାର କରୁଥିଲେ, ସେମାନେ ଅରିଜିନାଲ କଣ୍ଟେଣ୍ଟ ବଦଳରେ ଅନ୍ୟକୁ କପି କରୁଥିଲେ। ହେଲେ ଏଭଳି ଚାଇନା ଆପ୍‌କୁ ଯଦି ଆମ ଦେଶ ବ୍ୟାନ୍ କରିଛି ତେବେ ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜଣେ ୟୁଟ୍ୟୁବର ହିସାବରେ ଟିକ୍‌ଟକ୍ ବ୍ୟବହାର କରୁଥିବା ସମସ୍ତଙ୍କୁ ଏହି ବ୍ୟାନ୍‌କୁ ନେଇ ଦୁଃଖ ପ୍ରକାଶ ନ କରିବା ଦରକାର ବୋଲି କହିବି। କାରଣ ଅପରପକ୍ଷେ ଏହା ବଦଳରେ ଅନ୍ୟ ଇଣ୍ଡିଆନ୍ ଆପ୍ ବ୍ୟବହାର କରି କାହାର କପି ନ କରି ନିଜସ୍ୱ ପ୍ରତିଭାକୁ ସର୍ବସମ୍ମୁଖକୁ ଆଣିବା ଲାଗି ଏହାହିଁ ସେମାନଙ୍କ ଲାଗି ସୁବର୍ଣ୍ଣ ସୁଯୋଗ ।



– ବଷ୍ଟି ଆର୍ ସାମଲ(ଫନି ଅନୁଗୁଳିଆ), ୟୁଟ୍ୟୁବର

**କଳାକାରଙ୍କୁ ପୁନଃ ସୁଯୋଗର ଅପେକ୍ଷା:** ପାଠପଢ଼ା ଏବଂ ଅନ୍ୟାନ୍ୟ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଅଭିନୟ ପ୍ରତି ଥିବା ନିଜ ରୁଚିକୁ କେବେ ଲୋକଲୋଚନକୁ ଆଣିବାର ସୁଯୋଗ ପାଇ ନ ଥିଲି। ହେଲେ ଟିକ୍‌ଟିକ୍ ହିଁ ମୋତେ ମୋର ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେଇ ଲୋକପ୍ରିୟତା ହାସଲ କରିବାରେ ସାହାଯ୍ୟ କରିଥିଲା। ଯେତେବେଳେ ମୋ ଭିଡିଓରେ ଭ୍ୟୁୟର୍ସଙ୍କ ସଂଖ୍ୟା, ଲାଇକ୍ ବଢୁଥିଲା ଆଉ ଭଲ ଭଲ କମେଣ୍ଟ ମିଳୁଥିଲା ଖୁବ୍ ଖୁସି ଲାଗୁଥିଲା। ତେବେ ଏହା ବନ୍ଦ ହୋଇଯିବା ପରେ ଯଦିଓ ଦୁଃଖ ଲାଗୁଛି କିନ୍ତୁ ଚାଇନିଜ୍ ଆପ୍ ବ୍ୟବହାରରୁ ଦୂରେଇ ରହିପାରିବି ବୋଲି ଅଧିକ ଖୁସି ଅଛି। ଖୁବ୍ ଶୀଘ୍ର ଟିକ୍‌ଟକ୍ ଠାରୁ ଅଧିକ ଭଲ ଫାସିଲିଟି ଥିବା ଭଳି ଇଣ୍ଡିଆନ୍ ଆପ୍ ଆମ ଭଳି କଳାକାରଙ୍କୁ ପୁନଃ ସୁଯୋଗ ଦେବ ବୋଲି ଆଶା ରଖିଛି।



– ଏସାନ୍ ମନୋଜ, ଟିକ୍‌ଟକର୍, ଭୁବନେଶ୍ୱର

**ଯୋଗାଉଥିଲା ଭରପୂର ମନୋରଞ୍ଜନ:** ଟିକ୍‌ଟକ୍ ଭିଡିଓ ନିଜେ କରିବା ଅପେକ୍ଷା ଦେଖିବାକୁ ଖୁବ୍ ଭଲ ଲାଗୁଥିଲା। ଖୁବ୍ କମ୍ ସମୟରେ ଏହି ଭିଡିଓରେ ବିଭିନ୍ନ ପ୍ରକାରର ଅଭିନୟ ପ୍ରାୟ ସମସ୍ତଙ୍କୁ ଭରପୁର ମନୋରଞ୍ଜନ ଯୋଗାଇପାରୁଥିଲା। ଏହା ଅନେକଙ୍କ ଲାଗି ବିଶେଷ କରି ଆଜିର ଯୁବପିଢିଙ୍କ ଲାଗି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଏକ ବଳିଷ୍ଠ ମାଧ୍ୟମ ସାଜିଥିଲା। ଯେକେହି ଯେକୌଣସି ସମୟରେ ବିନା କାହାର ସାହାଯ୍ୟରେ ନିଜ ମୋବାଇଲ୍‌ରେ ବିଭିନ୍ନ ଭିଡିଓ ରେକର୍ଡ କରିପାରୁଥିଲେ। ତେବେ ଦୁଃଖର ବିଷୟ ଏହି ଆପ୍ ଯଦି ଚାଇନାର ନ ହୋଇ ଅନ୍ୟ କେଉଁ ଦେଶ କିମ୍ବା ଆମ ଦେଶର ହୋଇଥାନ୍ତା ବୋଧହୁଏ ବ୍ୟାନ୍ ହୋଇ ନ ଥାନ୍ତା।



– ସୁଭଦ୍ରା ଦାସ, ଛାତ୍ରୀ, କଟକ

**–ପୌର୍ଣ୍ଣମାସୀ, ସହାୟତା– କୁମାରଶ୍ରୀ**

## ଏ ସପ୍ତାହର ପ୍ରଶ୍ନ

୧– ଦି ଇନ୍‌ସ୍ୟୁରାଶନ୍ ରେଗୁଲେଟରୀ ଆଣ୍ଡ୍ ଡେଭେଲପ୍‌ମେଣ୍ଟ ଅଥୋରିଟି ଦ୍ୱାରା କୋଭିଡ–୧୯ ଲାଗି ପ୍ରସ୍ତୁତ ହେଲ୍‌ଥ ପଲିସିର ନାମ......... ?
୨– ୧୫ତମ ଫାଇନାନ୍ସ କମିଶନର ଚେୟାରପର୍ସନ.......... ?
୩– ମୋଶନ ପିକ୍ଚର– ଡ୍ରାମାରେ ବେଷ୍ଟ ଆକ୍ଟର ଭାବେ ୨୦୨୦ ଗୋଲ୍ଡେନ୍ ଗ୍ଲୋବ ଆୱାର୍ଡ ପାଇଥିବା ଅଭିନେତା ............. ?
୪– ଭାରତ ରତ୍ନ ପାଇଥିବା ଶାହାନାଇ ବାଦକ........ ?
୫– 'ଏ ହିମାଳୟାନ୍ ଲଭ୍ ଷ୍ଟୋରୀ' ପୁସ୍ତକ ........... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ପି. ହରିକ୍ରିଷ୍ଣା।
୨ ମର୍ତ୍ତ୍ୟପୁରରେ ଜମରାଜ
୩ ଡାଟା ସିକ୍ୟୁରିଟି କାଉନ୍ସିଲ ଅଫ୍ ଇଣ୍ଡିଆ
୪ ପ୍ରୋଟିନ
୫ ପୂର୍ବ ଆଣ୍ଟାର୍କଟିକା

## ଉତ୍ତରଦାତା



ସାହାନା ମୁର୍ମୁ, ମୟୂରଭଞ୍ଜ



ରିନା ରାଣୀ ପଲାଇ, କେନ୍ଦ୍ରାପଡା



ଅଭିଷେକ ବଳ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବବୃହତ୍ ପବ୍ଲିକେଶନ କମ୍ପାନୀ



୧– ପିଅର୍ସନ୍...................................................... ଲଣ୍ଡନ
୨– ରେଲେକ୍ସ ଗ୍ରୁପ୍.......................... ଲଣ୍ଡନ, ନେଦରଲାଣ୍ଡ, ଆମେରିକା
୩– ଥମସନ୍ ରିଉଟର୍ସ.................................................. କାନାଡା
୪– ବେଟ୍ରେଲ୍‌ସମାନ୍................................................ ଜର୍ମାନୀ
୫– ୱ୍ଲର୍ସ କ୍ଲୁୟର.............................................. ନେଦରଲାଣ୍ଡ
୬– ହାଚେଟ୍ ଲିଭର୍.................................................. ଫ୍ରାନ୍ସ
୭– ଗ୍ରୁପୋ ପ୍ଲାନେଟା................................................ ସ୍ପେନ୍
୮– ସ୍ପିଙ୍ଗର ନେଚର.................................................. ଜର୍ମାନୀ
୯– ସ୍କୋଲାଷ୍ଟିକ୍.................................................. ଆମେରିକା
୧୦– ମ୍ୟାକ୍‌ଗ୍ର–ହିଲ୍ ଏଜୁକେଶନ୍.................................. ଆମେରିକା

# ଯୋଗାଭ୍ୟାସ ରଖେ ଫିଟ୍

**ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ହେଲେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ବି ସନ୍ତୁଳିତ ଖାଦ୍ୟ ଖାଇବା ସହ ପ୍ରତିଦିନର ଯୋଗାଭ୍ୟାସ ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...**

- ପ୍ରତିଦିନ ଯୋଗାଭ୍ୟାସ ନ୍ୟାଚୁରାଲ ଇମ୍ୟୁନିଟି ବୁଷ୍ଟର ଭାବେ କାମ କରିଥାଏ। ଅର୍ଥାତ୍ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ। ବିଶେଷ କରି ବର୍ତ୍ତମାନ ବର୍ଷାଦିନ ଆରମ୍ଭ ହୋଇଥିବାରୁ ଯୋଗ କରିବା ଦ୍ୱାରା ଫ୍ଲୁ, ଶ୍ୱାସ ଆଦି ସମସ୍ୟା ଦେଖା ଦେଇ ନ ଥାଏ।
- ଏହା କେବଳ ଶାରୀରିକ ନୁହେଁ, ମାନସିକ ସ୍ତରରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ଫଳରେ ଚିନ୍ତା, ଅବସାଦ ଭଳି ସମସ୍ୟା ଦେଖା ଦେଇ ନ ଥାଏ ଏବଂ ମନ ପ୍ରସନ୍ନ ରହିବା ଦ୍ୱାରା କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ। ଏହାଦ୍ୱାରା ମନ ସ୍ଥିର, ଶାନ୍ତ ରହିବା ସହ ଏକାଗ୍ରତା ବୃଦ୍ଧି ପାଇଥାଏ।




- ଯୋଗ କରିବା ସମୟରେ ଶ୍ୱାସକ୍ରିୟା ଉପରେ ବେଶ୍ ଭଲ ପ୍ରଭାବ ପଡିଥାଏ। ଯାହାଦ୍ୱାରା ହୃତ୍‌ପିଣ୍ଡ ସହ ମସ୍ତିଷ୍କର କାର୍ଯ୍ୟ କ୍ଷମତା ବୃଦ୍ଧି ପାଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଫଳରେ ଭବିଷ୍ୟତରେ ହୃଦ୍‌ଘାତ କିମ୍ବା ମସ୍ତିଷ୍କ ଘାତ ହେବାର ଆଶଙ୍କା କମ୍।
- ବର୍ତ୍ତମାନ ଅଧିକାଂଶ ଯୁବପିଢିଙ୍କର ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏବଂ ଅନ୍ୟାନ୍ୟ କାରଣରୁ ମେଦ ବୃଦ୍ଧି ଏବଂ ଏଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। ହେଲେ ପ୍ରତିଦିନ ଯୋଗ କରିବା ଦ୍ୱାରା ଶରୀରରେ ଜମା ହୋଇଥିବା ଅତ୍ୟଧିକ ଚର୍ବି ନଷ୍ଟ ହୋଇ ଓଜନ ନିୟନ୍ତ୍ରଣରେ ରଖିଥାଏ। ଫଳରେ ଶରୀର ଫିଟ୍ ରହିବା ସହ ଫିଗର ମଧ୍ୟ ଆକର୍ଷଣୀୟ ଲାଗିଥାଏ।
- ଏହା ପାଚନକ୍ରିୟା ଠିକ୍ ଭାବେ ହେବାରେ ସାହାଯ୍ୟ କରିଥାଏ। ଫଳରେ ଗ୍ୟାସ୍, ବଦହଜମି, କୋଷ୍ଠ କାଠିନ୍ୟ ଭଳି ସ୍ୱାସ୍ଥ୍ୟସମସ୍ୟାରୁ ଦୂରେଇ ରଖିଥାଏ।

ଜାଣନ୍ତୁ ଦୁନିଆ

# ସେଠାକୁ ବୁଲିଯିବା ମନା

**ପୃଥିବୀରେ ଏମିତି କେତେ ସ୍ଥାନ ରହିଛି ଯେଉଁଠାକୁ ବୁଲିଯିବାକୁ ସାଧାରଣ ଲୋକଙ୍କ ଲାଗି ପ୍ରତିବନ୍ଧକ ରହିଛି। ତେବେ ଯାହା ପଛରେ ଲୁଚି ରହିଛି ଅନେକ କାରଣ। ଆସନ୍ତୁ ଜାଣିବା ଏଭଳି କିଛି ସ୍ଥାନ ସମ୍ପର୍କରେ...**

**ସାରଲାକ୍ସ ପିଟ୍, ୱେଲ୍ସ ଗ୍ରେ ପ୍ରୋଭିନ୍ସିଆଲ୍ ପାର୍କ, କାନାଡା:** ବ୍ରିଟିଶ୍ କଲମ୍ବିଆର ଉତ୍ତରପୂର୍ବ ଭାଗରେ ୨୦୧୮ ମସିହାରେ ଆବିଷ୍କାର କରାଯାଇଥିଲା ଏହି ଗୁମ୍ଫା ଏବଂ ଜଳପ୍ରପାତ ପରିପୂର୍ଣ୍ଣ ଏହି ସ୍ଥାନଟି। ଏଠାରେ ଥିବା ଗୁମ୍ଫାର ମୁଖ୍ୟ ଦ୍ୱାର ପ୍ରାୟ ୩୨୮ ଫୁଟ୍ ଲମ୍ବା ଏବଂ ୧୯୭ ଫୁଟ ଚଉଡା ବିଶିଷ୍ଟ ହୋଇଥିବା ବେଳେ ଗଭୀରତା ପ୍ରାୟ ୪୪୦ ଫୁଟ୍ ବୋଲି ଅନୁମାନ କରାଯାଏ। ଏହି ଗୁମ୍ଫା ଅଧିକାଂଶ ସମୟରେ ବରଫାଚ୍ଛନ୍ନ ହୋଇ ରହିଥାଏ। ଏହି ସ୍ଥାନ ଦୂର ଏବଂ ବିପଦପୂର୍ଣ୍ଣ ହୋଇଥିବାରୁ ମୃତ୍ୟୁର ଆଶଙ୍କାକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କୁ ସେଠାକୁ ଯିବା ମନା।

**ଜୋନ୍ ରଗ୍:** ପ୍ରଥମ ବିଶ୍ୱ ଯୁଦ୍ଧ ସମୟରେ ଫ୍ରାନ୍ସର ଉତ୍ତରପୂର୍ବରେ ୪୬୦ ବର୍ଗମାଇଲ୍ ପ୍ରଶସ୍ତ ଏକ ସ୍ଥାନରେ ପ୍ରାୟ ୩୦୦ ଦିନ ଧରି ଯୁଦ୍ଧ ଲାଗି ରହିଥିଲା ଏବଂ ପ୍ରାୟ ୩୦୦,୦୦୦ରୁ ଊର୍ଦ୍ଧ୍ୱ ଫ୍ରେଞ୍ଚ ଏବଂ ଜର୍ମାନ ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ ସେହି ଯୁଦ୍ଧ ସ୍ଥାନର ନାମ ରଖାଗଲା ଜୋନ୍ ରଗ୍ ବା ରେଡ୍ ଜୋନ୍। ସେଠାରେ ପଡି ରହିଥିବା ଅସଂଖ୍ୟ ଅସ୍ତ୍ରଶସ୍ତ୍ର ଏବଂ ଖୋଳ ଆଦି ଦ୍ୱାରା ବହୁ ସଂଖ୍ୟାରେ ଉଚ୍ଚ କୁଦ ସୃଷ୍ଟି ହୋଇଥିବା ବେଳେ ବନ୍ଧୁକ, କମାଣ ଆଦିର ବହୁଳ ବ୍ୟବହାର ଲାଗି ଅନେକ ପୋଖରୀ ସଦୃଶ ଖାଲ ମଧ୍ୟ ସୃଷ୍ଟି ହୋଇଛି, ଯାହାଫଳରେ ଉକ୍ତ ସ୍ଥାନ ଭିତରକୁ ଯିବା ବିପଦପୂର୍ଣ୍ଣ ହୋଇଥିବାରୁ ସାଧାରଣ ଲୋକଙ୍କୁ ସେଠାକୁ ଯିବା ପ୍ରତି ପ୍ରତିବନ୍ଧକ ଲାଗୁ କରାଯାଇଛି।



## ଗଞ୍ଜାମ ଗଲେ ୪ ଡିଏସ୍‌ପି, ୪ ପ୍ଲାଟୁନ ଫୋର୍ସ

କଟକ ଅଫିସ୍: ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ରାଜ୍ୟ ପୋଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶନିବାର ୪ ଜଣ ଯୁବ ଡିଏସ୍‌ପି ଏବଂ ୪ ପ୍ଲାଟୁନ ଫୋର୍ସ ଗଞ୍ଜାମ ଜିଲାକୁ ପଠାଯାଇଛି। ସେମାନେ କରୋନା ମୁକାବିଲା ଦିଗରେ ସ୍ଥାନୀୟ ପୋଲିସକୁ ସହଯୋଗ କରିବେ। ଶନିବାର ଏମାନେ କାର୍ଯ୍ୟରେ ଯୋଗ ଦେଇଥିବା ଡିଜିପି ଅଭୟ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ଭୁବନେଶ୍ୱର,୪।୭ (ବ୍ୟୁରୋ): ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳର ନିରଞ୍ଜନ ନାୟକ। ଏ ନେଇ ପୋଲିସ ନଂ.୩୦୯/୨୦ରେ ମାମଲା ରୁଜୁ କରିଛି। ନିରଞ୍ଜନ ଏହି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ରହି ଠିକାଦାର କାମ କରୁଥିଲେ। ୧୩ ବର୍ଷ ପୂର୍ବେ ନିରଞ୍ଜନ କରିଥିବାବେଳେ ସ୍ତ୍ରୀ ଶରଣକୂଳସ୍ଥିତ ଗ୍ରାମରେ ରହୁଥିଲେ। ମାତ୍ର ନିରଞ୍ଜନ ନିଜକୁ ଅବିବାହିତା କହିବା ସହ ନିଜ ନାମ ବିଶ୍ୱଜିତ ସାହୁ କହି ଭରତପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ମାତ୍ର ଦ୍ୱିତୀୟ ବିବାହ କରିଥିବା ସ୍ତ୍ରୀଙ୍କୁ ଅନେକ ସମୟରେ ଟଙ୍କା ପଇସା ମାଗି ନିରାଶ ହେବା ପରେ ନିର୍ଯାତନା ଆରମ୍ଭ କରିଥିଲେ। ଉକ୍ତ ଯୁବତୀ ଜଣକ ନିରଞ୍ଜନଙ୍କ ସବୁ ଘଟଣା ଜାଣିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ନିରଞ୍ଜନ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମାଡ ମାରିଥିଲେ। ନିର୍ଯାତନା ଓ ଠକେଇ କରିଥିବା ନେଇ ଦ୍ୱିତୀୟ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରି ଶୁକ୍ରବାର ନିରଞ୍ଜନଙ୍କୁ ଗିରଫ କରିଥିଲା।

## ଜଳିଗଲା କ୍ୟାବିନ

ବାଲିଅନ୍ତା,୪।୭(ଡି.ଏନ.ଏ): ବାଲିଅନ୍ତା ଥାନା ଅଧୀନ ଅଲାରପୁର ଗାଁମୁଣ୍ଡ ପୁରୀ ମୁଖ୍ୟ କେନାଲ ପାର୍ଶ୍ୱରେ ଥିବା ଏକ କ୍ୟାବିନରେ ଶୁକ୍ରବାର ବିଳମ୍ବିତ ରାତିରେ କେହି ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। କାଠ କ୍ୟାବିନ ହୋଇଥିବାରୁ ଏହା ପୂରା ଜଳିଯାଇଛି। ସମସ୍ତ ଆସବାବପତ୍ର ପୋଡ଼ିଯାଇଥିବା ଜିତେନ୍ଦ୍ର ଭୋଇ କହିଛନ୍ତି। ଜିତେନ୍ଦ୍ର ଶନିବାର ସକାଳୁ କ୍ୟାବିନ ଖୋଲିବାକୁ ଆସି ଦୋକାନ ଜଳିଯାଇଥିବା ଦେଖି ପୋଲିସକୁ ଜଣାଇଥିଲେ।

## ୪୦ଜଣଙ୍କ ସ୍ୱାବ ସଂଗ୍ରହ

କଟକସଦର,୪।୭(ଡି.ଏନ.ଏ): କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ଗ୍ରାମରୁ ୩୦ ଓ ବେଣ୍ଟକାର ଗ୍ରାମରୁ ୧୦ ପ୍ରବାସୀଙ୍କ ସ୍ୱାବ ଶନିବାର ସଂଗ୍ରହ କରାଯାଇଛି। ପ୍ରହରାଜପୁର ଗ୍ରାମର ସ୍ୱାବ ସଂଗ୍ରହ କରିଥିବା ବ୍ୟକ୍ତିମାନେ ଜଣେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ବର୍ତ୍ତମାନ ଆକ୍ରାନ୍ତ ଜଣକ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ବିଶେଷ କରି କିଶନନଗର ଓ କନ୍ଦରପୁର ଥାନା ଅଞ୍ଚଳରେ ଲୋକେ କୋଭିଡ ନିୟମ ଉଲ୍ଲଂଘନ କରୁଥିବାର ଦେଖିବାକୁ ମିଳୁଛି। ଏହାସହ ବହୁ ଲୋକ ଏକତ୍ରିତ ନ ହେବା ନେଇ ନିର୍ଦ୍ଦେଶ ଥିଲେ ମଧ ବିବାହ, ଭୋଜିରେ ୫୦ରୁ ଉର୍ଦ୍ଧ୍ୱ ଲୋକ ଏକତ୍ରିତ ହେଉଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବଟି ନ ଦେବାରୁ ଦମ୍ପତିଙ୍କୁ ଆକ୍ରମଣ

ନିମାପଡ଼ା, ୪।୭(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ଛକରେ ବଟି ମାଗିବାବେଳେ ନ ଦେବାରୁ ଦଳିତ ଦମ୍ପତିଙ୍କୁ ୨ ଯୁବକ ଆକ୍ରମଣ କରିଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଦଫା ୩୪୧, ୩୨୩, ୨୯୪, ୫୦୬, ୫୦୯, ୩୫୪, ୩୮୫, ୩ଏସ୍‌ସି ଏସ୍‌ଟି ସହ କେସ୍ ନଂ. ୧୪୧/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଆହତ ଦମ୍ପତି ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଗୋପ ଥାନା ଅଧୀନ ଆଢ଼େଣା ଗ୍ରାମର ସନାତନ ଭୋଇ ଓ ତାଙ୍କ ସ୍ତ୍ରୀ ଝିଲ୍ଲୀ ବାମନାଳ ବଜାରକୁ ଔଷଧ କିଣିବାକୁ ଆସିଥିଲେ। ସେହି ଗ୍ରାମର ଶକ୍ତି ପ୍ରସାଦ ରଣସିଂହ ଓ ରାହାଙ୍ଗୋରଡ଼ା ଗ୍ରାମର ବ୍ୟୋମକେଶ ମହାନ୍ତି ଦମ୍ପତିଙ୍କୁ ବଟି ମାଗିଥିଲେ। ସେମାନେ ନ ଦେବାରୁ ଦୁଇଜଣ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରି ମାଡ଼ ମାରିଥିଲେ। ପରେ ଦମ୍ପତି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବାଲିଅନ୍ତାରେ ପ୍ରସୂତି ମହିଳା ପଜିଟିଭ୍

ବାଲିଅନ୍ତା,୪।୭(ଡି.ଏନ.ଏ): ବାଲିଅନ୍ତା ବ୍ଲକ ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଶୁକ୍ରବାର ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ମହିଳା ଜଣକ ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ଏକ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ଡେଲିଭରି ପୂର୍ବରୁ ତାଙ୍କର ସ୍ୱାବ ଟେଷ୍ଟ ପାଇଁ ପଠାଯାଇଥିଲା। ଶୁକ୍ରବାର ରିପୋର୍ଟ ପଜିଟିଭ ଆସିବା ପରେ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି। ମହିଳା ଜଣକ ବାଲିଅନ୍ତା ଅଞ୍ଚଳର ହୋଇଥିବାବେଳେ ଗତବର୍ଷ କଟକରେ ବିବାହ କରିଥିଲେ। ଏବେ ବାପଘରେ ଥିବାବେଳେ ୧୦ଦିନ ତଳେ ଏକ ବିବାହ କାର୍ଯ୍ୟରେ କଟକ ଯାଇ ସେଠାରେ ଥିଲେ। ମହିଳାଙ୍କ ଚିହ୍ନଟ ପରେ ଶନିବାର ଏକ ମେଡିକାଲ ଟିମ ବାଲିଅନ୍ତା ଅଞ୍ଚଳ ଯାଇ ବାପଘର ଓ ପଡ଼ୋଶୀଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଶ୍ରମିକ ବେଶରେ ବସ୍ତିରେ ଅପରାଧୀ ଗ୍ୟାଙ୍ଗ୍

ଭୁବନେଶ୍ୱର,୪।୭ (ବ୍ୟୁରୋ)



- ୩ ଗିରଫ, ୮୭ ଗ୍ରାମ ସୁନା ଓ ୪୦ ଗ୍ରାମ ରୁପା ଜବତ
- ସାଇକେଲରେ ଶାବଳ ଓ ଘର ତଡ଼ା ସାମଗ୍ରୀ ନେଇ ଯାଉଥିଲେ
- ବନ୍ଦ ଘରୁ ଚୋରି, ଏକୁଟିଆ ପାଇଲେ ଲୁଟୁଥିଲେ
- ଅଭିଯୁକ୍ତଙ୍କ ନାଁରେ ରହିଛି ୨୦ରୁ ଅଧିକ ମାମଲା

ରାଜଧାନୀ ବସ୍ତିରେ ଆଡ୍ଡା ଜମାଇଛନ୍ତି ଅପରାଧୀ ଗ୍ୟାଙ୍ଗ୍। ରାଜରାସ୍ତାରୁ କଲୋନୀ ସବୁଠି ରାଜୁତି କରୁଛନ୍ତି। କରୋନା କଟକଣା ଭିତରେ କମିଶନରେଟ ପୋଲିସକୁ ଚକ୍‌ମା ଦେଇ ଗୋଟିକ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଅପରାଧୀଙ୍କ ଆଡ୍ଡା ସମ୍ପର୍କରେ ସୁରାକ ପାଇବା ପରେ ପୋଲିସ ଚଢ଼ାଉ ଆରମ୍ଭ କରିଛି। ଶାନ୍ତିପଲ୍ଲୀ ବସ୍ତିରୁ ଏକ ବଡ଼ ଅପରାଧୀ ଗ୍ୟାଙ୍ଗକୁ ଧରିବା ପରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି ପୋଲିସ। ଗ୍ୟାଙ୍ଗ୍‌ର ଦୁଇ ମାଷ୍ଟରମାଇଣ୍ଡ୍ ଓ ଜଣେ ସହଯୋଗୀଙ୍କୁ ଗିରଫ କରିଛି ସ୍ପେଶାଲ ସ୍କ୍ୱାଡ୍। ସେମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲା ଇଚ୍ଛାପୁର ଥାନାଞ୍ଚଳର ସନ୍ତୋଷ ରେଡ୍ଡୀ ଓରଫ ସନ୍ତୁ, ପୁରୀ ଜିଲା ଅସ୍ତରଙ୍ଗ ଥାନାଞ୍ଚଳର ଭାସ୍କର ମହାପାତ୍ର ଓରଫ ଶିବ ଓ କଟକ ଜିଲା ବାଙ୍କୀ ଥାନା ଗୟଳବାଙ୍କ ଗ୍ରାମର ସଞ୍ଜୀବ କୁମାର ସିଂ ଓରଫ ପପୁ। ସେମାନଙ୍କଠାରୁ ୮୭ ଗ୍ରାମର ସୁନା ଓ ୪୦ ଗ୍ରାମର ରୁପା ଅଳଙ୍କାର ସହ ଅନ୍ୟ ଚୋରି ସାମଗ୍ରୀ ଜବତ କରାଯାଇଛି। ଏହି ଗ୍ୟାଙ୍ଗ୍ ବସ୍ତିରେ ରହି ଶ୍ରମିକ ବେଶରେ ଲୁଟ୍, ଡକାୟତି ଆଦି ବହୁ ଅପରାଧ ଘଟାଇଥିବା ଜଣାପଡ଼ିଛି। ସେହିଭଳି ବିଭିନ୍ନ ଥାନାରେ ୩ ଅଭିଯୁକ୍ତଙ୍କ ନାମରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ କହିଛି।

ସୂଚନା ମୁତାବକ, ଅଭିଯୁକ୍ତମାନେ ରାତିରେ ସାଇକେଲ ଧରି ଶ୍ରମିକ ବେଶରେ ଘୂରି ବୁଲୁଥିଲେ। ସାଇକେଲରେ ଶାବଳ ଓ ଅନ୍ୟାନ୍ୟ ଘର ତାଡିବା ସାମଗ୍ରୀ ବାନ୍ଧି ଟାର୍ଗେଟ କରିଥିବା ଘରୁ ଅତି ଚତୁରତାର ସହ ଲୁଟପାଟ କରି ଫେରାର ହୋଇଯାଉଥିଲେ। ବାଟରେ ଯାହାକୁ ପାଉଥିଲେ ଲୁଟୁଥିଲେ। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୭ଟି, ଲକ୍ଷ୍ମୀସାଗର ଓ ବଡଗଡ ଥାନା ଅଞ୍ଚଳରେ ୨ଟି ଡକାୟତି କରିଥିବା ସେମାନେ କହିଛନ୍ତି। ଲକ୍‌ଡାଉନ୍ ସମୟରେ ମଞ୍ଚେଶ୍ୱର ଥାନାଞ୍ଚଳରେ ରହୁଥିବା ଓଡିଶୀ ନୃତ୍ୟଶିଳ୍ପୀ ଜ୍ୟୋତିର୍ମୟୀ ଦାସ ଘରକୁ ପଳାଇଥିଲେ। କିଛିଦିନ ଧରି ଘର ବନ୍ଦ ଥିବା ଦେଖି ଅଭିଯୁକ୍ତ ସନ୍ତୁ, ଶିବ, ପପୁ ଓ ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟମାନେ ଶ୍ରମିକ ବେଶରେ ସାଇକେଲରେ ଯାଇ ଗ୍ରୀଲ୍ ତାଡ଼ି ଘର ଭିତରକୁ ପଶିଥିଲେ। ଲୁହା ଆଲମିରା ଲକର ତାଡି ସେଥିରୁ ୬୦ ଗ୍ରାମର ସୁନା ଓ ଓଡିଶୀ ନୃତ୍ୟରେ ବ୍ୟବହୃତ ସାମଗ୍ରୀକୁ ଚୋରି କରି ଫେରାର ହୋଇଥିଲେ। ଜ୍ୟୋତିର୍ମୟୀ ଫେରିବା ପରେ ଘରୁ ଡକାୟତି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଶୁକ୍ରବାର ସ୍ପେଶାଲ ସ୍କ୍ୱାଡ୍ ଶାନ୍ତିପଲ୍ଲୀ ବସ୍ତିରେ ଚଢ଼ାଉ କରି ସେମାନଙ୍କୁ ଧରିବା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## କରୋନାକୁ ନେଇ କଟୁରି ଚୋଟ

ଭୁବନେଶ୍ୱର,୪।୭(ବ୍ୟୁରୋ): ଗଞ୍ଜାମରୁ ଆସିଥିବା କେତେଜଣଙ୍କ ପାଇଁ ସାଲିଆସାହି ବସ୍ତିରେ ଏବେ କରୋନା ସଂକ୍ରମଣ ବଢ଼ିଯାଇଛି। କେହି ଗଞ୍ଜାମରୁ ଆସିଥିବା ଶୁଣିବାମାତ୍ରେ ଲୋକଙ୍କ ମନରେ ଛନକା ପଶୁଛି। ଲୋକେ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ ହୋଇଛି। ଶଳାର କଟୁରୀ ଚୋଟରେ ସମ୍ପର୍କୀୟ ଭିଣୋଇ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଏ ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଆକ୍ରମଣକାରୀ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନାନୁସାରେ, ମୁନା ନାମକ ଜଣେ ଯୁବକ ଓ ଅନ୍ୟ କେତେଜଣ ଗଞ୍ଜାମରୁ ସାଲିଆସାହିକୁ ଆସିଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା। ଏକଥା ଶୁଣି ମୁନା ରାଗିଯାଇ କଟୁରି ଧରି ଲୋକଙ୍କୁ ଗୋଡ଼ାଇଥିଲେ। ହେଲେ ହାବୁଡ଼ରେ ପଡିଯାଇଥିଲେ ତାଙ୍କ ସମ୍ପର୍କୀୟ ଭିଣୋଇ ରମେଶ ମହାରଣା। ଫଳରେ ମୁନା ତାଙ୍କୁ କଟୁରିରେ ବାରମ୍ବାର ଆକ୍ରମଣ କରିବାରୁ ତାଙ୍କ କାନମୁଣ୍ଡା, କାନ୍ଧ ଓ ଶରୀରର ଅନ୍ୟ କିଛି ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ଏହାକୁ ନେଇ ବସ୍ତିରେ ଉତ୍ତେଜନା ଲାଗି ରହିଛି।

## ଶଟ୍‌ଡାଉନରେ ୨ ମହିଳାଙ୍କଠାରୁ ଲୁଟ୍

ଭୁବନେଶ୍ୱର,୪।୭(ବ୍ୟୁରୋ): ଶଟ୍‌ଡାଉନ୍‌ରେ ରାଜଧାନୀରେ ମାତିଛନ୍ତି ଲୁଟେରା। ନୟାପଲୀ ଥାନା ଦୁର୍ଗାମଣ୍ଡପ ନିକଟରେ ବନ ବିଭାଗର ଜଣେ ମହିଳା କର୍ମଚାରୀଙ୍କ ସ୍କୁଟିକୁ ଧକ୍କା ମାରି ଲୁଟେରାମାନେ ତାଙ୍କ ଭ୍ୟାନିଟ୍ ଲୁଟି ନେଇଥିଲେ। ଲୁଟର ଶିକାର ମହିଳା ଜଣକ ହେଉଛନ୍ତି ଖଣ୍ଡଗିରିରେ ରହୁଥିବା ରୀତାରାଣୀ ପଟ୍ଟନାୟକ। ସେହିପରି ମେ'ଫେୟାର ହୋଟେଲ ନିକଟରେ ଅନ୍ୟଜଣେ ମହିଳାଙ୍କ ବେକରୁ ଦୁଇଜଣ ଲୁଟେରା ବାଇକରେ ଆସି ସୁନା ଚେନ୍ ଝାମ୍ପି ନେଇଥିଲେ। ଜଣେ ବ୍ୟକ୍ତି ୧୦୦ କୁ ଫୋନ୍ କରିବା ପରେ ପୋଲିସ ପହଞ୍ଚି ଦୁଇ ଲୁଟେରାଙ୍କୁ ପିଛା କରି ସାଲିଆସାହି ନୀଳଚକ୍ରନଗର ନିକଟରେ କାବୁ କରିଥିଲେ। ସେମାନଙ୍କ ଘର ସାଲିଆ ସାହିରେ, ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।



ନୀଳାଦ୍ରି ବିଜେ ଅବସରରେ ଶନିବାର ପୁରୀ ସିଂହଦ୍ୱାରସ୍ଥିତ ରଥାରୂଢ ଠାକୁରଙ୍କ ଆଗରେ ଜଣେ ସାଧୁ ବିରାଟ ଧୂପକାଠି ଜାଳୁଛନ୍ତି ।

# ମହାପ୍ରଭୁଙ୍କୁ ରସଗୋଲା ମଣୋହି

ପୁରୀ ଅଫିସ, ୪।୭:

**ପ୍ରଥାରୁ ଏବେ ପରମ୍ପରା ହୋଇଛି**

ନୀଳାଦ୍ରିବିଜେ ଅବସରରେ ଅନେକ ଭକ୍ତ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହୀ କରିଥିଲେ। ପ୍ରତିବର୍ଷ ରଥ ନିକଟରେ ବହୁ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପିତ ଦେଇଥାନ୍ତି। ହେଲେ ଏ ବର୍ଷ ସେ ସୁଯୋଗ ନ ଥିଲା। ରଥ ପାଖକୁ ଭକ୍ତଙ୍କୁ ଛଡ଼ାଯାଇ ନ ଥିଲା। ବିନା ଭକ୍ତରେ କରାଯାଇଥିଲା ଘୋଷଯାତ୍ରା। ତଥାପି ଅନେକ ଶ୍ରଦ୍ଧାଳୁ ନିଜ ଘର ଦୁଆରୁ ଏବଂ କେହି ଛାତ ଉପରୁ ମହାପ୍ରଭୁଙ୍କୁ ରସଗୋଲା ମଣୋହୀ କରୁଥିଲେ। ତେବେ ଏହି ରସଗୋଲା ମଣୋହୀ ପ୍ରଥାରୁ ଏବେ ପରମ୍ପରା ହୋଇଯାଇଛି ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର।

ଡ. ମିଶ୍ରଙ୍କ ମତରେ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ବାର୍ତ୍ତା ଦେଖିବାକୁ ମିଳିଥାଏ। ଘୋଷଯାତ୍ରାରେ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ଅଭିମାନ କରିଥିଲେ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)। ଏଥିଯୋଗୁ ଯେଉଁ ପାରିବାରିକ ଅଭିମାନ ମୁଣ୍ଡ ଟେକିଥିଲା ତାହାକୁ ଗଜପତି ମହାରାଜା ବାହୁଡ଼ା ଦିନ ଭେଟ କରାଇ ସମାଧାନର ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥିଲେ। ନିଳାଦ୍ରୀବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲା ବେଳେ ସେହି ଅଭିମାନର ପୁନରାବୃତ୍ତି ଘଟିଥାଏ। ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରର ଦ୍ୱାର ବନ୍ଦ କରିଦିଅନ୍ତି। ସେଠାରେ ଯେଉଁ ନୀତି ହୁଏ ତାହା ଲକ୍ଷ୍ମୀ-ନାରାୟଣ ବଚନିକା ଭାବେ ପ୍ରସିଦ୍ଧ। ବଚନିକା ହେବା ପରେ ମହାପ୍ରଭୁ ଜଗମୋହନକୁ ବିଜେ କଲେ ସେଠାରେ ଗଇଁଠାଳ ଫିଟା ନୀତି ହୁଏ। ଏହାପରେ ଶ୍ରୀଦେବୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ଲକ୍ଷ୍ମୀ ଠାକୁରାଣୀ ଯେତେବେଳେ ଜୟ ବିଜୟ ଦ୍ୱାର ବନ୍ଦ କରନ୍ତି ସେତେବେଳେ ମହାପ୍ରଭୁ ସାଙ୍ଗରେ ଆଣିଥିବା ମିଷ୍ଟାନ୍ନ (ରସଗୋଲା) ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥାନ୍ତି। ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନିଳାଦ୍ରୀବିଜେ ପୂର୍ବରୁ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହୀ କରିଥାନ୍ତି। ବିଶ୍ୱାସ ରହିଛି ମହାପ୍ରଭୁ ଶ୍ରୀଦେବୀଙ୍କୁ ସନ୍ତୁଷ୍ଟ କରିବା ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କୁ ସନ୍ତୁଷ୍ଟ କରିଥାନ୍ତି। ଲୋକାଚାର ପ୍ରଥା ଅନୁଯାୟୀ ଏହା ଏବେ ପରମ୍ପରାରେ ପରିଣତ ହୋଇଯାଇଛି।

# ଜିଏସ୍‌ଟି ଆଦାୟରେ ଅନ୍ତରାୟ ସାଜିଛି କରୋନା

କଟକ ଅଫିସ,୪।୭

- ଆର୍ଥିକ ବର୍ଷର ପ୍ରଥମ ୩ ମାସ ମାନ୍ଦା
- ଜିଏସ୍‌ଟି ଆଦାୟ ୩୨.୭୯ ପ୍ରତିଶତ କମିଛି

କରୋନା ଭୂତାଣୁର ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଜାରି କରିଥିବା ଲକ୍‌ଡାଉନ୍ ଯୋଗୁ କେବଳ ରାଜ୍ୟ ଅର୍ଥନୀତି ନୁହେଁ, ବରଂ ଜିଏସ୍‌ଟି ଆଦାୟ ମଧ ଗଭୀର ପ୍ରଭାବିତ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଲକ୍‌ଡାଉନ୍ ଜନିତ କଟକଣା ଯୋଗୁ ଜିଏସ୍‌ଟି ଆଦାୟ ମାନ୍ଦା ପଡ଼ିଛି। କିନ୍ତୁ ଅନ୍‌ଲକ୍ ପ୍ରକ୍ରିୟା ଚାଲୁ ହେବା ପରଠୁ ଜିଏସ୍‌ଟି ପରିଷଦ ଦ୍ୱାରା ଅନେକ ରିହାତି ତଥା ସୁବିଧା କରାଯିବା ପରେ ଜୁନ୍‌ରେ ଟିକସ ସଂଗ୍ରହରେ ଅଗ୍ରଗତି ଦେଖିବାକୁ ମିଳିଛି।

୨୦୨୦ ଜୁନରେ ୭୫୯.୧୭ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ କରିଛି ରାଜ୍ୟ। ଗତବର୍ଷ ଏହି ସମୟରେ ୮୦୪.୪୯ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ୩ ମାସ (ଏପ୍ରିଲରୁ ଜୁନ୍)ରେ ମୋଟ ୧୫୬୦.୨୦ କୋଟି ଟଙ୍କା ସଂଗ୍ରହ ହୋଇଥିବା ବେଳେ ଗତ ଆର୍ଥିକ ବର୍ଷରେ ଏହି ସମୟରେ ମୋଟ ୨୩୨୧.୩୯ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଅର୍ଥାତ ଚଳିତ ବର୍ଷର ଏହି ତିନି ମାସରେ ଜିଏସ୍‌ଟି ଆଦାୟ ୩୨.୭୯ ପ୍ରତିଶତ କମ୍ ରହିଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରଥମ ୩ ମାସ (ଏପ୍ରିଲରୁ ଜୁନ୍)ରେ ମୋଟ ଜିଏସ୍‌ଟି (କେନ୍ଦ୍ରିୟ ଜିଏସ୍‌ଟି ବା ସିଜିଏସ୍‌ଟି, ସମନ୍ୱିତ ଜିଏସ୍‌ଟି ବା ଆଇଜିଏସ୍‌ଟି, ରାଜ୍ୟ ଜିଏସ୍‌ଟି ବା ଏସ୍‌ଜିଏସ୍‌ଟି ଏବଂ ଅତିରିକ୍ତ ଟିକସ ବା ସେସ୍) ସଂଗ୍ରହ ପରିମାଣ ୫୧୯୨.୩୦ କୋଟି ଟଙ୍କା ଥିଲା। କିନ୍ତୁ ୨୦୧୯ରେ ଏହି ତିନି ମାସରେ ମୋଟ ଜିଏସ୍‌ଟି ୮୦୧୯.୪୪ କୋଟି ଟଙ୍କା ରହିଥିଲା। ଅର୍ଥାତ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏହି ଅବଧି ଭିତରେ ୩୫.୨୫ ପ୍ରତିଶତ ସଂଗ୍ରହ କମିଛି। କିନ୍ତୁ ୨୦୨୦ ଜୁନ୍‌ରେ ପରିସ୍ଥିତିରେ ସୁଧାର ଆସିଛି। ଏହି ମାସରେ ମୋଟ ଜିଏସ୍‌ଟି ୨୬୯୩.୭୫ କୋଟି ଟଙ୍କା ସଂଗ୍ରହ ହୋଇଛି। ୨୦୧୯ରେ ଜୁନ୍‌ରେ ମୋଟ ଜିଏସ୍‌ଟି ୨୯୨୩.୪୭ କୋଟି ରହିଥିଲା। ଲକ୍‌ଡାଉନ୍ ସତ୍ତ୍ୱେ ଜୁନ୍‌ରେ ଜିଏସ୍‌ଟି ସଂଗ୍ରହ ବିଶେଷ ପ୍ରଭାବିତ ହୋଇନାହିଁ।

ଅପରପକ୍ଷେ ଜୁନ୍‌ରେ ସାମଗ୍ରୀ ପରିବହନ ବଢ଼ିଛି। ଗତ ଫେବୃୟାରୀରେ ଦୈନିକ ହାରାହାରି ୨୨୧୦୪ ସଂଖ୍ୟକ ଆନ୍ତଃରାଜ୍ୟ ୱେ-ବିଲ୍ ବାହାରିଥିଲା। ଏପ୍ରିଲରେ ଏହା ୩୩୫୬କୁ ହ୍ରାସ ପାଇଥିଲା। କିନ୍ତୁ ଜୁନ୍ ଶେଷ ଆଡ଼କୁ ପରିସ୍ଥିତି ସୁଧୁରିବା ପରେ ଏହି ମାସରେ ୧୬୮୧୭ ୱେ-ବିଲ୍ ବାହାରିଛି। ସେହିପରି ଫେବୃୟାରୀରେ ଦୈନିକ ହାରାହାରି ୨୪୭୩୪ଟି ଆନ୍ତଃରାଜ୍ୟ ୱେ-ବିଲ ବାହାରିଥିଲା। ଏପ୍ରିଲରେ ଏହା ୮୫୧୭କୁ ହ୍ରାସ ପାଇଥିବା ବେଳେ ଜୁନ୍‌ରେ ବୃଦ୍ଧି ପାଇ ୨୩୫୬୭ରେ ପହଞ୍ଚିଛି।

ଲକ୍‌ଡାଉନ୍ ଯୋଗୁ ଫେବୃୟାରୀରୁ ଏପ୍ରିଲ୍ ପର୍ଯ୍ୟନ୍ତ ରିଟର୍ନ ଦାଖଲ ପ୍ରକ୍ରିୟା ପ୍ରଭାବିତ ହୋଇଥିଲା। ଟିକସଦାତାଙ୍କ ଅସୁବିଧାକୁ ଅନୁଭବ କରି ସରକାର ରିଟର୍ନ ଦାଖଲରେ ବିଳମ୍ବ ଉପରେ ଶୁଳ୍କ ଛାଡ଼ କରିଥିଲେ। ଏଥିସହ ବିଳମ୍ବରେ ପଇଠ କରିବା ଯୋଗୁ ଦେବାକୁ ପଡୁଥିବା ସୁଧ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଛାଡ଼ କରାଯାଇଛି। ଅଧିକାଂଶ ବୃହତ୍ ଟିକସଦାତା ଉପରୋକ୍ତ ସୁବିଧାର ସୁଫଳ ନେଇ ସଂଶୋଧିତ ସମୟସୀମା ମଧ୍ୟରେ ରିଟର୍ନ ଦାଖଲ କରିଛନ୍ତି। ଯେଉଁ ଟିକସଦାତାମାନେ ଉପରୋକ୍ତ ଟିକସ ଅବଧି ପାଇଁ ଏବେ ସୁଦ୍ଧା ସେମାନଙ୍କ ରିଟର୍ନ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ରିଟର୍ନ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ୫ କୋଟି ଟଙ୍କା ପର୍ଯ୍ୟନ୍ତ ଟର୍ନ ଓଭର ଥିବା ଟିକସଦାତାମାନେ ସେମାନଙ୍କ ମାର୍ଚ୍ଚର ରିଟର୍ନ ଜୁଲାଇ ୫ ସୁଦ୍ଧା ଏବଂ ଏପ୍ରିଲର ରିଟର୍ନ ଜୁଲାଇ ୯ ସୁଦ୍ଧା ବିନା ସୁଧରେ ଦାଖଲ କରିବାକୁ ବାଣିଜ୍ୟକର ଏବଂ ଜିଏସ୍‌ଟି ସଂସ୍ଥା ପରାମର୍ଶ ଦେଇଛି। ରିଟର୍ନ ଦାଖଲ ପ୍ରକ୍ରିୟାକୁ ଅଧିକ ସରଳ କରିବା ପାଇଁ ଟିକସ ଦେବାକୁ ପଡୁ ନ ଥିବା ଟିକସଦାତାମାନେ ସେମାନଙ୍କ ମାସିକ ଏବଂ ତ୍ରୈମାସିକ ବିକ୍ରୟ ବିବରଣୀ ରିଟର୍ନ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଦାଖଲ କରିବାର ବ୍ୟବସ୍ଥା ଜିଏସ୍‌ଟିଏନ୍ ଦ୍ୱାରା ଆରମ୍ଭ ହୋଇଛି ବୋଲି ବାଣିଜ୍ୟକର ଏବଂ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନୀ ପ୍ରକାଶ କରିଛନ୍ତି।

## ଜମିବାଡ଼ି ବିବାଦ ନେଇ ଗଣ୍ଡଗୋଳ, ୨ ଗିରଫ

କଣ୍ଟାପଡ଼ା,୪।୭(ଡି.ଏନ୍.ଏ.): ଓଲଟପୁର ଥାନା ଅନ୍ତର୍ଗତ ଅଡ଼ଶପୁର ନଈକୂଳ ସାହିରେ ଜମିବାଡିକୁ କେନ୍ଦ୍ରକରି ଶନିବାର ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅଭିମନ୍ୟୁ ପ୍ରଧାନ(୪୫) ଓ ପୁଅ ଅଜିତ୍ ପ୍ରଧାନ(୨୧)। ସୂଚନା ଅନୁଯାୟୀ, ଜମିବାଡିକୁ କେନ୍ଦ୍ରକରି ବଡ଼ଭାଇ ଅଭିମନ୍ୟୁ ଓ ସାନଭାଇ ହୃଦାନନ୍ଦଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିଲା। ଏହାକୁ ନେଇ ଶନିବାର ସକାଳେ ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ହୃଦାନନ୍ଦଙ୍କ ହାତ ଭାଙ୍ଗି ଯାଇଥିବାବେଳେ ତାଙ୍କ ସ୍ତ୍ରୀ ନିନିଙ୍କର ମୁଣ୍ଡ ଫାଟି ଯାଇଛି। ହୃଦାନନ୍ଦଙ୍କ ଅଭିଯୋଗକ୍ରମେ ଏ ନେଇ ଥାନାରେ ଏକ ମାମଲା (ନଂ.୬୬/୨୦) ରୁଜୁ ହୋଇଛି।

## ଶ୍ରମିକ ବିରୋଧୀ ନୀତି ବିରୋଧରେ ଟ୍ରେଡ୍ ୟୁନିୟନର ଧାରଣା

ଭୁବନେଶ୍ୱର,୪।୭(ବ୍ୟୁରୋ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଘ ଏବଂ ବିଭିନ୍ନ ଫେଡେରେଶନ ପକ୍ଷରୁ ସାରା ଦେଶରେ ଅସହଯୋଗ ଆନ୍ଦୋଳନ କରାଯାଇଛି। ଏହାକୁ ସମର୍ଥନ ଜଣାଇ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶୁକ୍ରବାର ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ମୋଦି ସରକାର ଏକତରଫା ଭାବେ ସମସ୍ତ ଶ୍ରମ ଆଇନକୁ ବାତିଲ କରି ୪ଟି ଲେବର କୋଡ୍‌ରେ ପରିଣତ କରିବା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଭଳି ରାଜ୍ୟରେ ସମସ୍ତ ଶ୍ରମଆଇନକୁ ବାତିଲ କରିବା, ଓଡ଼ିଶା ସରକାର ୩୦୦ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଶ୍ରମିକ କାରଖାନାକୁ ତାଲାବନ୍ଦ ଓ ଛଟେଇ ପାଇଁ ମାଲିକଙ୍କୁ କ୍ଷମତା ଦେବା, ଦୈନିକ କାର୍ଯ୍ୟ ସମୟ ୮ରୁ ୧୨ ଘଣ୍ଟାକୁ ବୃଦ୍ଧି, କୋଇଲା ଓ ରେଲ୍‌ୱେକୁ ଘରୋଇକରଣର ପ୍ରତିବାଦ କରାଯାଇଥିବା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା ସଭାପତି ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି । ସିଆଇଟିୟୁର ଜନାର୍ଦ୍ଦନ ପତି, ଏଆଇସିଟିୟୁସିର ପୂର୍ଣ୍ଣ ଚନ୍ଦ୍ର ବେହେରା, କିଶୋର ଜେନା, ମଦନ ମୋହନ ଧଳ, ବିଜୟ ଜେନା, ସୁର ଜେନା, ମହେନ୍ଦ୍ର ପରିଡା, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଧାରଣାରେ ଯୋଗ ଦେଇଥିଲେ।

## ପସ୍ ମେଶିନ ବ୍ୟବହାର ପ୍ରତ୍ୟାହାର ଦାବି



ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ରିଟେଲରମାନେ ।

ପୁରୀ ଅଫିସ,୪।୭: ରାଶନ ସାମଗ୍ରୀ ଯୋଗାଣ ବେଳେ ପସ୍ (ପଏଣ୍ଟ ଅଫ୍ ସେଲ୍) ମେଶିନ ବ୍ୟବହାର ପ୍ରତ୍ୟାହାର ପାଇଁ ପୁରୀ ଜିଲା ଖୁଚୁରା ବିକ୍ରେତା ସଂଘ ଦାବି କରିଛି। ଏଥିସହ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ଉପଜିଲାପାଳ ଭବତାରଣ ସାହୁଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଦୀର୍ଘବର୍ଷ ହେବ ସେମାନେ ପଡ଼ିକାର୍ଡଧାରୀଙ୍କୁ ସ୍ୱଳ୍ପ ଲାଭାଂଶରେ ସେବା ଯୋଗାଇ ଆସୁଛନ୍ତି। କରୋନା ସମୟରେ ଘର ଘର ବୁଲି ରାଶନ ଯୋଗାଇବା ସହ ବିନା ପାରିଶ୍ରମିକରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମାଗଣା ଚାଉଳ, ଡାଲି ବଣ୍ଟନ କରିଥିଲେ। ପୂର୍ବ ୩ ମାସ (ଏପ୍ରିଲ, ମେ ଓ ଜୁନ) ଯୋଗାଣ ବିଭାଗ ପସ୍ ମେଶିନ ବ୍ୟବହାର ନ କରି ସାମାଜିକ ଦୂରତ୍ୱ ରଖି ଖାଉଟିଙ୍କୁ ରାଶନ ସାମଗ୍ରୀ ଦେବାକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଜୁଲାଇ, ଅଗଷ୍ଟରେ ପସ୍ ମେଶିନ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ପ୍ରତ୍ୟାହାର ଦାବି କରିଛି ସଂଘ। ସେହିପରି କାର୍ଯ୍ୟରତ ଖୁଚୁରା ବିକ୍ରେତାଙ୍କୁ କରୋନା ଯୋଦ୍ଧା ଘୋଷଣା ଏବଂ ମାସ୍କ, ସାନିଟାଇଜର, ଗ୍ଲୋଭ୍‌ସ ଇତ୍ୟାଦି ସୁରକ୍ଷା ଉପକରଣ ଯୋଗାଣ ସାଙ୍ଗକୁ ୨୫ଲକ୍ଷ ଟଙ୍କାର ବୀମାଭୁକ୍ତ କରାଯିବାକୁ ସଂଘ ଦାବି କରିଛି।

## ଏକାମ୍ରରେ ଶୁଭିବନି କାଉଡ଼ିଆଙ୍କ ବୋଲବମ୍

ପୁରୁଣା ଭୁବନେଶ୍ୱର, ୪।୭(ଡି.ଏନ୍.ଏ.): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିରୁ ରକ୍ଷା ପାଇବା ଲାଗି ସରକାର ଗୋଟିଏ ପରେ ଗୋଟିଏ କଟକଣା ଜାରି କରୁଛନ୍ତି। ବିଶେଷକରି ଭିଡ଼ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ବଲବମ ଯାତ୍ରା ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଫଳରେ ଏକାମ୍ର କ୍ଷେତ୍ରରେ ଆଉ ଶୁଭିବ ନାହିଁ କାଉଡ଼ିଆଙ୍କ 'ବୋଲବମ ହରହର ବମ'। ଶ୍ରୀଲିଙ୍ଗରାଜ ମନ୍ଦିରରେ ପାଳନ ହେବନି ଶ୍ରାବଣୀ ଜଳଲାଗି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଶ୍ରାବଣ ମାସରେ ସର୍ବସାଧାରଣ ଓ କାଉଡ଼ିଆଙ୍କ ଜଳଲାଗି ନେଇ କଟକଣା ଜାରି କରିଛନ୍ତି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶଙ୍କ ସୂଚନା ମୁତାବକ, ଶ୍ରୀ ଲିଙ୍ଗରାଜଙ୍କ ନୀତିକାନ୍ତିରେ କୌଣସି ପରିବର୍ତ୍ତନ ହୋଇନାହିଁ। କେବଳ ସାଧାରଣ ଭକ୍ତଙ୍କୁ ବାରଣ କରାଯାଇଛି।

# କ୍ୟାନ୍‌ସର ହସ୍ପିଟାଲରେ ଉତ୍ତେଜନା

## ପଦାଧିକାରୀଙ୍କୁ ଛୁଇଁ ସଂକ୍ରମିତ କରିବାକୁ ଗୋଡ଼ାଇଲେ ଆକ୍ରାନ୍ତ

କଟକ ଅଫିସ,୪।୭

**ଏନ୍‌ଡିଆର୍‌ଏଫ୍ ଗାଡ଼ିରେ ବସିଲେ ନାହିଁ କରୋନା ଆକ୍ରାନ୍ତ**

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ କରୋନା ସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ଏଠାରେ ଶନିବାର ପୁଣି ଆଉ ୩୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନିରାପତ୍ତାରକ୍ଷୀ ହୋଇଥିବା ବେଳେ ଅନ୍ୟ ସମସ୍ତେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଥିବା ଜଣାପଡ଼ିଛି। ଶନିବାର ରାତି ୧୦ଟାରେ କରୋନା ଆକ୍ରାନ୍ତଙ୍କୁ ସ୍ଥାନାନ୍ତର କରିବା ପାଇଁ ଏନ୍‌ଡିଆର୍‌ଏଫ୍ ଗାଡ଼ି ପହଞ୍ଚିବା ବେଳେ ସେମାନଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଆକ୍ରାନ୍ତ ଓ ସେମାନଙ୍କ ସମ୍ପର୍କୀୟ ହସ୍ପିଟାଲ ପଦାଧିକାରୀଙ୍କୁ ଏଥିପାଇଁ ଦୋଷାରୋପ କରି ଗାଡ଼ିରେ ଆଦୌ ବସି ନ ଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଠିକ୍ ଭାବେ ସାନିଟାଇଜ୍ ଓ ଅନ୍ୟ ପଦକ୍ଷେପ ନ ନେବାରୁ ଏଭଳି ପରିସ୍ଥିତି ହୋଇଥିବା କହି ସେମାନେ ହୋହଲ୍ଲା କରିଥିଲେ। ଏପରିକି ପଦାଧିକାରୀଙ୍କୁ ଛୁଇଁ କରୋନାରେ ପକାଇବାକୁ ଧମକ ଦେଇଥିଲେ। ଫଳରେ ବାଧହୋଇ ସ୍ଥିତି ନିୟନ୍ତ୍ରଣ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ପୋଲିସ ଡକାଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ୨୬ ତାରିଖରେ ପ୍ରଥମେ ଏଠାରେ ଭର୍ତ୍ତି ହୋଇଥିବା ଗଞ୍ଜାମ ଅଞ୍ଚଳର ଜଣେ ରୋଗୀ କରୋନା ଆକ୍ରାନ୍ତ ହୋଇଥିଲେ। ଏହାପରେ ଗତ ଜୁନ୍ ୨୭ ତାରିଖ ୨ ଜଣ, ୨୯ରେ ୬ ଜଣ, ୩୦ରେ ୭ ଜଣ, ଜୁଲାଇ ୨ରେ ୫୫ ଜଣ ଏବଂ ୩ ତାରିଖରେ ୫ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି। ଏଯାବତ୍ ଏହି ହସ୍ପିଟାଲରୁ ୧୧୪ ଜଣ କରୋନା ପଜିଟିଭ୍ ବାହାରିଥିବା ଜଣାପଡ଼ିଛି। ସେହିପରି ଏସ୍‌ସିବି ଆଇସୋଲେଶନ ୱାର୍ଡ଼ରୁ ଶନିବାର ୬ ଜଣ ଏବଂ ନ୍ୟୁରୋ ସର୍ଜରୀ ୱାର୍ଡରୁ ଜଣେ କର୍ମଚାରୀ କରୋନାର ଶିକାର ହୋଇଛନ୍ତି।

# ‘ବ୍ୟକ୍ତି ପିଛା କଲ୍ୟାଣକାରୀ ଯୋଜନା କରି ମୋଦି ଉଦାହରଣ ସୃଷ୍ଟି କରିଛନ୍ତି’

### ଭାଜପା ରାଜ୍ୟସ୍ତରୀୟ ଅନୁସୂଚିତ ଜାତି ଭର୍ଚୁଆଲ ରାଲି

ଭୁବନେଶ୍ୱର, ୪।୭(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବ୍ୟକ୍ତି ପିଛା କଲ୍ୟାଣକାରୀ ଯୋଜନା କରି ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ଶନିବାର ରାଜ୍ୟସ୍ତରୀୟ ଅନୁସୂଚିତ ଜାତି ଜନସମ୍ବାଦ ଭର୍ଚୁଆଲ ରାଲିରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । ନିଜ ଅଭିଭାଷଣରେ ଧର୍ମେନ୍ଦ୍ର କହିଲେ, ଗରିବ ପରିବାରରୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଗରିବଙ୍କୁ ଘର, ଶୌଚାଳୟ, ରନ୍ଧନ ଗ୍ୟାସ୍, ବିଜୁଳି ସଂଯୋଗ ସୁବିଧା ପ୍ରଦାନ କରିଛନ୍ତି। କରୋନା ସମୟରେ ଗରିବଙ୍କୁ ମାସିକ ମୁଣ୍ଡ ପିଛା ୫ କେଜି ଚାଉଳ ଓ ପରିବାର ପିଛା ୧ କେଜି ଡାଲି ଯୋଗାଇବାର ବ୍ୟବସ୍ଥା କରିଛନ୍ତି। ସାମୂହିକ ବିକାଶ କେନ୍ଦ୍ର ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭାଜପା ଏସ୍‌ସି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୋଦ ସୋନକାର କହିଲେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଜନଜାତିଙ୍କୁ ସଶକ୍ତ କରିଛି। କରୋନା ସମୟରେ ପ୍ରଧାନମନ୍ତ୍ରୀଙ୍କ ଉଚିତ ପଦକ୍ଷେପ ଏସ୍‌ସିଏସ୍‌ଟି ବର୍ଗକୁ ଲାଭ ଦେଇଛି ବୋଲି ସେ କହିଥିଲେ। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଲେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନୂଆ ରାଜନୀତି ସଂସ୍କୃତି ଆରମ୍ଭ କରାଯାଇଛି। ଭାଜପା ଏସ୍‌ସି ମୋର୍ଚ୍ଚାର ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇ କହିଲେ, କଂଗ୍ରେସ ସରକାରରେ ଜନଜାତି ଓ ଦଳିତ ବର୍ଗର ଲୋକମାନଙ୍କୁ ଅବହେଳା କରାଯାଉଥିଲା। ମୋଦି ସରକାରଙ୍କ ଅମଳରେ ସେମାନଙ୍କୁ ସଶକ୍ତ କରାଯାଇଛି ବୋଲି ସେ ମତ ରଖିଥିଲେ। ଭର୍ଚୁଆଲ ରାଲିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଏସ୍‌ସି ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ସୁଶାନ୍ତ ମଲ୍ଲିକ, ମୋର୍ଚ୍ଚା ପ୍ରଭାରୀ ଦିଲୀପ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବୃହତ୍ ବନ୍ଦର କ୍ଷେତ୍ରରେ ପାରାଦୀପ ୧ ନମ୍ବର

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ପାରାଦୀପ,୪।୭(ସ୍ୱ.ପ୍ର.)**–ଦେଶରେ ବୃହତ୍ ବନ୍ଦର କ୍ଷେତ୍ରରେ ପାରାଦୀପ ୧ ନମ୍ବର ସ୍ଥାନ ହାସଲ କରିଛି। ଏଥିସହ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ପଣ୍ୟ କାରବାର ୨୫.୭୩ ମିଲିୟନ ମେଟ୍ରିକ ଟନ୍ କରିଛି। ଏହି ମାନ୍ୟତା ପାଇବା ପରେ ବନ୍ଦର କର୍ତ୍ତୃପକ୍ଷଙ୍କୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ଏହି ବନ୍ଦର ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ସମୃଦ୍ଧ କରୁଛି ବୋଲି ନବୀନ କହିଛନ୍ତି। ଏନେଇ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ଉପାଧ୍ୟକ୍ଷ ଏ.କେ ବୋଷ ବନ୍ଦରର ସମସ୍ତ କର୍ମଚାରୀ, ଶ୍ରମିକ, ଆମଦାନୀ ରପ୍ତାନିକାରୀ ସଂସ୍ଥାକୁ ଶୁଭେଚ୍ଛା ଜଣାଇଛନ୍ତି। ପାରାଦୀପକୁ ଆଗକୁ ନେବାରେ ସହଯୋଗ କରିଥିବାରୁ ସେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ଏଲ୍. ମାଣ୍ଡବୀୟ ଓ ସଚିବ ସଞ୍ଜିବ ରଞ୍ଜନ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଟାଉନ୍ ଥାନା ଆଇଆଇସି ନିଖୋଜ ନେଇ ଚର୍ଚ୍ଚା

ବାଲେଶ୍ୱର ଅଫିସ, ୪।୭



ଆଇଆଇସି ସରୋଜିନୀ ନାୟକ।

ବାଲେଶ୍ୱର ଟାଉନ୍ ଥାନା ଆଇଆଇସି ସରୋଜିନୀ ନାୟକ ଗତ ୧ତାରିଖଠାରୁ ନିଖୋଜ ଥିବା ଚର୍ଚ୍ଚା ଜୋର ଧରିଛି। ତାଙ୍କୁ ଫୋନ୍ କଲେ ଉଠାଉନାହାନ୍ତି। ତାଙ୍କ ମୋବାଇଲ୍ ବନ୍ଦ ଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୂଚନା ଦେଇଛନ୍ତି।

ଆଇଆଇସି ଶୁକ୍ରବାର ଅପରାହ୍ନ ଗୋଟାଏରୁ ସନ୍ଧ୍ୟା ୭ଟା ୪୫ ଯାଏ ଥାନାରେ ଥିଲେ। ପରେ ସେ ଏକ ଘରୋଇ ଗାଡ଼ିରେ ବାହାରି ଯାଇଥିଲା। ଏହାପରଠାରୁ ତାଙ୍କର ପତ୍ତା ମିଳୁନାହିଁ। ରାତି ୮ଟାରେ ଭିଜିଲାନ୍ସର ଏକ ଟିମ୍ ଥାନାରେ ପହଞ୍ଚି ଆଇଆଇସିଙ୍କୁ ଖୋଜିବା ପରେ ସନ୍ଦେହ ବଢ଼ିଯାଇଥିଲା। ଗତ ୧ତାରିଖରେ ଏକ ଜମିଜମା ବିବାଦର ସମାଧାନ ପାଇଁ ବାଲେଶ୍ୱର ଟାଉନ ଥାନା ସବ୍‌ଇନ୍ସପେକ୍ଟର ବିମଳ କର ଜଣେ ଦଲାଲଙ୍କ ମାଧ୍ୟମରେ ୨୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ଘଟଣାରେ ସବ୍‌ଇନ୍ସପେକ୍ଟର କର ଓ ଦଲାଲ ଉଭୟେ ଗିରଫ ହୋଇ ଜେଲ୍ ଯାଇଛନ୍ତି। ଗିରଫ ଅଭିଯୁକ୍ତ ଆଇଆଇସି ସରୋଜିନୀଙ୍କ ନିର୍ଦ୍ଦେଶରେ ଉକ୍ତ ଲାଞ୍ଚ କାରବାର କରୁଥିବା କହିବା ପରେ ଖୋଳତାଡ ଆରମ୍ଭ ହୋଇଥିବା ଭିଜିଲାନ୍ସ ଏସ୍‌ପି କହିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କୁହନ୍ତି, ଆଇଆଇସି ସରୋଜିନୀ ନାୟକ ଛୁଟିରେ ଅଛନ୍ତି। ତେବେ ସେ କେଉଁଠାରେ ଅଛନ୍ତି ତାହା ଜାଣି ନ ଥିବା ଏସ୍‌ପି ସୂଚନା ଦେଇଛନ୍ତି।















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ